


'ବେବି ଜନ୍'ରେ ରକ୍ତମୁଖା ବରୁଣ
▶ପୃଷ୍ଠା ୧୫ ଦେଖନ୍ତୁ...



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-235 ◆BHUBANESWAR ◆MONDAY ◆19 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୫ ◆ଭୁବନେଶ୍ୱର ◆ସୋମବାର ◆୧୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦





ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-235 ◆BHUBANESWAR ◆MONDAY ◆19 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୫ ◆ଭୁବନେଶ୍ୱର ◆ସୋମବାର ◆୧୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

**ଜାତିସଂଘରେ ଜାତିସଂଘକୁ ଭାରତର ପ୍ରଶ୍ନ**

# ସ୍ଥାୟୀ ଆସନ ମିଳିବ କେବେ ?

**ଜାତିସଂଘ, ୧୮।୨ (ଏଜେନ୍ସି):** ଭାରତ ପୁଣିଥରେ ଜାତିସଂଘରେ ଜାତିସଂଘକୁ ସମାଲୋଚନା କରିଛି। ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ରେ ସ୍ଥାୟୀ ସଦସ୍ୟତା ନ ମିଳିବାକୁ ନେଇ ପ୍ରଶ୍ନବାଣ ମାରିଛି। ଦେଶକୁ କେବେ ସ୍ଥାୟୀ ସଦସ୍ୟତା ମିଳିବ ବୋଲି ପ୍ରଶ୍ନ କରାଯାଇଛି। ଶନିବାର ବିଳମ୍ବିତ ରାତିରେ ୟୁଏନରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ କହିଛନ୍ତି ଯେ ଭାରତର ସ୍ଥାୟୀ ଉପସ୍ଥିତି ବିନା ନ୍ୟାୟସଙ୍ଗତ ଏବଂ ସମାବେଶୀ ବିଶ୍ୱ ସମ୍ଭବ ନୁହେଁ। ଭାରତ ବିନା ବିଶ୍ୱରେ ସମସ୍ତଙ୍କୁ ଏକାଠି ନେଇ ଚାଲିବା କଠିନ। ଏଥିପାଇଁ ସୁରକ୍ଷା ପରିଷଦରେ ଜରୁରୀ ସୁଧାର ହେବା ଆବଶ୍ୟକ। ଏହି ସଂଗଠନରେ ଭାରତକୁ ସ୍ଥାୟୀ ସଦସ୍ୟତା ଦେବାରେ କାହିଁକି ବିଳମ୍ବ ହେଉଛି? କେତେ ଦିନ ପର୍ଯ୍ୟନ୍ତ ପାଞ୍ଚ ସ୍ଥାୟୀ ସଦସ୍ୟଙ୍କ ଇଚ୍ଛାକୁ ୟୁଏନର ଶହେଅଠାଅଶି ସଦସ୍ୟ ରାଷ୍ଟ୍ରଙ୍କ ଉପରେ ଲଦି ଦିଆଯିବ। ଏଭଳି ଆଭିମୁଖ୍ୟରେ ପରିବର୍ତ୍ତନ ହେବା ଜରୁରୀ। ଏହା ପୂର୍ବରୁ ପାକିସ୍ତାନ ଭାରତର ସ୍ଥାୟୀ ସଦସ୍ୟତାକୁ ବିରୋଧ କରିଥିଲା। ଏହାକୁ ନେଇ ରୁଚିରା କମ୍ବୋଜ ପାକିସ୍ତାନକୁ ଦୃଢ଼ ଜବାବ ଦେଇଛନ୍ତି। ଭାରତ ୟୁଏନର ମଜବୁତ ଭବିଷ୍ୟତ କଥା ଚିନ୍ତା କରୁଥିବାବେଳେ ପାକିସ୍ତାନ ଏହି ପଥରେ ସମସ୍ୟା ସୃଷ୍ଟି କରିବାକୁ ଚିନ୍ତା କରୁଛି। ବିଶ୍ୱର ବଡ଼ ପ୍ଲାଟଫର୍ମରେ ମଧ୍ୟ ପାକିସ୍ତାନକୁ ଏପରି କରିବାକୁ ଲଜ୍ଜା ଲାଗୁ ନାହିଁ ବୋଲି ରୁଚିରା କହିଛନ୍ତି।

**ଭାରତ ବିନା ସବୁ ରାଷ୍ଟ୍ରଙ୍କୁ ଏକାଠି ନେଇ ଚାଲିବା କଠିନ**




# ଅନୁଗୋଳ କଂଗ୍ରେସକୁ ବଡ଼ ଧକ୍କା

■ ହାତ ଛାଡ଼ି ଶଙ୍ଖ ଫୁଙ୍କିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ଳବ ଜେନା
■ ଅନୁଗୁଳର ବିକାଶ ପାଇଁ ସମ୍ମିଳିତ କାର୍ଯ୍ୟ କରିବାକୁ ପ୍ରଣବଙ୍କ ଆହ୍ୱାନ

**ଭୁବନେଶ୍ୱର/ଅନୁଗୋଳ, ୧୮।୨(ସମିସ):** ଅନୁଗୋଳରେ କଂଗ୍ରେସକୁ ଲାଗିଛି ବଡ଼ ଧକ୍କା। ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ତଥା ୨୦୧୯ରେ ଦଳର ବିଧାୟକ ପ୍ରାର୍ଥୀ ବିପ୍ଳବ ଜେନା ନିଜର ହଜାର ହଜାର ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଉପସ୍ଥିତିରେ ବିପ୍ଳବ ଓ ତାଙ୍କ ସମର୍ଥକମାନେ ବିଧିବଦ୍ଧ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି।

ଏହି ଅବସରରେ ସାଂଗଠନିକ ସମ୍ପାଦକ ଶ୍ରୀ ଦାସ କହିଛନ୍ତି ଯେ, ଅନୁଗୁଳ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବିକାଶ ପର୍ବ ଚାଲିଛି। ସବୁଆଡ଼େ ରୂପାନ୍ତରଣ ଜଳଜଳ ଦେଖାଯାଉଛି। ଅନୁଗୁଳ ଜିଲ୍ଲାରେ ବିକାଶ କାମ ତ୍ୱରାନ୍ୱିତ କରିବା ସହିତ ଲୋକାଭିମୁଖୀ କାର୍ଯ୍ୟକ୍ରମର ବ୍ୟାପକ ସମ୍ପ୍ରସାରଣ ପାଇଁ ଏକ ସମନ୍ୱୟ କମିଟି ଗଠନ କରାଯିବ। ଏହି କମିଟିରେ ସମସ୍ତେ ମିଳିତ ଭାବେ କାମ କରିବେ। ବିପ୍ଳବ ଜେନାଙ୍କ ଯୋଗଦାନ ଫଳରେ ଅନୁଗୁଳ ଜିଲ୍ଲାରେ ବିଜେଡି ଆହୁରି ମଜଭୁତ ହେବା ସହ ଓ ଆମେ ସମସ୍ତେ ଏକାଠି ହୋଇ ଦଳ ପାଇଁ କାମ କରିବା ବୋଲି ପ୍ରଣବପ୍ରକାଶ କହିଛନ୍ତି। ସେହିପରି ବିପ୍ଳବ ଜେନା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି ଆଦର୍ଶ ଓ ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଦେଇଛି। ଅନୁଗୁଳ ଜିଲ୍ଲାରେ ଆମେ ସମସ୍ତେ ମିଳିତ ଭାବେ ସଂଗଠନ ସୁଦୃଢ଼ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବିକାଶ ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ନିଷ୍ଠାର ସହ କାମ କରିବୁ। ବିଜେଡିରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ଶ୍ରୀ ଜେନା କହିଛନ୍ତି। ଏହି ମିଶ୍ରଣ ପର୍ବରେ ଅନୁଗୁଳ ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୁଳ ଜିଲ୍ଲା ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଏବଂ ଅନୁଗୁଳ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀ ଜେନାଙ୍କ ସହିତ ଜିଲ୍ଲା ମହିଳା କଂଗ୍ରେସ ସଭାପତି ତପସ୍ୱିନୀ ବିଶ୍ୱାଳ, ଯୁବ କଂଗ୍ରେସ ଉପସଭାପତି ବାପୁନ କୁମାର ଦେହୁରୀ, ବାପୁଜୀ ପ୍ରଧାନ, ରାକେଶ କୁମାର ସାହୁ, ଅନ୍ନଦା ସାହୁ, ଆଲୋକ ଦାସ, ନାଲକୋ ଠିକା ଶ୍ରମିକ ସମନ୍ୱୟ ସମିତି ଆବାହକ ଅନୀଲ ବରାଳ, ସୁଜନ କୁମାର ପରିଡ଼ା, ବୁଲୁ ସାହୁ, ଆଶୁତୋଷ ମିଶ୍ର, ଗୋବିନ୍ଦ ପ୍ରଧାନ, ମୁକେଶ ଜେନା, ଅଶୋକ ପ୍ରଧାନ, ମନୋଜ ପ୍ରଧାନ, ସନ୍ତୋଷ ମହାରଣା, ହିମାଂଶୁ ସାମଲ, ଦୀପକ ସେଠ, କୁଲାଡ ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଅଶୋକ ଜେନା, ସୁମନ୍ତ ସାମଲ, ଉପସଭାପତି ସ୍ୱପ୍ନେଶ୍ୱର ସାମଲ, ପ୍ରଦୀପ ମାଝୀ, ସୁବଳ ବେହେରା, ଧୂଳିଆ ସାହୁ, ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ରାକେଶ ଜେନାଙ୍କ ସହ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଆଜିଠୁ ନୂଆ ଓଡ଼ିଶା ବିଶ୍ୱ ସମ୍ମିଳନୀ

**ଭୁବନେଶ୍ୱର, ୧୮।୨ (ସମିସ):** ସୋମବାରଠାରୁ ଦୁଇଦିନିଆ 'ନୂଆ ଓଡ଼ିଶା' ବିଶ୍ୱ ସମ୍ମିଳନୀ ଆୟୋଜନ ହେବ। ଏହି ସମ୍ମିଳନୀ ଦ୍ୱାରା ରାଜ୍ୟ ସରକାର ରାଜ୍ୟର ବୃଦ୍ଧି ଓ ସଶକ୍ତୀକରଣ ଉପରେ ମାନସମନ୍ଥନ କରିବା ସହ ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟତଃ ରାଜ୍ୟରେ କିପରି ଶିଳ୍ପ କ୍ଷେତ୍ର ବୃଦ୍ଧି ପାଇବ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ତାହା ଉପରେ ଏଠାରେ ଆଲୋଚନା କରାଯିବ। ଏହାବ୍ୟତୀତ ଦୁଇଦିନିଆ କାର୍ଯ୍ୟକ୍ରମରେ ଏକାଧିକ ସଂସ୍ଥା ସହ ବିଭିନ୍ନ ପ୍ରସଙ୍ଗରେ ଏମ୍ଓୟୁ କରାଯିବାର କାର୍ଯ୍ୟକ୍ରମ ରହିଛି। ଏକ ଘରୋଇ ହୋଟେଲ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ଯୋଗଦେଇ ଉଦ୍‌ବୋଧନ ଦେବେ। କାର୍ଯ୍ୟକ୍ରମରେ ଟାଟା ଷ୍ଟ୍ରାଇଭ୍ ଓ ଆଏଏସ୍‌ବି ହାଇଦରାବାଦ ସହ ମୁଖ୍ୟମନ୍ତ୍ରୀ ବୃତ୍ତି ପାଇଁ ଏମ୍ଓୟୁ କରାଯିବାକୁ ଥିବା ବେଳେ ଦିଲ୍ଲୀ ଆଇଆଇଟି ଶିକ୍ଷଣ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ଏମ୍ଓୟୁ ହେବ ବୋଲି ସୂଚନା ମିଳିଛି। ଜିଏମ୍ଆର୍ ଏରୋ ଏକାଡେମୀ, ଆଇଆଇଟି ଚେନ୍ନାଇ, ଓୟୋ, ଜନସନ୍ ଲିଫ୍ଟ, ମାଇକ୍ରୋସଫ୍ଟ କର୍ପୋରେସନ ଭଳି ବିଭିନ୍ନ ସଂସ୍ଥା ସହ ଏମ୍ଓୟୁ କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ ଛାତ୍ରଛାତ୍ରୀମାନେ ରୋଜଗାରକ୍ଷମ ହେଉଛନ୍ତି, ସେମାନଙ୍କୁ କିପରି ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ, ତାହା ଉପରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ୨୦ ଫେବୃଆରୀରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବହୁ ଶିଳ୍ପ ସଂସ୍ଥାର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

**■ ଆୟୁର୍ବେଦିକ ସଂଘର ୪ର୍ଥ ସମ୍ମିଳନୀ**

# ସ୍ୱାସ୍ଥ୍ୟସେବାରେ ଆୟୁର୍ବେଦିକ ଚିକିତ୍ସାର ଗୁରୁତ୍ୱ ଅନେକ: ମନ୍ତ୍ରୀ

**ଭୁବନେଶ୍ୱର, ୧୮।୨ (ସମିସ):** ଚିକିତ୍ସା ବିଜ୍ଞାନରେ ଆୟୁର୍ବେଦିକ ଚିକିତ୍ସା ସମଗ୍ର ମାନବ ସମାଜକୁ ପାର୍ଶ୍ୱପ୍ରତିକ୍ରିୟା ବିହୀନ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି। ପରିବର୍ତ୍ତିତ ସମୟରେ ଆୟୁର୍ବେଦିକ ଚିକିତ୍ସା ଓ ଆୟୁଷ ଡାକ୍ତରଙ୍କ ଗୁରୁତ୍ୱ ଅନେକ ଗୁଣରେ ବୃଦ୍ଧି ପାଇଛି। ଡାକ୍ତରମାନେ ବହୁତ ଭଲ କାମ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ଆଜି ଭୁବନେଶ୍ୱରରେ ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦିକ ସମ୍ମିଳନୀ ଓ ନିଖିଳ ଭାରତ ଆୟୁର୍ବେଦିକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ୪ର୍ଥ ବାର୍ଷିକ ଅଧିବେଶନରେ ଯୋଗଦେଇ ଶ୍ରୀ ପୂଜାରୀ କହିଥିଲେ, ପ୍ରତ୍ୟେକ ନାଗରିକଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ସେହି ଲକ୍ଷ୍ୟ ନେଇ '୫-ଟି' ଉପକ୍ରମ ଅଧୀନରେ ଆୟୁଷ ଡାକ୍ତରଖାନାଗୁଡ଼ିକର ରୂପାନ୍ତରଣ କରାଯାଉଛି। କୋଭିଡ୍ ସମୟରେ ଆୟୁର୍ବେଦିକ ଚିକିତ୍ସା ରୋଗୀଙ୍କୁ ନୂଆ ଜୀବନ ଦେଇଥିଲା ବୋଲି ମନ୍ତ୍ରୀ କହିଥିଲେ। ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର କହିଥିଲେ ଯେ ସତ୍ୟ ଯୁଗରୁ ଆୟୁର୍ବେଦିକ ଚିକିତ୍ସା ଉପଯୋଗ ହେଉଛି। ମହାପ୍ରଭୁଙ୍କୁ ଜ୍ୱରରୁ ସୁସ୍ଥ କରିବା ପାଇଁ ମଧ୍ୟ ଆୟୁର୍ବେଦିକ ଚିକିତ୍ସା କରାଯାଉଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ନାରାୟଣ ଚନ୍ଦ୍ର ଦାଶ କହିଥିଲେ ଯେ ଆୟୁର୍ବେଦିକ ଚିକିତ୍ସାରେ ସବୁବେଳେ ଲୋକେ କିପରି ସୁସ୍ଥ ହୋଇପାରିବେ, ସେହି ଲକ୍ଷ୍ୟ ନେଇ ଚିକିତ୍ସା କରାଯାଏ। ସଭାପତି ଉମେଶ ଚନ୍ଦ୍ର ପୃଷ୍ଟି, ସମ୍ପାଦକ ଗୌରୀ ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ତିନିଶହରୁ ଊର୍ଦ୍ଧ୍ୱ ଚିକିତ୍ସକ ଏବଂ ଗବେଷକ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ରୂପେ ଡା. ଧନେଶ୍ୱର ବଳିଆରସିଂ ସଭାପତି ଏବଂ ସାଧାରଣ ସମ୍ପାଦକ ଭାବେ ଡ଼ା ଶରତ କୁମାର ରାଉତ ନିର୍ବାଚିତ ହୋଇଛନ୍ତି।




**ମୋବାଇଲ ବ୍ୟବହାର**

# ପୁଅଙ୍କଠାରୁ ଝିଅ ପଛୁଆ

■ ୧୪-୧୮ ବୟସ ବର୍ଗର ୯୦% କିଶୋରଙ୍କ ପାଖରେ ମୋବାଇଲ୍
■ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଅଛନ୍ତି ୯୦% ଯୁବକ ଯୁବତୀ
■ ୟୁଟ୍ୟୁବ୍ ସର୍ଚ୍ଚ, ଗୁଗୁଲ ମ୍ୟାପ୍ ବ୍ୟବହାରରେ ପୁଅମାନେ ପ୍ରବୀଣ

**ଭୁବନେଶ୍ୱର,୧୮।୨(ସମିସ):** ଡିଜିଟାଲ ସାକ୍ଷରତା ବୃଦ୍ଧି ପାଇଁ କେନ୍ଦ୍ର ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଡିଜିଟାଲ ସାକ୍ଷରତା ଅଭିଯାନର ସୁଫଳ ପ୍ରତି ଘରେ ପହଞ୍ଚାଇବା ପାଇଁ ବିସ୍ତୃତ କାର୍ଯ୍ୟଖସଡ଼ା ଉପରେ କାମ ଚାଲିଛି; କିନ୍ତୁ ଗ୍ରାମାଞ୍ଚଳରେ ଏହାର ଦୁର୍ବଳ ଚିତ୍ର ଦେଖିବାକୁ ମିଳିଛି। ବିଶେଷକରି ଯୁବବର୍ଗ ବହୁ ପଛରେ ରହିଥିବା ବେଳେ ବାଳକ ଓ ବାଳିକାଙ୍କ ମଧ୍ୟରେ ବଡ଼ ତାରତମ୍ୟ ସାମ୍ନାକୁ ଆସିଛି। ଏକ ସର୍ଭେ ରିପୋର୍ଟ ଅନୁସାରେ ମୋବାଇଲ୍ ଫୋନ୍, କମ୍ପ୍ୟୁଟର ଚଳାଇବାରେ ପୁଅଙ୍କ ତୁଳନାରେ ଝିଅଙ୍କ ଦକ୍ଷତା ବହୁତ କମ୍। ଝିଅଙ୍କ ତୁଳନାରେ ଦୁଇ ଗୁଣା ଅଧିକ ପୁଅଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଛି। ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେସନ୍ ରିପୋର୍ଟ (ଏଏସ୍ଇଆର) ପକ୍ଷରୁ ଓଡ଼ିଶା ସମେତ ୨୬ ରାଜ୍ୟରେ ଡିଜିଟାଲ ସାକ୍ଷରତା ସମ୍ପର୍କରେ ସୂଚନା ସଂଗ୍ରହ ପାଇଁ ସର୍ଭେ କରାଯାଇଥିଲା। ଏଥିରେ ଗ୍ରାମାଞ୍ଚଳରେ ରହୁଥିବା ୧୪ରୁ ୧୮ ବର୍ଷ ମଧ୍ୟରେ ୩୪, ୭୪୫ ବାଳକ ବାଳିକାଙ୍କୁ ସାମିଲ କରାଯାଇଥିଲା।

ସଦ୍ୟତମ ରିପୋର୍ଟ ଅନୁସାରେ ୧୪-୧୮ ବର୍ଷ ମଧ୍ୟରେ ୯୦ ପ୍ରତିଶତ ଯୁବକ ଯୁବତୀଙ୍କ ପାଖରେ ମୋବାଇଲ୍ ଫୋନ୍ ଅଛି ଏବଂ ସେମାନେ ତାହାର ବ୍ୟବହାର ସମ୍ପର୍କରେ ଅବଗତ ଅଛନ୍ତି। ସାମଗ୍ରିକ ଭାବରେ ୪୩.୭% ପୁଅଙ୍କ ପାଖରେ ମୋବାଇଲ୍ ଫୋନ୍ ଥିବା ବେଳେ ମାତ୍ର ୧୯.୮% ଝିଅଙ୍କ ପାଖରେ ନିଜର ମୋବାଇଲ୍ ଫୋନ୍ ରହିଛି। ସର୍ଭେରେ ଅନ୍‌ଲାଇନ୍ ଉପଯୋଗ, ସାଇବର୍ ସୁରକ୍ଷା ସମ୍ପର୍କରେ ମଧ୍ୟ ସୂଚନା ସଂଗ୍ରହ କରାଯାଇଥିଲା। ୯୦% ଯୁବକ ଯୁବତୀ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଥିବା ବେଳେ ସେମାନଙ୍କ ମଧ୍ୟରେ ୯୩.୪% ବାଳକ ଏବଂ ୮୭.୮% ବାଳିକା ରହିଛନ୍ତି। ତେବେ ଅଧାରୁ ଅଧିକ ବ୍ୟବହାରକାରୀ ଅନ୍‌ଲାଇନ୍ ସୁରକ୍ଷା ସମ୍ପର୍କରେ ଅନଭିଜ୍ଞ ରହିଛନ୍ତି। ଏଠାରେ ମଧ୍ୟ ଝିଅଙ୍କ ତୁଳନାରେ ପୁଅଙ୍କ ସଂଖ୍ୟା ଅଧିକ।

ସେହିପରି ୟୁଟ୍ୟୁବ୍‌ରେ ନିର୍ଦ୍ଦିଷ୍ଟ ଭିଡିଓ ଖୋଜିବା, ଗୁଗୁଲ ସର୍ଚ୍ଚ କରିବା, ନିଜ ବନ୍ଧୁଙ୍କ ସହିତ ଭିଡିଓ ସେୟାର କରିବା, ମୋବାଇଲ୍ ଫୋନ୍‌ରେ ଆଲାର୍ମ ସେଟ୍ କରିବା, ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ଗୁଗୁଲ୍ ମ୍ୟାପ୍ ଜରିଆରେ ସମୟର ହିସାବ କରିବା ଭଳି କାମରେ ପୁଅଙ୍କ ତୁଳନାରେ ଝିଅମାନେ ପଛରେ ଅଛନ୍ତି ବୋଲି ଏହି ସର୍ଭେରୁ ଜଣାପଡ଼ିଛି। ଡିଜିଟାଲ ଦକ୍ଷତା ସମ୍ପର୍କରେ ସୂଚନା ସଂଗ୍ରହ ପାଇଁ ସର୍ଭେରେ ସାମିଲ ହୋଇଥିବା ଯୁବକ ଯୁବତୀଙ୍କୁ ନିଜ ସହ ମୋବାଇଲ୍ ଫୋନ୍ ଆଣିବା ପାଇଁ କୁହାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୭୨.୯% ପୁଅ ଏବଂ ୬୨% ଝିଅ ପିଲା ମୋବାଇଲ୍ ଫୋନ୍ ଆଣିଥିଲେ। ଦୁଇ ତୃତୀୟାଂଶ ଯୁବକ ଯୁବତୀ କହିଥିଲେ ଯେ ସେମାନେ ଶିକ୍ଷା ଗ୍ରହଣ ପାଇଁ ମୋବାଇଲ୍ ଫୋନ୍ ବ୍ୟବହାର କରିଥାନ୍ତି ବୋଲି ରିପୋର୍ଟରେ କୁହାଯାଇଛି।







ସମାଧିସ୍ଥ ହେଲେ
ଜୈନ ମୁନି
ଆଚାର୍ଯ୍ୟ ବିଦ୍ୟାସାଗର

▶ପୃଷ୍ଠା ୭ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-235 ♦BHUBANESWAR ♦MONDAY ♦19 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୫ ♦ଭୁବନେଶ୍ୱର ♦ସୋମବାର ♦୧୯ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


# ଭାରତର ସର୍ବବୃହତ ଟେଷ୍ଟ ବିଜୟ



■ ରାଜକୋଟ, ୧୮।୨ (ଏଜେନ୍ସି): ଇଂଲଣ୍ଡକୁ ୪୩୪ ରନ୍‌ରେ ହରାଇ ଟେଷ୍ଟ କ୍ରିକେଟରେ ଐତିହାସିକ ବିଜୟ ହାସଲ କରିଛି ଭାରତ। ଏହି ବିଜୟ ବ୍ୟବଧାନ ଭାରତ ଏଯାଏ ଖେଳିଥିବା ୫୬୭ଟି ଟେଷ୍ଟରେ ସର୍ବବୃହତ। ପୂର୍ବରୁ ୨୦୨୧ରେ ନ୍ୟୁଜିଲାଣ୍ଡକୁ ୩୭୨ ରନ୍‌ରେ ହରାଇ ଭାରତ ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ଭାରତର ଏହି ସଫଳତା ବଳରେ ସୌରାଷ୍ଟ୍ର କ୍ରିକେଟ ସଂଘ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ୫ ଦିନିଆ ଟେଷ୍ଟ ମ୍ୟାଚ୍ ୪ ଦିନରେ ଶେଷ ହୋଇଛି। ଭାରତ ମଧ୍ୟ ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ରାଞ୍ଚିରେ ଚଳିତମାସ ୨୩ରୁ ଆରମ୍ଭ ହେବ। ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅଲରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଜାଡେଜା ଏହି ମ୍ୟାଚ୍‌ରେ ଭାରତର ପ୍ରଥମ ପାଳିରେ ୧୧୨ ରନ୍ କରିବା ସହ ଇଂଲଣ୍ଡ ପ୍ରଥମ ପାଳିରେ ୨ଟି ଓ ଦ୍ୱିତୀୟ ପାଳିରେ ୫ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଦୁଇଜଣ ଯୁବ ବ୍ୟାଟର ମଧ୍ୟ ଉଲ୍ଲେଖନୀୟ ସଫଳତା ପାଇଥିଲେ। ଭାରତର ଦ୍ୱିତୀୟ ପାଳିରେ ଓପନର ଯଶସ୍ୱୀ ଜୟସ୍ୱାଲ ୨୧୪ ରନ୍ କରି ଅପରାଜିତ ରହିଥିଲେ। ଚଳିତ ସିରିଜ୍‌ରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ। ସେହିପରି ଏଠାରେ ଟେଷ୍ଟ ପଦାର୍ପଣ କରିଥିବା ମୁମ୍ବଇର ସର୍ଫରାଜ ଖାନ୍ ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଛନ୍ତି।

**ସ୍ପିନ୍ ଯାଦୁରେ ମାଟି କାମୁଡ଼ିଲା ଇଂଲଣ୍ଡ**

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୪୫ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ପାଳିରେ ୩୧୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଜୟସ୍ୱାଲଙ୍କ ଅପରାଜିତ ୨୧୪ ଓ ଶୁବମାନ ଗିଲ୍‌ଙ୍କ ୯୧ ରନ୍ ବଳରେ ଭାରତ ୪ ୱିକେଟରେ ୪୩୦ ରନ୍ କରି ଦ୍ୱିତୀୟ ପାଳି ଘୋଷଣା କରିଥିଲା। ଏହା ଫଳରେ ଇଂଲଣ୍ଡ ଆଗରେ ୫୫୭ ରନ୍‌ର ରେକର୍ଡ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୩୯.୪ ଓଭରରେ ମାତ୍ର ୧୨୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳର ୧୦ ନମ୍ବର ଖେଳାଳି ସର୍ବାଧିକ ୩୩ ରନ୍ କରିଥିଲେ। ଏହି ପାଳିରେ ଭାରତ ପକ୍ଷରୁ ଜାଡେଜା ସର୍ବାଧିକ ୫ଟି, କୁଲଦୀପ ଯାଦବ ୨ଟି ୱିକେଟରେ ନେଇ ଭାରତକୁ ଏହି ଐତିହାସିକ ବିଜୟ ଦେଇଥିଲେ। ଇଂଲଣ୍ଡ ବିପକ୍ଷରେ ଏହା ଭାରତର ୩୩ତମ ଟେଷ୍ଟ ବିଜୟ।

## ସାପିଜେନ୍ ବାୟୋଲୋଜିକ୍ସ ପ୍ଲାଣ୍ଟ ପରିଦର୍ଶନ କଲେ '୫-ଟି' ଅଧ୍ୟକ୍ଷ

# ବିଶ୍ୱକୁ ଟିକା ଯୋଗାଇବ ଓଡ଼ିଶା

■ ଭୁବନେଶ୍ୱର, ୧୮।୨ (ସମିସ): ସାରା ବିଶ୍ୱକୁ ଟିକା ଯୋଗାଇବ ଓଡ଼ିଶା। କୋଭିଡ଼ ଟିକା ସହ କଲେରା, ମ୍ୟାଲେରିଆ ପରି ୧୫ ପ୍ରକାର ଘାତକ ଟିକା ଓଡ଼ିଶାରୁ ପ୍ରସ୍ତୁତ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଟିକା କେବଳ ରାଜ୍ୟ ଓ ଦେଶ ନୁହେଁ, ସାରା ବିଶ୍ୱର ଚାହିଦା ପୂରଣ କରିବ। ବିଶ୍ୱ ଜନସଂଖ୍ୟାର ଦଶଗୁଣ ଟିକା ଭୁବନେଶ୍ୱରର ଅନ୍ଧାରୁଆସ୍ଥିତ ବାୟୋଟେକ୍ ପାର୍କରେ ଉତ୍ପାଦନ ହେବ। ଆସନ୍ତା ମଇ ମାସରୁ ଏହି ଟିକାର ଉତ୍ପାଦନ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତି ଆଧାରରେ ସ୍ଥାପନ କରାଯାଇଥିବା ବାୟୋଟେକ୍ ପାର୍କ ଭବିଷ୍ୟତରେ ସାରା ବିଶ୍ୱର ଜୀବନରକ୍ଷାକାରୀ ଟିକା ପ୍ରସ୍ତୁତ କେନ୍ଦ୍ରରେ ପରିଣତ ହେବ।



କୋଭିଡ୍ ମହାମାରୀର ଭୟାବହତା ଓ ସାରା ବିଶ୍ୱରେ ଲକ୍ଷଲକ୍ଷ ଲୋକଙ୍କ ମୃତ୍ୟୁ ପରେ ଜୀବନ ରକ୍ଷାକାରୀ ଟିକାର ଗୁରୁତ୍ୱକୁ ବଢ଼ାଇ ଦେଇଛି। ସ୍ୱାସ୍ଥ୍ୟ ସେବାକୁ ସର୍ବଦା ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ରମରେ ରାଜ୍ୟରେ ଜୀବନରକ୍ଷାକାରୀ ଟିକା ଉତ୍ପାଦନ ନିମନ୍ତେ ଆରମ୍ଭ କରିଥିଲେ କାର୍ଯ୍ୟକ୍ରମ। ଏହାର ପରିଣାମ ସ୍ୱରୂପ ଅନ୍ଧାରୁଆରେ ସ୍ଥାପନ ହୋଇଛି ବାୟୋଟେକ୍ ପାର୍କ। ଏହି ପାର୍କରେ ବିଭିନ୍ନ ସଂସ୍ଥା ଗବେଷଣା ଓ ଟିକା ଉତ୍ପାଦନ ନିମନ୍ତେ ପ୍ରକଳ୍ପ ସ୍ଥାପନ କରିଛନ୍ତି।

ଆଜି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଭାରତ ବାୟୋଟେକ୍ ପାର୍କରେ ଡ. କ୍ରିଷ୍ଣା ଏଲ୍ଲାଙ୍କ ତତ୍ତ୍ୱାବଧାନରେ ସ୍ଥାପନ କରାଯାଇଥିବା ସାପିଜେନ୍ ବାୟୋଲୋଜିକ୍ସ ଭ୍ୟାକ୍ସିନ୍ ପ୍ଲାଣ୍ଟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ଶ୍ରୀ ପାଣ୍ଡିଆନ୍ ବିଭିନ୍ନ ସବ୍ ୟୁନିଟ୍ ପରିଦର୍ଶନ କରି ତାହାର କାର୍ଯ୍ୟକାରିତା ବୁଲି ଦେଖିବା ସହ କମ୍ପାନୀ କର୍ତ୍ତୃପକ୍ଷ, କର୍ମଚାରୀଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଛନ୍ତି। ▶ପୃଷ୍ଠା-୯

- **ସାପିଜେନ୍‌ରେ ଦୈନିକ ପ୍ରସ୍ତୁତ ହେବ ୨.୪ କୋଟି ଟିକା**
- **ମେ' ମାସରୁ ଉତ୍ପାଦନ; ରପ୍ତାନି ହେବ ୧୫ରୁ ଅଧିକ ପ୍ରକାର ଟିକା**
- **ବାର୍ଷିକ ଉତ୍ପାଦନ କ୍ଷମତା ବିଶ୍ୱ ଜନସଂଖ୍ୟାର ୧୦ ଗୁଣରୁ ଊର୍ଦ୍ଧ୍ୱ**
- **୧୫୦୦ କୋଟି ନିବେଶ, ୧୫୦୦ ଲୋକଙ୍କୁ ନିଯୁକ୍ତି**

# ଛାତ୍ରୀନିବାସ ମାଟ୍ରନ୍‌ଙ୍କ ପାରିଶ୍ରମିକ ୫୦% ବୃଦ୍ଧି

## ୧୦ ହଜାରରୁ ୧୫ ହଜାରକୁ ବଢ଼ିଲା ରାଶି

■ ଭୁବନେଶ୍ୱର, ୧୮।୨ (ସମିସ): ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ତଥା ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସରେ କାମ କରୁଥିବା ମହିଳା ମାଟ୍ରନମାନଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ସେମାନେ ମାସିକ ୧୦ହଜାର ଟଙ୍କା ପାଉଥିବାବେଳେ ସେଥିରେ ୫୦ ପ୍ରତିଶତ ବୃଦ୍ଧି କରି ୧୫ହଜାର କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ଏତଦ୍‌ବ୍ୟତୀତ ଯଦି କୌଣସି କାର୍ଯ୍ୟରତ ମହିଳା ମାଟ୍ରନ ଦୁର୍ଭାଗ୍ୟବଶତଃ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ଉତ୍ତରାଧିକାରୀଙ୍କୁ ଏକକାଳୀନ ଦୁଇ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ୬୦ ବର୍ଷରେ କାର୍ଯ୍ୟ ନିବୃତ୍ତ ହେବା ସମୟରେ ସେମାନଙ୍କୁ ଏକକାଳୀନ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ ବାର୍ଷିକ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସରକାର ଖର୍ଚ୍ଚ କରିବେ।

**ପରଲୋକରେ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଆର୍ଥିକ ସହାୟତା**

**କାର୍ଯ୍ୟ ନିବୃତ୍ତ ବେଳେ ମିଳିବ ଏକକାଳୀନ ୧ ଲକ୍ଷ ଟଙ୍କା**

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପିଲାଙ୍କ ପଢ଼ାରେ ମାଟ୍ରନମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡ଼ିକରେ ବାଲ୍ୟ ବିବାହ ରୋକିବା ସହ ଛାତ୍ରୀମାନଙ୍କ ସାକ୍ଷରତା ହାର ବୃଦ୍ଧି କରିବା କ୍ଷେତ୍ରରେ ଏହି ଛାତ୍ରୀ ନିବାସ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି।

## ଆଉ ପାଦେ ଆଗେଇଲା ପୁରୀ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର

# ୨୨୦୩ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ

■ ଭୁବନେଶ୍ୱର/ପୁରୀ, ୧୮।୨ (ସମିସ): ପୁରୀରେ ଗ୍ରୀନ୍ ଫିଲ୍ଡ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ରାଜ୍ୟ ସରକାର ୨୨୦୩ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରିଛନ୍ତି। ସରକାରୀ ଘରୋଇ ଭାଗିଦାରୀ (ପିପିପି) ମୋଡ୍‌ରେ ହେବାକୁ ଥିବା ଏହି ବିମାନବନ୍ଦର ପାଇଁ ଇଡକୋ ପକ୍ଷରୁ ଅନ୍ତର୍ଜାତୀୟ ଟେଣ୍ଡର ଆହ୍ୱାନ କରାଯାଇଛି। ସମ୍ପୃକ୍ତ ସଂସ୍ଥା ବିମାନବନ୍ଦର ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ମାର୍ଫତରେ ଇଡକୋ ଆହ୍ୱାନ କରିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ଏହି ବିମାନବନ୍ଦର ବାର୍ଷିକ ୪.୬ ନିୟୁତ ଯାତ୍ରୀଙ୍କୁ ସେବା ପ୍ରଦାନ ପାଇଁ ନିର୍ମାଣ କରାଯିବ ଏବଂ ସେବା ଆରମ୍ଭ ହେବାର ୭ ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ସଂସ୍ଥା ଦାୟିତ୍ୱରେ ରହିବ। ଏହି ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ୫୬୩୧ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତି ଦେଶ ବିଦେଶର କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ରହିଛି। ପ୍ରତି ଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀ ଆସୁଛନ୍ତି। ନିକଟରେ ଲୋକାର୍ପଣ ହୋଇଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମସ୍ତଙ୍କୁ ଆକୃଷ୍ଟ କରୁଥିବା ବେଳେ ପୁରୀ ସହରରେ ବ୍ୟାପକ ରୂପାନ୍ତରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭବିଷ୍ୟତକୁ ଦୃଷ୍ଟିରେ ▶ପୃଷ୍ଠା-୯

**ବାର୍ଷିକ ୪୬ ଲକ୍ଷ ଯାତ୍ରୀ ପରିଚାଳନା କ୍ଷମତା**

## ସୁଦୃଢ଼ ହେବ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି

# ବ୍ୟୟ ଅଟକଳ ୩୪୬୦ କୋଟି




■ ଭୁବନେଶ୍ୱର, ୧୮।୨ (ସମିସ): ପ୍ରତିଟି ଜୀବନ ମୂଲ୍ୟବାନ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଆହ୍ୱାନକୁ ମନ୍ତ୍ରରେ ପରିଣତ କରିଛି '୫-ଟି' ଉପକ୍ରମ। ଏହି କ୍ରମରେ ରାଜ୍ୟର ତିନି ପୁରୁଣା ମେଡିକାଲ କଲେଜ ସମେତ ଦୁଇ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିପାଇଁ ସରକାର ୩୪୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ଦେବେ। ସୂଚନାନୁସାରେ, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ସମ୍ପ୍ରସାରଣ ପାଇଁ ୯୫୦ କୋଟି ଏବଂ ବୁର୍ଲାସ୍ଥିତ ଭିମସାର ମେଡିକାଲ କଲେଜ ଓ ହସ୍ପିଟାଲର ସମ୍ପ୍ରସାରଣ ପାଇଁ ୯୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ପିଜି ଅନୁଷ୍ଠାନ (ଏଏଚ୍‌ପିଜିଆଇସି)ର ସମ୍ପ୍ରସାରଣ ପାଇଁ ୯୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ବେଳେ ରାଉରକେଲାସ୍ଥିତ ଆରଜିଏଚ୍‌ର ସମ୍ପ୍ରସାରଣ ନିମନ୍ତେ ୬୬୦ କୋଟି ଟଙ୍କା ବ୍ୟୟ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଏଚ୍‌ପିଜିଆଇସିରେ ରୋଗୀଙ୍କ ପାଇଁ ୧୦୦୦ ଶଯ୍ୟା ରହିବ। ପ୍ରଥମ ପର୍ଯ୍ୟାୟରେ ୬୮୦ ଶଯ୍ୟା ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ଏଥିସହ ପିଜି ଛାତ୍ରଛାତ୍ରୀ ଏବଂ ସିନିୟର୍ ରେସିଡେଣ୍ଟଙ୍କ ପାଇଁ ୨୫୦ ଲେଖାଏଁ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ହେବ। ସେହିପରି ୫ଟି ଭିଆଇପି ଅତିଥି ଭବନ ନିର୍ମାଣ କରାଯିବ। ଏଥିପାଇଁ ପର୍ଯ୍ୟାୟକ୍ରମେ ୧୧୫୦ କୋଟି ବ୍ୟୟ ହେବ। ଅପରପକ୍ଷେ ଏମ୍‌କେସିଜି ମେଡିକାଲ କଲେଜରେ ଶଯ୍ୟା ସଂଖ୍ୟା ୧୫୮୩ରୁ ୨୫୦୦କୁ ବୃଦ୍ଧି କରାଯିବ। ସେହିପରି ଟ୍ରମା କେୟାର ସେଣ୍ଟର୍, ବର୍ଣ୍ଣ କେୟାର ୟୁନିଟ୍, ଡେଣ୍ଟାଲ କଲେଜ ଆଦି ଶାଖାର ସମ୍ପ୍ରସାରଣ ହେବ। ଏଠାରେ ପିଜି ଆସନ ଦୁଇଗୁଣା ବୃଦ୍ଧି ପାଇଁ ଯୋଜନା ହୋଇଛି। ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ପାଇଁ ୬୦୦ ଶଯ୍ୟାର ହଷ୍ଟେଲ ଏବଂ ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ ମଧ୍ୟ କରାଯିବ। ▶ପୃଷ୍ଠା-୯

## ଲୋକକଥା



ହାତ ସ୍ଥିତି ଏବେ ଟଳମଳ ପ୍ରାୟ
କେତେ ଯେ ଗଲେଣି ଛାଡ଼ି,
କମଲନାଥ ତ ଚାଲିଯିବା ପାଇଁ
ହୋଇଲେଣି ସତେ ରେଡ଼ି !
ଭାଙ୍ଗିଲାଣି ହାତ ଭାଡ଼ି,
ଭୋଅଟ ବେଳକୁ ବାକିତକ କ'ଣ
ଫୁର୍‌ଫାର୍ ଯିବେ ଉଡ଼ି !

# ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଦେଶରେ ଚତୁର୍ଥ

## ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ଉପକୃତ ହେବେ ୧୧ ହଜାର ଏସ୍‌ଏଚ୍‌ଜି ଓ ୫୦ ହଜାର ମତ୍ସ୍ୟଜୀବୀ: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୧୮।୨(ସମିସ): ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ସରକାର ରାଜ୍ୟର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ନୂତନ ଭାବେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୧୧ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫୦ ହଜାର ମତ୍ସ୍ୟଜୀବୀ ସିଧାସଳଖ ଉପକୃତ ହେବେ ବୋଲି ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଉଦ୍‌ଯାପନୀ ଦିବସରେ ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ପ୍ରାଣିପାଳକମାନଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୧୮୧ ନୂତନ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଛି ଏବଂ ଖୁବ୍‌ଶୀଘ୍ର ଆଉ ୧୩୧ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଭ୍ୟାନ୍ ରାଜ୍ୟରେ ସେବା ଯୋଗାଇଦେବ। ଏହା ବ୍ୟତୀତ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ '୫-ଟି' କାର୍ଯ୍ୟକ୍ରମ ଅଧୀନରେ ବୈଜ୍ଞାନିକ ପଦ୍ଧତିରେ ଫାର୍ମ ପାଇଁ ନୂଆ ଜ୍ଞାନକୌଶଳର ବ୍ୟବହାର କରାଯାଉଛି। ବାୟୋ-ଫ୍ଲକ୍, କେଜ୍ କଲଚର ମାଛଚାଷ, ସେକ୍ସ ସର୍ଟେଡ୍ ସିମେନ୍ ପଦ୍ଧତି ପରି ନୂଆ ଜ୍ଞାନକୌଶଳ ବ୍ୟବହାର କରି ରାଜ୍ୟ ଚାଷୀମାନଙ୍କ ଆୟ ବହୁଗୁଣିତ ▶ପୃଷ୍ଠା-୯

**ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଉଦ୍‌ଯାପିତ**

## ବିମାନ କମ୍ପାନୀଙ୍କୁ କଡ଼ା ନିର୍ଦ୍ଦେଶ

# ୩୦ ମିନିଟ୍ ମଧ୍ୟରେ ଯାତ୍ରୀଙ୍କୁ ଲଗେଜ୍ ଦିଅ

■ ନୂଆଦିଲ୍ଲୀ,୧୮।୨ (ଏଜେନ୍ସି): ବିମାନ ଅବତରଣ ପରେ ଯାତ୍ରୀମାନେ ସେମାନଙ୍କର ଚେକ୍ ଇନ୍ ଲଗେଜ୍ ପାଇବାରେ ବିଳମ୍ବକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ତେଣୁ ବିମାନ ଅବତରଣ କରିବାର ୧୦ ରୁ ୩୦ ମିନିଟ୍ ମଧ୍ୟରେ ଯାତ୍ରୀଙ୍କୁ ସେମାନଙ୍କର ପଞ୍ଜୀକୃତ ଲଗେଜ୍ ହସ୍ତାନ୍ତର କରିବାକୁ ବ୍ୟୁରୋ ଅଫ୍ ବେସାମରିକ ବିମାନ ଚଳାଚଳ ସୁରକ୍ଷା (ବିସିଏଏସ୍) କହିଛି। ଏଜେନ୍ସି ପକ୍ଷରୁ ୭ ଭାରତୀୟ ବିମାନ କମ୍ପାନୀକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମକୁ ୧୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ବିସିଏଏସ୍ ନିର୍ଦ୍ଦେଶ ଦେଇଛି। ଏହାପରେ ମଧ୍ୟ ଯଦି ବିମାନ ସେବାରେ ଉନ୍ନତି ନ ହୁଏ ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର କହିଛନ୍ତି।



# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ, ୧୮ ।୨(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଜୟବିଜୟ ଦ୍ୱାର ପାହାଚରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ ଘଣ୍ଟା ବିଳମ୍ବ ହୋଇଛି। ରବିବାର ସକାଳ ୬ଟାରେ ଦ୍ୱାର ଫିଟିଥିଲା। ୬ଟା ୫୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ଣ ୩ଟା ୩୫ରେ ମଧ୍ୟାହ୍ନ ଧୂପ ବଢ଼ିଥିଲା। ଶ୍ରଦ୍ଧାଳୁମାନେ ଭିତର କାଠକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଜୟବିଜୟ ଦ୍ୱାର ଭିତର ପାହାଚ ନିକଟରେ ଜଣେ ଭକ୍ତ ବାନ୍ତି କରିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ବଢ଼ିବା ପରେ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-235 ◆BHUBANESWAR ◆MONDAY ◆19 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୫ ◆ଭୁବନେଶ୍ୱର ◆ସୋମବାର ◆୧୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-675

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



#ନୂଆ-ଓ ଛାତ୍ରବୃତ୍ତି

## ଉଚ୍ଚ ଶିକ୍ଷାରେ ଅର୍ଥ ଆଉ ସାଜିବନି ବାଧକ ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ।

- ଓଡ଼ିଶାରେ ଉଚ୍ଚ ଶିକ୍ଷାର ରୂପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀମାନଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ନୂଆ- ଓ ଛାତ୍ରବୃତ୍ତି' ଆରମ୍ଭ କରିଛନ୍ତି ।
- ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶେଷ କରି ସାମ୍ସ (SAMS) ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଉଥିବା ବେସରକାରୀ ମହାବିଦ୍ୟାଳୟ ମାନେ ଏହି ଯୋଜନାରେ ସାମିଲ ହେବେ ।
- ଉପରୋକ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଯୋଗ୍ୟ ୟୁଜି/ ପିଜି ଛାତ୍ରଛାତ୍ରୀ ନୂଆ-ଓ ଛାତ୍ରବୃତ୍ତି ପରିସରଗତ ହେବେ (ସେଲ୍ଫ ଫାଇନାନ୍ସିଂ କୋର୍ସ in PPP Mode ବ୍ୟତୀତ) ।
- ଛାତ୍ରମାନଙ୍କୁ ୯ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅଙ୍କୁ ୧୦ହଜାର ଓ ଝିଅଙ୍କୁ ୧୧ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି ।
- କାଳିଆ ବୃତ୍ତି ପାଉଥିଲେ ପିଲାମାନେ ଏହି ଯୋଜନାର ଲାଭ ପାଇପାରିବେ ନାହିଁ ।
- ଯେଉଁ ପିଲାମାନଙ୍କ ବାପା/ମା ଆୟକର ପରିସରଭୁକ୍ତ ଥିବେ କିମ୍ବା ରେଗୁଲାର ସରକାରୀ ଚାକିରିରେ ଥିବେ / PSU / AUTONOMOUS BODIES ରେ ଥିବେ କିମ୍ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁଦାନପ୍ରାପ୍ତ କରୁଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।
- କେବଳ ସ୍ୱ ଆର୍ଥିକ ପ୍ରଦତ୍ତ ପାଠ୍ୟକ୍ରମ ବ୍ୟବସ୍ଥା (ସେଲ୍ଫ ଫାଇନାନ୍ସିଂ କୋର୍ସ in PPP Mode), distance course, Open School ଇତ୍ୟାଦି ଜରିଆରେ ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ ନାହିଁ ।
- ଡ଼ିବିଟି (DBT) ବା ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ବାବଦରେ ଅର୍ଥରାଶି ପଠାଯିବ । ଏଥିନିମନ୍ତେ ଛାତ୍ରଛାତ୍ରୀ ଆବେଦନ ସମୟରେ ଏକ ନିଜସ୍ୱ ଘୋଷଣାନାମା ଦାଖଲ କରିବେ ।
- ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଏହି ପ୍ରଚେଷ୍ଟା ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକକୁ ଏଡାଇବାରେ ସକ୍ଷମ ହେବ ।



@DHE_Odisha
@hedodisha
www.fb.com/dheodisha

0674-2323401, 2323402, 2323403
2323404
https://scholarship.odisha.gov.in
scholarshiphed@gmail.com

ଉଚ୍ଚ ଶିକ୍ଷା ବିଭାଗ

OIPR-11001/13/0078/2324

# ରଗଡ଼ି ଉପକାରାଗାରର ବିଚାରାଧୀନ କଏଦୀ ଫେରାର

**କୋରେଇ, ୧୮ ।୨(ସମିସ):** ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ରଗଡ଼ିସ୍ଥ ଯାଜପୁରରୋଡ୍ ଉପକାରାଗାରର ଜଣେ ବିଚରାଧୀନ କଏଦୀ ଫଲ୍ମ ଷ୍ଟାଇଲରେ ପୁଲିସକୁ ଚକମା ଦେଇ ଫେରାର ହେବାରେ ସଫଳ ହୋଇଛି । ଫେରାର କଏଦୀ ରାଣା ପ୍ରତାପ ସିଂ । ସେ ପାଣିକୋଇଲି ଥାନା ଅଧୀନ ଜହ୍ନା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି । ଏହି ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ସୂଚନା ମୁତାବକ, ରାଣା ପ୍ରତାପ ଗତ କିଛିଦିନ ତଳେ ଦୁଷ୍କର୍ମ ଓ ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ ମାମଲାରେ ପାଣିକୋଇଲି ପୁଲିସ ଦ୍ୱାରା ଗିରଫ ହୋଇଥିଲା । ଶନିବାର ସେ ଅସୁସ୍ଥ ହେବାରୁ ତା'ର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଜପୁରରୋଡ୍ ଉପ-କାରାଗାରରୁ ଯାଜପୁରରୋଡ୍ ମେଡ଼ିକାଲକୁ ନିଆ ଯାଇଥିଲା । ସେଠାରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫେରିବା ସମୟରେ ମେଡିସିନ କିଣିବା ବେଳେ ସେଠାରୁ ସେ ଫେରାର ହୋଇଯାଇଥିବା ଜେଲ୍ କର୍ତ୍ତୃପକ୍ଷ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ କୋରେଇ ପୁଲିସ ୯୨/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବାକୁ ବିଭିନ୍ନ ଜାଗାରେ ଚଢ଼ଉ ଜାରି ରଖିଥିବା କୋରେଇ ଥାନା ଅଧିକାରିଣୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ମିଳିଥିବା ସୂଚନା ମୁତାବକ ଏମାନେ ମେଡିକାଲରୁ ଫେରୁଥିବା ସମୟରେ ସନ୍ତରା ଛକ ନିକଟରେ କୌଣସି କାରଣରୁ ଗାଡି ରଖି କର୍ମଚାରୀ ଜଣଙ୍କ ପାଣି ପାଇଁ ଯାଇଥିଲେ । ଏହି ସମୟରେ ୨ ଜଣ ସ୍କୁଟିରେ ଆସି ଗାଡ଼ିରେ ଥିବା ଅନ୍ୟ ୨ଜଣ କର୍ମଚାରୀଙ୍କୁ କେନ୍ଦୁଝରକୁ ଯିବା ପାଇଁ ବାଟ ପଚାରୁଥିବା ସମୟରେ ହଠାତ୍ କଏଦୀ ଜଣଙ୍କ ଗାଡ଼ିରୁ ଡେଇଁ ଦୌଡ଼ିଲା । କିଛି ବାଟ ଯିବା ପରେ ସ୍କୁଟିରେ ଆସିଥିବା ଲୋକଙ୍କ ସହିତ କଏଦୀ ଜଣଙ୍କ ଫେରାର ହୋଇଯାଇଛି ।


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-235 ◆BHUBANESWAR ◆MONDAY ◆19 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୫ ◆ଭୁବନେଶ୍ୱର ◆ସୋମବାର ◆୧୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ମାଘରେ ବାଘ ଖରା

## ୩୫ ଡିଗ୍ରୀ ଛୁଇଁଲା ୪ ଜିଲ୍ଲାର ପାରଦ

**ଭୁବନେଶ୍ୱର, ୧୮ ।୨(ସମିସ):** ମାଘରେ ବାଘଖରା । ଫେବୃଆରୀ ଆରମ୍ଭରୁ ଶୀତ ଉଭାନ ହୋଇଥିବା ଯୋଗୁଁ ରାତିରେ ବି ଆଉ ଥଣ୍ଡା ହେଉନାହିଁ । ଏବେଠାରୁ ଟାଣ ଖରା ଆରମ୍ଭ ହୋଇଯାଇଥିବା ବେଳେ ଉଭୟ ଦିନ ଓ ରାତିରେ ଏବେଠାରୁ ଫ୍ୟାନ/ଏସି ଲୋଡ଼ା ପଡ଼ିଲାଣି । ଖରାର ପ୍ରକୋପ ଯୋଗୁଁ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିବା ସହ ରାତି ତାପମାତ୍ରା ମଧ୍ୟ ୨୦ ଡିଗ୍ରୀ ଉପରେ ରହୁଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ଦିନ ମଧ୍ୟରେ ରାତି ତାପମାତ୍ରାରେ ଆହୁରି ୨ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି । ଚଳିତ ସପ୍ତାହ ଶେଷ ସୁଦ୍ଧା କିଛି କିଛି ସ୍ଥାନରେ ରାତିର ତାପମାତ୍ରା ପ୍ରାୟ ୨୫ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର କହିଛି ।

ରବିବାର ରାଜ୍ୟର ଅଧିକାଂଶ ସ୍ଥାନରେ ଟାଣଖରା ଅନୁଭୂତ ହୋଇଛି । ରାଜ୍ୟର ୪ଟି ସ୍ଥାନରେ ତାପମାତ୍ରା ୩୫ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭବାନୀପାଟଣାରେ ସର୍ବାଧିକ ୩୫.୪ ଡିଗ୍ରୀ ରେକର୍ଡ କରାଯାଇଛି । ଏହା ତଳକୁ ଟିଟଲାଗଡ଼, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୩୫ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି । ସେହିପରି ଭୁବନେଶ୍ୱରରେ ତାପମାତ୍ରା ୩୪.୬ ଡିଗ୍ରୀ ରହିଥିବା ବେଳେ କଟକରେ ତାପମାତ୍ରା ୩୩.୨ ଡିଗ୍ରୀ ରେକର୍ଡ କରାଯାଇଛି । ଗୁରୁଚାପବଳୟର ସକ୍ରିୟତା ବୃଦ୍ଧି ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅଞ୍ଚଳରୁ କ୍ରମାଗତ ଭାବେ ଜଳୀୟବାଷ୍ପପୂର୍ଣ୍ଣ ଉଷ୍ଣବାୟୁ ପ୍ରବେଶ କରୁଛି । ଏଥିପାଇଁ ଆଗାମୀ ୨ ଦିନରେ ରାତିର ତାପମାତ୍ରାରେ ଆହୁରି ୨ଡିଗ୍ରୀ ଯାଏ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତାପମାତ୍ରା ବୃଦ୍ଧି ଯୋଗୁଁ ଆଗାମୀ ୬ରୁ ୭ଦିନ ଯାଏ ଶୀତର କୌଣସି ସମ୍ଭାବନା ନଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

କେନ୍ଦ୍ର ପକ୍ଷରୁ ଆହୁରି କୁହାଯାଇଛି ଯେ ରାତି ତାପମାତ୍ରା ଅଧିକ ରହୁଥିଲେ ହେଁ ଭୋର୍ ସମୟରେ ପ୍ରବଳ ଘନ କୁହୁଡ଼ି ଅନୁଭୂତ ହେଉଛି । ଘନ କୁହୁଡ଼ି ସମୟରେ ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ସୀମିତ ରହୁଥିବାରୁ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାନବାହାନଗୁଡ଼ିକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ତେଣୁ ଯାତାୟାତ ସମୟରେ ଅଧିକ ସତର୍କତା ଅବଲମ୍ବନ କରିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ସକାଳ ସାଢ଼େ ୮ଟା ମଧ୍ୟରେ



- ଆଉ ୨ଡିଗ୍ରୀ ବଢ଼ିବ ରାତି ତାପମାତ୍ରା
- ୨ଦିନ ଘନ କୁହୁଡ଼ି ଚେତାବନୀ

୧୫ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି । ସେହିପରି ସୋମବାର ବିଳମ୍ବିତ ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ରାୟଗଡ଼ା ଆଦିରେ ଘନ କୁହୁଡ଼ି ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଆଧାରରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏସ୍ଆରସି ସତର୍କ କରାଇଛନ୍ତି । ରାଜପଥରେ ଯାନବହାନ ଚଳାଚଳ ବେଳେ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍ଆରସି ନିର୍ଦ୍ଦେଶ ଦେଇଛନ୍ତି ।

# ଚଳନ୍ତା କାର୍‌କୁ ଗୁଳିମାଡ଼ କରି ଲୁଟ୍

**ତୁରୁମୁଙ୍ଗା/ପାଟଣା, ୧୮ ।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରି ଟୋଲ୍‌ଗେଟ ନିକଟରେ ଆଜି ଏକ ଚଳନ୍ତା କାର୍ ଉପରକୁ ଗୁଳିମାଡ଼ କରି ଦୁର୍ବୃତ୍ତମାନେ ୧୭ ହଜାର ଟଙ୍କା ଲୁଟି ନେଇଛନ୍ତି । ଆଜି ଭୋର୍‌ରେ ୧୩ଜଣ ଦୁର୍ବୃତ୍ତ ଏକ ବଲେରୋ, ସ୍ୱିଫ୍ଟ ଡିଜାୟାର୍ କାର ଏବଂ କଳା ପଲସରରେ ଆସି ଚଳନ୍ତା କାର୍ ଉପରକୁ ଗୁଳିମାଡ଼ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ସାତପୌଟିଆ ଗ୍ରାମର ଏସ୍‌କେ ଅହମ୍ମଦ ହୁସେନ ତାଙ୍କ ଡ୍ରାଇଭରଙ୍କ ସହ କାର୍‌ରେ ଅନୁଗୁଳ ଜିଲ୍ଲା ପାଲଲହଡ଼ାରୁ ଫେରୁଥିବା ସମୟରେ ଏହି ଆପରାଧିକ ଘଟଣା ଘଟିଥିଲା । ଦୁର୍ବୃତ୍ତମାନେ ତାଙ୍କ ଗାଡ଼ିକୁ ଜୁଳିଆ ଘାଟି ପାଖରୁ ପିଛା କରିବା ଆରମ୍ଭ କରିଥିଲେ । ଡାବରଚୁଆ ନିକଟରେ ତାଙ୍କ ଗାଡ଼ିକୁ ଓଭରଟେକ୍ କରି ଅଟକାଇବାକୁ ହାତ ମାରିଥିଲେ । କିନ୍ତୁ ଡ୍ରାଇଭର୍ ସେମାନଙ୍କ ମନ୍ଦ ଉଦ୍ଦେଶ୍ୟ ସଂପର୍କରେ ଜାଣିପାରି ଗାଡ଼ିକୁ ନ ଅଟକାଇବାରୁ ବଲେରୋଟି ବାମପଟରେ ଓଭରଟେକ୍ କରିବାକୁ ଚେଷ୍ଟା କରିଥିଲା । ସେଥିରେ ଥିବା ଦୁର୍ବୃତ୍ତଙ୍କ



ମଧ୍ୟରୁ ଜଣେ ହୁସେନ୍‌ଙ୍କ କାର୍‌କୁ ଏକ ରାଉଣ୍ଡ ଗୁଳି କରିଥିଲା । ଏଥିରେ ଭୟଭୀତ ହୋଇ ଚାଳକ ଗାଡ଼ି ଅଟକାଇ ଦେବାରୁ ଦୁର୍ବୃତ୍ତମାନେ ହୁସେନ୍‌ଙ୍କ କାର୍‌କୁ ଘେରି ଯାଇଥିଲେ । ବନ୍ଧୁକ ମୁନରେ ସେମାନେ ତାଙ୍କଠାରୁ ୧୭ ହଜାର ଟଙ୍କା ଲୁଟିନେଇ ଚମ୍ପଟ ମାରିଥିଲେ । ଏ ସଂପର୍କରେ ହୁସେନ୍ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବାରୁ ପୁଲିସ ନମ୍ବର ୯୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକ, ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର

**୨ଟି କାର୍ ଓ ଗୋଟିଏ ପଲସର୍‌ରେ ଆସିଥିଲେ ୧୩ ଦୁର୍ବୃତ୍ତ**

ଶାନ୍ତି ପ୍ରମୁଖ ଘଟଣାସ୍ଥଳରେ ତଦନ୍ତ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଜାରି ରଖିଛନ୍ତି । ତୁରୁମୁଙ୍ଗା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଲୁଟ ବୃଦ୍ଧି ପାଉଥିବା ବେଳେ ରାତ୍ରକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ଡକାୟତି ଉଦ୍ୟମ ପଣ୍ଡ, ଧରାପଡ଼ିଲେ ୧୦



**ଚମ୍ପୁଆ, ୧୮ ।୨ (ସମିସ):** ଚମ୍ପୁଆ ଥାନା ପୁଲିସ୍ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିବା ସହ ୧୦ ଜଣଙ୍କୁ ଧରିଛି । ସେମାନେ ହେଲେ, କୋଦଗାଡ଼ିଆ ଗ୍ରାମର ସିପୁନ ବାରିକ, ଜୟମଙ୍ଗଳପୁରର ଶୁଭାଶିଷ ବେହେରା, କୋଦଗାଡ଼ିଆ ଗ୍ରାମର ସିପୁନ ମହାକୁଡ଼ ଓ କୋମଳ ବାରିକ, ଚମକପୁର ଗ୍ରାମର ଆକାଶ ଦାସ ଓ ମଳୟ ନାଏକ, ସରାସପଷି ଗ୍ରାମର ମାନସ ରଞ୍ଜନ ମୁଣ୍ଡା, ରେଭେନ୍ସାପୁର ଗ୍ରାମର କୁନା ମହାକୁଡ଼ । ଏମାନଙ୍କୁ ପୁଲିସ ଆଜି କୋର୍ଟଚାଲାଣ କରିଛି । ତେବେ ଏହି ମାମଲାରେ ସଂପୃକ୍ତ ଦୁଇ ନାବାଳକ ସଂପୃକ୍ତ ଥିବାରୁ ପୁଲିସ ସେମାନଙ୍କ ନାମ ଗୋପନ ରଖିଛି । ଅଭିଯୁକ୍ତମାନଙ୍କଠାରୁ ପୁଲିସ ୨ଟି ଦେଶୀ ବନ୍ଧୁକ, ୨ଟି କଟୁରି, ୩ଟି ଷ୍ଟମ୍ପ, ୮ଟି ମୋବାଇଲ, ୫ ପ୍ୟାକେଟ୍ ଲଙ୍କାଗୁଣ୍ଡ, ୪ଟି ମୁଖା ଏବଂ ଗୋଟିଏ ବଲୋରୋ ଜବତ କରିଛି ।

ପୁଲିସ୍ ସୂଚନାନୁଯାୟୀ, ଗତରାତିରେ ଚମ୍ପୁଆ ଥାନା ଛକ ନିକଟରେ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚମ୍ପୁଆ ଆଇଆଇସି ଦେବକୀ ନାଏକ, ସବ୍‌ଇନ୍ସପେକ୍ଟର ବରଦା ପ୍ରସନ୍ନ ସାହୁ ସଦଳବଳେ ନାକାବନ୍ଦୀ କରୁଥିଲା ସମୟରେ ପୁଲିସ ହାବୁଡ଼ରେ ଡକାୟତମାନେ ପଡ଼ିଥିଲେ । ସେମାନେ ବ୍ୟାଙ୍କ ଓ ଏଟିଏମ ଲୁଟ୍ କରିବାକୁ ଯୋଜନା କରି ଦଳବଳ ସହିତ ବୁଲୁଥିଲେ । ପୁଲିସ ସେମାନଙ୍କୁ କାବୁ କରି ଧରିଥିଲେ ।

# ଜଙ୍ଗଲରେ ମହିଳାଙ୍କୁ ଗୁଳିମାଡ଼

**ଭଞ୍ଜନଗର, ୧୮ ।୨ (ସମିସ):** ଜଙ୍ଗଲକୁ ପତ୍ର ସଂଗ୍ରହ କରିବାକୁ ଯାଇଥିବା ଜଣେ ମହିଳା ଗୁଳିମାଡ଼ର ଶିକାର ହୋଇଛନ୍ତି । ଗୁରୁତର ମହିଳାଜଣକ ହେଲେ, ଭଞ୍ଜନଗର ଥାନା ଅନ୍ତର୍ଗତ ଦଦରା ଲୁଣ୍ଡା ପଞ୍ଚାୟତର ବେଡି ଗୋବା ଗ୍ରାମର



ଜାଗୁରୁ ସାହୁଙ୍କ ପତ୍ନୀ ସ୍ୱପ୍ନା ସାହୁ(୪୦) । ତାଙ୍କ ଅଣ୍ଟାରେ ଗୁଳି ବାଜିଛି । ଶନିବାର ଅପରାହ୍ଣରେ ସ୍ୱପ୍ନା ନିକଟ ଜଙ୍ଗଲରେ ପତ୍ର ଗୋଟାଉଥିବା ସମୟରେ ହଠାତ୍ ଏକ ଗୁଳି ତାଙ୍କ ଦେହରେ ବାଜିଥିଲା । କିଛି ବୁଝିବା ଆଗରୁ ସ୍ୱପ୍ନା ପଡ଼ି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ରବିବାର ସକାଳେ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ହେଲେ ଗୁଳିମାଡ଼ର ପ୍ରକୃତ କାରଣ ଜଣାପଡ଼ି ନାହିଁ । ଉତ୍ତର ଘୁମୁସର ବନଖଣ୍ଡରେ ବହୁ ବନ୍ୟପ୍ରାଣୀ ଥିବାରୁ ଶିକାର ଉଦ୍ଦେଶ୍ୟରେ କେହି ଜଙ୍ଗଲରେ ବନ୍ଧୁକ ଧରି ବୁଲୁଥିବା ବେଳେ ଭୁଲବଶତଃ ସ୍ୱପ୍ନାଙ୍କୁ ଗୁଳି କରିଥାଇପାରେ ବୋଲି ଅନୁମାନ କରାଯାଉଛି । ଫୁଲବାଣୀ ଜିଲ୍ଲାରେ ରହି ଜାଗୁରୁ କାମ କରୁଥିବା ବେଳେ ଏଠାରେ ସ୍ୱପ୍ନା ତାଙ୍କ ମା' ସହିତ ରହୁଥିବା ପରିବାର ଲୋକେ କହିଛନ୍ତି । ଖବର ପାଇ ପୁଲିସ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

■ ପାରିବାରିକ କଳହର କରୁଣ ପରିଣତି

# ସ୍ୱାମୀ ବେକ କାଟିଲା ସ୍ତ୍ରୀ

**ଧରାକୋଟ, ୧୮ ।୨(ସମିସ):** ଧରାକୋଟ ଥାନା ଅନ୍ତର୍ଗତ ଶରଧାପୁର ପଞ୍ଚାୟତର ବରିଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହରେ ଅତିଷ୍ଠ ହୋଇ ଜଣେ ମହିଳା ଏକ ଧାରୁଆ ଅସ୍ତ୍ରରେ ନିଜ ସ୍ୱାମୀଙ୍କ ବେକ କାଟି ଦେଇଛନ୍ତି । ଆହତଜଣକ ହେଲେ, ଗ୍ରାମର ରୋହିତ ପାତ୍ର(୪୫) । ଗାଁ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି । ଖବର ଲେଖା ହେବା ସୁଦ୍ଧା ଏ ସଂପର୍କରେ ଥାନାରେ କୌଣସି ଏତଲା ଦାୟର ହୋଇନାହିଁ । ସୂଚନାନୁଯାୟୀ, ବରିଗୁଡ଼ା ଗ୍ରାମର ମଦନ ପାତ୍ରଙ୍କ ବଡ଼ ପୁଅ ରୋହିତ ପ୍ରାୟ ସମୟ ମଦ ପିଇ ସ୍ତ୍ରୀ କସ୍ତୁରୀ ପାତ୍ରଙ୍କୁ ମାରପିଟ୍ କରୁଥିଲେ । ଏଥିଯୋଗୁଁ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା । ଶନିବାର ରାତିରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ଅତିଷ୍ଠ ହୋଇ କସ୍ତୁରୀ ଏକ ଧାରୁଆ ଛୁରିରେ ସ୍ୱାମୀଙ୍କ ବେକ ଓ ପିଠିକୁ କାଟି ଦେଇଥିବା କୁହାଯାଉଛି ।

# ୫୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ଜଳେଶ୍ୱର, ୧୮ ।୨ (ସମିସ):** ଜଳେଶ୍ୱର ସହର ଉପକଣ୍ଠସ୍ଥିତ ଆମ୍ବିଳଅଠା ଅଞ୍ଚଳରୁ ଜଳେଶ୍ୱର ପୁଲିସ ୫୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ



ଜଣେ ଅନ୍ତଃରାଜ୍ୟ ବେପାରୀକୁ ଗିରଫ କରିଛି । ସେ ହେଲା, ପଡ଼ୋଶୀ ପଶ୍ଚିମବଙ୍ଗ କାଁଥି (କଣ୍ଟାଇ) ଥାନା ଅଞ୍ଚଳ ତାଜପୁର ଗ୍ରାମର ଶେଖ ନିଜାମୁଦ୍ଦିନଙ୍କ ପୁଅ ଶେଖ ନାରାମୁଦ୍ଦିନ (୪୧) । ଶନିବାର ସନ୍ଧ୍ୟାରେ ସେ ଖଡ଼ଗପୁରରୁ ଏକ ବାଇକ୍‌ରେ ୫୬୩ ଗ୍ରାମ୍‌ର ବ୍ରାଉନସୁଗାର ନେଇ ଜଳେଶ୍ୱରକୁ ଆସୁଥିବା ବେଳେ ପୁଲିସ ତାକୁ ମାଡ଼ି ବସିଥିଲା । ଜବତ ବ୍ରାଉନସୁଗାରର ମୂଲ୍ୟ ୫୬ ଲକ୍ଷ

**ଅନ୍ତଃରାଜ୍ୟ ବେପାରୀ ଗିରଫ**

ଟଙ୍କାରୁ ଅଧିକ ହେବ ବୋଲି ପୁଲିସ ଅନୁମାନ କରୁଛି । ରବିବାର ଜଳେଶ୍ୱର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଏହି ସୂଚନା ଦେଇଛନ୍ତି । ତେବେ ନାରାମୁଦ୍ଦିନ ଏଠାରେ କାହାକୁ ଏହି ଧଳାଜହର ବିକିବା ପାଇଁ ଆସୁଥିଲା, ସେ ସଂପର୍କରେ ପୁଲିସ ଅଧିକ ଖୋଳତାଡ଼ ଚଳାଇଛି । ଖୁବ୍‌ଶୀଘ୍ର ବାକି ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ପୁଲିସ କହିଛି ।

# ଟ୍ରକ୍ ଧକ୍କାରେ ମା' ମୃତ, ଝିଅ ଗୁରୁତର

**କଟକ, ୧୮ ।୨ (ସମିସ):** ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଓ ଝିଅ ଗୁରୁତର ହୋଇଛନ୍ତି । ଉଭୟ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ସୂଚନାନୁଯାୟୀ, କନ୍ଦରପୁର ଥାନା କୋରପଦା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ରାଉତଙ୍କ ପୁଅ ଦୀପକ ଓରଫ ବର୍ଜୁ (୪୫) ଭୁବନେଶ୍ୱରସ୍ଥିତ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ସେ ଭୁବନେଶ୍ୱରରୁ ନିଜ ଗ୍ରାମ କନ୍ଦରପୁରକୁ ସ୍ତ୍ରୀ ସାରତି (୩୫) ଓ ଝିଅ ସୁଶ୍ରୀ ପ୍ରିୟଦର୍ଶିନୀ (୯)ଙ୍କୁ ସ୍କୁଟିରେ ନେଇ ଯାଉଥିଲେ । ନୂଆ ବଜାର ଛକ ଜାମ ଥିବାରୁ ସ୍କୁଟିଟିକୁ ରଖି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ସମୟରେ ଏକ ଟ୍ରକ୍ (ଓଆର୍ ୦୫ ୟୁ ୧୭୩୭) ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ସମସ୍ତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବଡ଼ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ସାରତିଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଝିଅର ଏକ ହାତ ସମ୍ପୂର୍ଣ୍ଣ କଟି ଛିଡ଼ିଯିବା ସହ ଗୋଡ଼ରେ ମଧ୍ୟ ଗୁରୁତର ଆଘାତ ଲାଗିଛି । ଶ୍ରୀ ରାଉତ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି । ଶ୍ରୀ ରାଉତ ସପରିବାର ଭୁବନେଶ୍ୱର ପଳାଶପଲ୍ଲୀରେ ରହୁଥିବା ବେଳେ ନିଜ ଗ୍ରାମ କୋରପଦାରେ ହେବାକୁ ଥିବା ଗ୍ରାମଦେବତୀଙ୍କର ଯଜ୍ଞ ପାଇଁ ଘରକୁ ଯାଉଥିଲେ ।

# ଗଛରେ ପିଟି ହେଲା ବାଇକ୍, ୨ ମୃତ

**ନରସିଂହପୁର, ୧୮ ।୨(ସମିସ):** କାନପୁର ଥାନା ଋଷିପଡ଼ା ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଦୁଇଜଣଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଦ୍ୱୟ ହେଲେ ବଡ଼ମ୍ବା ବେଲିଆପାଳ ଗାଁର ମୁନା ସାହୁ ଏବଂ ରାକେଶ ପଣ୍ଡା । ଗାଡ଼ି ନମ୍ବର ଓଡ଼ି ୦୫ ଜି ୩୨୮୫ରେ ଉଭୟ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୁନା ଓ ରାକେଶ ଦ୍ରୁତଗତିରେ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି । ତେବେ କାନପୁର ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଚଳାଇଛି ।




### ପ୍ରକାଶ ପାଇଲା 'ସହାରଞ୍ଚଳ ଗୋଷ୍ଠୀଗତ ପରିମଳ ନୀତି-୨୦୨୪' ଗେଜେଟ୍ ବିଜ୍ଞପ୍ତି

# ସ୍ୱଚ୍ଛ ପରିମଳ ଏବେ ମୌଳିକ ଅଧିକାର

- **ନୂଆ ନୀତିରେ ପରିମଳ କର୍ମଚାରୀ, ସ୍ୱଚ୍ଛ ସାଥୀଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ**
- **ଦୁର୍ବିପାକ ସହନଶୀଳ ଭିତ୍ତିଭୂମି ପ୍ରସ୍ତୁତ ପାଇଁ ବ୍ୟବସ୍ଥା**

**ଭୁବନେଶ୍ୱର, ୧୮ ।୨(ସମିସ):** ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସମସ୍ତଙ୍କ ଦାୟିତ୍ୱ। ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଗଠନ ପାଇଁ ଗୋଷ୍ଠୀଗତ ସହଯୋଗ ଆବଶ୍ୟକ। ଏଣିକି ଗୋଷ୍ଠୀଗତ ଭାବେ ରକ୍ଷଣାବେକ୍ଷଣ ହେବ ସହରାଞ୍ଚଳ ପରିମଳ ବ୍ୟବସ୍ଥା। ସମାଜର ଦୁର୍ବଳ ଶ୍ରେଣୀକୁ ସାମାଜିକ ସ୍ୱୀକୃତି ପ୍ରଦାନ ସହ ସହରାଞ୍ଚଳ ଭିତ୍ତିଭୂମି ରକ୍ଷଣାବେକ୍ଷଣ ଦାୟିତ୍ୱରେ ମିଶନ ଶକ୍ତି, ବସ୍ତି ଉନ୍ନୟନ ସଂଘ ଓ ତୃତୀୟ ଲିଙ୍ଗୀ ସଂଗଠନକୁ ଯୋଡ଼ିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ସହାରଞ୍ଚଳ ଗୋଷ୍ଠୀଗତ ପରିମଳ ନୀତି-୨୦୨୪' ଆଣିଥିବା ବେଳେ ରବିବାର ଏହାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଦ୍ୱାରା ରାଜ୍ୟର ସହରାଞ୍ଚଳବାସୀଙ୍କୁ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଯୋଗାଇଦେବା ସହ ସେମାନଙ୍କ ପାଇଁ ଏହାକୁ ମୌଳିକ ଅଧିକାର ଭାବେ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

ଉଭୟ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନାରେ ରାଜ୍ୟ ସରକାର ଏକ ବଡ଼ ସଫଳତା ପାଇଥିବା ବେଳେ ସହରାଞ୍ଚଳ ପରିମଳ ପରିଚାଳନାକୁ ସର୍ବଦା ଏକ ବଡ ଆହ୍ୱାନ ଭାବେ ଗ୍ରହଣ କରାଯାଇଛି। ଏଥିପାଇଁ ନୂଆ ନୀତିରେ ପରିମଳ କାର୍ଯ୍ୟରେ ନିୟୋଜିତ କର୍ମଚାରୀ, ସ୍ୱଚ୍ଛ ସାଥୀଙ୍କ ସାମାଜିକ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଇଛି। ସେମାନଙ୍କୁ ବୀମାଭୁକ୍ତ କରିବା ସହ ଗୋଷ୍ଠୀଗତ କଲ୍ୟାଣ ପାଇଁ ସୁବିଧା ମିଳିବ ବୋଲି ଦର୍ଶାଯାଇଛି। ସେହିପରି ସହରାଞ୍ଚଳ ବାସିନ୍ଦାଙ୍କୁ ପରିମଳ ଭିତ୍ତିଭୂମି ବିଷୟରେ ସଚେତନ କରିବା ସହିତ ଆଇସି କାର୍ଯ୍ୟକ୍ରମ ଜରିଆରେ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଯିବ ବୋଲି ଏଥିରେ ଦର୍ଶାଯାଇଛି। ଖାଲି ସେତିକି ନୁହେଁ, ସହରାଞ୍ଚଳ ବାସିନ୍ଦା ନିଜ ମୋବାଇଲ ଆପ୍ 'ସୁଯୋଗ' ଜରିଆରେ ଅଭିଯୋଗ ଦାଖଲ କରିବା ସହିତ ତା'ର ଟ୍ରାକିଂ ଓ ପ୍ରତିବିଧାନ ନେଇ ସୂଚନା ପାଇପାରିବେ ବୋଲି ନୂଆ ପରିମଳ ନୀତିରେ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଓକାକ୍ ଦ୍ୱାରା ବିକଶିତ 'ସୁଯୋଗ' ଆପ୍‌କୁ ଅପଡେଟ୍ କରାଯାଇଛି। ଏପରି ଗୋଷ୍ଠୀଗତ ନୀତି ଆଣିବାରେ ଦେଶରେ ଓଡ଼ିଶା ଅନନ୍ୟ ବୋଲି ରାଜ୍ୟ ସରକାର ଦାବି କରିଛନ୍ତି।

ପୂର୍ବରୁ ସହରାଞ୍ଚଳ ପରିମଳ ବ୍ୟବସ୍ଥାକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉନଥିଲା। ଯେଉଁଥିପାଇଁ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ଏକ ବଡ଼ ଆହ୍ୱାନ ଥିଲା। ଓଡ଼ିଶା ସରକାର ପୂର୍ବରୁ 'ଅର୍ବାନ୍ ସାନିଟେସନ୍ ନୀତି-୨୦୧୭' ପ୍ରଣୟନ କରିଥିଲେ। ସେହି ନୀତି ଆଧାରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ପରିମଳ କାର୍ଯ୍ୟରେ ନିୟୋଜିତ କର୍ମଚାରୀ କିମ୍ବା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା ନଥିଲା। ଏବେ ନୂଆ ନୀତିରେ ସେମାନଙ୍କ କଲ୍ୟାଣ ଓ ଜୀବନରକ୍ଷା ପାଇଁ ବୀମା ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ସେମାନେ ସମ୍ମାନର ସହ କାର୍ଯ୍ୟ କରିବାର ଅଧିକାର ପାଇବେ ବୋଲି ଆଶା କରାଯାଉଛି। ଦୁର୍ବିପାକ ଓଡ଼ିଶାର ଚିର ସହଚର। ନୂଆ ପରିମଳ ନୀତି-୨୦୨୪ରେ ଦୁର୍ବିପାକ ସହନଶୀଳ ଭିତ୍ତିଭୂମି ପ୍ରସ୍ତୁତ ପାଇଁ ବ୍ୟବସ୍ଥା ରଖାଯାଇଛି। ରକ୍ଷଣାବେକ୍ଷଣ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଗୋଷ୍ଠୀଗତ ଭାବେ ସରକାର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି।

### ■ ତୁମୁଡ଼ିବନ୍ଧରେ ମହାମିଶ୍ରଣ ପର୍ବ

## ବିଜେଡିରେ ସାମିଲ ହେଲେ ୪୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି କର୍ମୀ



**ତୁମୁଡ଼ିବନ୍ଧ, ୧୮ ।୨(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକରେ ରବିବାର ବିଜୁ ଜନତା ଦଳର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ୩୦୦ରୁ ଅଧିକ କର୍ମୀ ଜଳେଶପଟାରୁ ମୁଣ୍ଡିଗଡ଼ ପଞ୍ଚାୟତର ସୁନାଗାଁ ପର୍ଯ୍ୟନ୍ତ ଏକ ବାଇକ୍ ରାଲି କରିଥିଲେ। ସୁନାଗାଁର ତୁତୁଲୁବା ଗ୍ରାମରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା ଓ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ମୁଣ୍ଡିଗଡ଼ ସରପଞ୍ଚ ଜମିତା ମଳିକ ପ୍ରମୁଖ ଯୋଗ ଦେଇଥିଲେ। ମୁଣ୍ଡିଗଡ଼ ପଞ୍ଚାୟତ ସଭାପତିଙ୍କ ନେତୃତ୍ୱରେ ୨୦୦ରୁ ଅଧିକ କର୍ମୀ ବିଜେପି ଓ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେହିପରି ତୁମୁଡ଼ିବନ୍ଧ ପଞ୍ଚାୟତ ସଭାପତି ଜିସାୟ ମଣ୍ଡଳଙ୍କ ନେତୃତ୍ୱରେ ୭୦ରୁ ଅଧିକ କର୍ମୀ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେହିଭଳି ବେଲଘର ପଞ୍ଚାୟତ ସଭାପତି ଓ ନାଏବ ସରପଞ୍ଚ ରାନାଲ ନାୟକଙ୍କ ନେତୃତ୍ୱରେ ୧୦୦ରୁ ଅଧିକ ଯୁବ କର୍ମୀ ବିଜେପି ଛାଡ଼ି ବିଜେଡିରେ ସାମିଲ ହେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀମାନେ କହିଛନ୍ତି।



ଭୁବନେଶ୍ୱର ଅନ୍ଧାରୁଆରେ ଥିବା ସାପିଜେନ୍ ବାୟୋଲୋଜିକ୍ସ ପ୍ଲାଣ୍ଟ ପରିଦର୍ଶନ ବେଳେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ



ଦୁବାଇ ଗସ୍ତରେ ଯିବା ପୂର୍ବରୁ ମିଶନ ଶକ୍ତି ମା'ମାନେ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ମୃତ

**ଲାଞ୍ଜିଗଡ଼, ୧୮ ।୨(ସମିସ):** ଟାଟା ପାୱାର ପକ୍ଷରୁ ବିଦ୍ୟୁତ ପରିଚାଳନା ଓ ମରାମତି ନାମରେ ମାସକୁ ଅତିକମରେ ଦୁଇ ଦିନ ଲେଖାଏଁ ବିଦ୍ୟୁତ କାଟ କରାଯାଉଥିବାବେଳେ ବିଦ୍ୟୁତ ପରିଚାଳନାଗତ ତ୍ରୁଟି ଯୋଗୁଁ ୧୧ କେଭି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଛିଣ୍ଡି ଦୁଇ ଜଣଙ୍କ ଜୀବନ ଯାଇଛି। ଅନ୍ୟ ଜଣେ ଅତ୍ୟନ୍ତ ସଂକଟାପନ୍ନ ଭାବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଏପରି ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଡାଗାଁ ପଞ୍ଚାୟତ ଦାନିକାପେଲ୍ ଗାଁ ନିକଟରେ। ଏହି ପଞ୍ଚାୟତର ଟାମକୁରୁଞ୍ଜା ଗାଁର କାଙ୍ଗା ମାଝୀ ଆଜି ସକାଳେ ଦାନିକାପେଲ୍ ଗାଁକୁ ନିଜ ନୂଆ ସମୁଦୀ ଘରକୁ କୁଣିଆ ହୋଇ ଆସିଥିଲେ। ଅପରାହ୍ନ ୪.୩୦ ସମୟରେ ସେ ଘରକୁ ଫେରିବାକୁ ବାହାରିଥିଲେ। ହେଲେ ନୂଆ ବନ୍ଧୁ ହୋଇଥିବାରୁ କିଛି ବାଟ ବଳେଇ ଦେବାକୁ ଯାଇଥିଲେ ଟିଙ୍ଗୁ ମାଝୀ ଓ ଡଙ୍ଗେ ମାଝୀ। ତେବେ ଯିବା ବାଟରେ ସେମାନଙ୍କୁ ସତେ ଯେମିତି ଛକି ବସିଥିଲା ମୃତ୍ୟୁ। ସୁଲିମ ଓ ଦାନିକାପେଲ ମଝିରେ ରାସ୍ତା ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ହଠାତ ଛିଣ୍ଡି ଯାଇ ସେମାନଙ୍କ ଉପରେ ପଡ଼ିଯିବାରୁ ତିନିଜଣ ଯାକ ଗୁରୁତର ହୋଇ ପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର କାଙ୍ଗା ମାଝୀ ଓ ଟିଙ୍ଗୁ ମାଝୀଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଡଙ୍ଗେ ମାଝୀଙ୍କୁ ଅତ୍ୟନ୍ତ ଗୁରୁତର ଭାବେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ବରଯାତ୍ରୀ ଗାଡ଼ି ଓଲଟି ୨ ମୃତ

**ବର ସମେତ ୧୨ ଆହତ**

**ବୋରିଗୁମ୍ମା,୧୮ ।୨(ସମିସ):** ବୋରିଗୁମ୍ମା ଥାନା ଗୁଡ଼ା ନିକଟରେ ଏକ ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ବର ସମେତ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୋରିଗୁମ୍ମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଏକ ବରଯାତ୍ରୀ ଗାଡ଼ି ନାରାୟଣ ପାଟଣାରୁ ଉମରକୋଟ ଯାଉଥିଲା। ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଏଥିରେ ବର ସମେତ ବରଯାତ୍ରୀମାନେ ଥିଲେ। ଖବର ପାଇ ବୋରିଗୁମ୍ମା ପୁଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବୋରିଗୁମ୍ମା ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଖବର ଲେଖାହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ।

### ■ କାର୍ ଧକ୍କାରେ ସାଇକଲ ଆରୋହୀ ମୃତ

## ମୃତକଙ୍କୁ ଅଧ କିଲୋମିଟର ଘୋଷାଡ଼ି ନେଲା

**ଖଲ୍ଲିକୋଟ, ୧୮ ।୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଗୁରୁଣ୍ଡି ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ ପରିବା ବ୍ୟବସାୟୀ ସାଇକଲରେ ଘରକୁ ଫେରୁଥିବା ବେଳେ ଗୁରୁଣ୍ଡି ଛକ ନିକଟରେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସାଇକଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେ. ଲକ୍ଷ୍ମଣ ପାତ୍ର(୪୮)। ପୁଲିସ କାର୍ ଓ ମୃତଦେହ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଲକ୍ଷ୍ମଣ ପାତ୍ର ଛୁଇଁ ବିକ୍ରୀ କରିବାକୁ ସାଇକଲ ଯୋଗେ କେଶପୁର ବଜାରକୁ ଯାଇଥିଲେ। ସେଠାରେ ଛୁଇଁ ବିକ୍ରି କରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଗୁରୁଣ୍ଡି ଛକ ନିକଟରେ ଭୁବନେଶ୍ୱର ଯାଉଥିବା ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। କାର୍‌ଟି ଏତେ ଜୋରରେ ଧକ୍କା ଦେଇଥିଲା ଯେ ଲକ୍ଷ୍ମଣ ସାଇକଲରୁ ଛିଟିକି ପଡ଼ି କାର୍ ଉପରେ ବାଡ଼େଇ ହୋଇ ଲଟକି ରହି ଯାଇଥିଲେ। ସେମିତି ଝୁଲନ୍ତା ଅବସ୍ଥାରେ କାର୍ ଚାଳକ ତାଙ୍କୁ ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ଟାଣି ନେଇଥିଲା। ଏହି ଦୃଶ୍ୟ ଦେଖି ଲୋକେ ଭୟଭୀତ ହୋଇ ଚିତ୍କାର କରିଥିଲେ। ତେବେ ଆଗରେ ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ କାର୍ ଅଟକି ଥିଲା। ଗୁରୁତର ଅବସ୍ଥାରେ ଲକ୍ଷ୍ମଣଙ୍କୁ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୁଣି କଟାଗଲା ୧.୬୦ କୋଟି ଟଙ୍କାର ଗଞ୍ଜେଇ ଗଛ

**ଫିରିଙ୍ଗିଆ, ୧୮ ।୨ (ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ରବିବାର ୧୬ଏକର ପରିମିତ ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ ହୋଇଥିବା ପ୍ରାୟ ୧ କୋଟି ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରିଛି। ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ବିଭାଗ କର୍ମଚାରୀଙ୍କ ସହଯୋଗରେ କାଶିନୀପଦର ପଞ୍ଚାୟତ ତରଘାବାଲି ଓ ଜିରିସୀ ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ଉ କରାଯାଇ ଏହି ଗଞ୍ଜେଇ ଗଛଗୁଡ଼ିକୁ କାଟି ନଷ୍ଟ କରାଯାଇଛି। ଅତିରିକ୍ତ ତହସିଲଦାର ଅଭିନାଶ ମିଶ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ କଟାଯାଇଥିବା ବେଳେ ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୩୦ ଜଣ ଶ୍ରମିକ ନିୟୋଜିତ ଥିଲେ।

## ଆଇଟିଆଇ ଛାତ୍ରଙ୍କ ରହସ୍ୟଜନକ ମୃତ୍ୟୁ

**ଦୁଇ ମହଲା ଛାତରୁ ଶବ ଉଦ୍ଧାର**

**ରାଉରକେଲା, ୧୮ ।୨(ସମିସ):** ଜଗଦାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପ୍ରଥମ ବର୍ଷ ଛାତ୍ର ଅତୁଲନ ଯୋଜ (୧୯)ଙ୍କ ମୃତଦେହ ତାଙ୍କ ହଷ୍ଟେଲର ପଡ଼ୋଶୀ ଛାତରୁ ଉଦ୍ଧାର କରାଯାଇଛି। ତେବେ ଏହା ଦୁର୍ଘଟଣା ନା ଆତ୍ମହତ୍ୟା ନା ଯୋଜନାବଦ୍ଧ ହତ୍ୟାକାଣ୍ଡ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।



ହାତୀବାରି ଥାନା ପୁରୁଣାପାଣି ବାଉଁଶଯୋର ଗାଁର ଅତୁଲନ ଡାମିଟ୍ସ ଆଇଟିଆଇର ପ୍ରଥମ ବର୍ଷର ଫିଟର ଟ୍ରେଡ୍‌ର ଛାତ୍ର। ଶନିବାର ବିଳମ୍ବିତ ରାତିରେ ଉକ୍ତ ଶିକ୍ଷାନୁଷ୍ଠାନ ହଷ୍ଟେଲ ଛାତକୁ ଲାଗିଥିବା ଜଣେ ବ୍ୟକ୍ତିଙ୍କ ଦୁଇ ତାଲା ଛାତ ଉପରେ ତାଙ୍କ ମୃତଦେହ ପଡ଼ିଥିବା ସମ୍ପୃକ୍ତ ଘର ମାଲିକ ଦେଖିବାକୁ ପାଇଥିଲେ। ସୂଚନା ପାଇ ରବିବାର ଝିରପାଣି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅତୁଲନଙ୍କ ମୃତ୍ୟୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଡାମିଟ୍ସ ପୁରୁଣା କ୍ୟାମ୍ପସରେ ରହିଥିବା ଏହି ହଷ୍ଟେଲର ତିନି ତାଲା ଛାତରୁ ପଡ଼ୋଶୀ ଛାତକୁ କିପରି ଅତୁଲନଙ୍କ ଶବ ଗଲା, ତାକୁ ନେଇ ପ୍ରଶ୍ନ ଉଠିଛି। ଅତୁଲନ ମୋବାଇଲରେ କଥା ହେବା ସମୟରେ ଅସାବଧାନତା ବଶତଃ ପଡ଼ିଯାଇଥିବା ପୁଲିସ ଅନୁମାନ କରୁଛି। ଯଦି ପୁଲିସ ଅନୁମାନ ଠିକ୍, ତେବେ ଅତୁଲନ ଦୁଇ ଛାତ ମଝିରେ ଥିବା ୩ରୁ ୪ ଫୁଟ ଓସାର ଫାଙ୍କା ଗଳିରେ ଖସିପଡ଼ିବା କଥା। ମାତ୍ର ସେଠାରେ ନ ପଡ଼ି ପଡ଼ୋଶୀ ଛାତରେ ପଡ଼ିଲା କିପରି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପରିବାରର ୪ ଜଣଙ୍କୁ ହତ୍ୟା ଘଟଣା; ୫ ଗିରଫ



**ରାଉରକେଲା,୧୮ ।୨(ସମିସ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ାଠାରୁ ୨୫ କିଲୋମିଟର ଦୂର ଝାଡ଼ଖଣ୍ଡ କେନ୍ଦପୋଷି ଷ୍ଟେସନ ନିକଟ ରେଳ ଧାରଣାରୁ ଶନିବାର ପରିବାରର ୪ ଜଣଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଥିଲା। ମୃକତଙ୍କ ମଧ୍ୟରେ ୨ ଶିଶୁ ସମେତ ସେମାନଙ୍କ ବାପା ମାଆ ଥିଲେ। ସମସ୍ତଙ୍କୁ ହତ୍ୟା କରାଯିବା ପରେ ରେଳ ଧାରଣାରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ରବିବାର ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ମଙ୍ଗଳ ସିଂ ସିଙ୍କୁ (୩୨), ମୋଟରା ସିଙ୍କୁ (୨୩), ଯୋଗେନ ସିଙ୍କୁ (୨୨), ସୋମା ସିଙ୍କୁ (୨୦) ଓ ଟୁପରା ସିଙ୍କୁ (୩୧)। ସମସ୍ତଙ୍କ ଘର ହାଟଗମ୍ହରିଆ ଥାନା ଅଞ୍ଚଳରେ। ହତ୍ୟାକାଣ୍ଡରେ ବ୍ୟବହୃତ ୨ଟି ଲାଠିକୁ ପୁଲିସ ଜବତ କରିଛି। ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡରେ ପୁଲିସ ପକ୍ଷରୁ ଏସଆଇଟି ଗଠନ କରି ତଦନ୍ତ ଭାର ଅତିରିକ୍ତ ଏସପି ଅମିତ ଆନନ୍ଦଙ୍କୁ ଦିଆଯାଇଥିଲା। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ପରିବାର ମଧ୍ୟରେ ଲାଗି ରହିଥିବା ବିବାଦ ଯୋଗୁଁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ହୋଇଥିବା ନେଇ ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

## ସୀମାନ୍ତରେ ଯବାନଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି, ୧୮ ।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ମାଓବାଦୀମାନେ ଜଣେ ଯବାନଙ୍କୁ ହତ୍ୟା କରିଥିବା ବେଳେ ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର କୁଟରୁ ଥାନା ଅନ୍ତର୍ଗତ ଦରଭାଠାରେ ଥିବା ସିଏଏଫର ଚତୁର୍ଥ ବାଟାଲିଅନରେ ତିଜାଓ ରାମ ଭୁଆର ନାମକ ଯବାନ କମ୍ପାନୀ କମାଣ୍ଡର ଥିଲେ। ସେ ରବିବାର ସକାଳେ କ୍ୟାମ୍ପ୍ ନିମନ୍ତେ ହାଟକୁ ସଉଦା କିଣିବାକୁ ଯାଇଥିଲେ। ଏହି ସମୟରେ କିଛି ସଶସ୍ତ୍ର ମାଓବାଦୀ ସେଠାରେ ପହଞ୍ଚି ତିଜାଓ ରାମଙ୍କୁ ଏକାକୀ ପାଇ ଗଳା କାଟି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣା ପରେ ସାପ୍ତାହିକ ହାଟ ବନ୍ଦ ହୋଇଯାଇଥିବା ବେଳେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ରସୁଲଗଡ଼କୁ ଉଠିଗଲା ପାସପୋର୍ଟ ଅଫିସ୍

**ଭୁବନେଶ୍ୱର,୧୮ ।୨(ସମିସ):** ଭୁବନେଶ୍ୱର ସିଆରପି ଛକ ନିକଟରେ ଥିବା ପାସପୋର୍ଟ ଅଫିସ୍ ରସୁଲଗଡ଼କୁ ଉଠି ଯାଇଛି। ଏହି ନୂଆ ଅଫିସ୍‌ର ନାମ ପାସପୋର୍ଟ ସେବାକେନ୍ଦ୍ର ରଖାଯାଇଛି। ଆସନ୍ତାକାଲି (ସୋମବାର) ଠାରୁ ଏଠାରେ କାର୍ଯ୍ୟାରମ୍ଭ ହେବ ବୋଲି ଜଣାଯାଇଛି। ଏହି ନୂଆ ଅଫିସ୍‌ରେ ଲୋକମାନେ ନୂଆ ପାସପୋର୍ଟ ପାଇଁ ଆବେଦନ ଓ ଡକ୍ୟୁମେଣ୍ଟ ଭେରିଫିକେସନ୍ କରିପାରିବେ। ସେହିପରି ସିଆର୍‌ପି ନିକଟରେ ଥିବା ପୁରୁଣା ପାସ୍‌ପୋର୍ଟ ଅଫିସ୍ (ରିଜିଓନାଲ) ରେ କେବଳ ସରକାରୀ କାମ ସହ ପାସପୋର୍ଟ ଇସ୍ୟୁ କରାଯିବ। ଏହି ନୂଆ ଅଫିସ୍‌ରେ ଉନ୍ନତ ଭିତ୍ତିଭୂମି ସହ ସବୁପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଆବେଦନକାରୀଙ୍କ ପାଇଁ ପ୍ରତୀକ୍ଷାଳୟ, ଲାଇବ୍ରେରୀର ମଧ୍ୟ ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ, ନୂଆପଲ୍ଲୀ ପାସ୍‌ପୋର୍ଟ ଅଫିସ୍‌ରେ ଭିତ୍ତିଭୂମିର ଅଭାବ ଥିବାରୁ ଦିନକୁ ଆସୁଥିବା ଶହଶହ ଆବେଦନକାରୀ ନାନା ସମସ୍ୟା ଭୋଗୁଥିଲେ। ଧୁ ଧୁ ଖରାରେ ଲୋକେ ଅଫିସ୍ ଆଗରେ ଲାଇନ୍ ଲଗାଇ ଠିଆ ହେଉଥିଲେ। ଫଳରେ କିଛି ଦଲାଲ ଏହାର ସୁଯୋଗ ନେଉଥିଲେ। ଶୀଘ୍ର କାମ କରାଇଦେବାକୁ କହି ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଥିଲେ।

### ■ ନୂଆ-ଓ ରାଜ୍ୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

## ମହିଳା ବିଭାଗରେ ଖୋର୍ଦ୍ଧା ବିଜେତା



**କଟକ, ୧୮ ।୨ (ସମିସ):** ଜବାହରଲାଲ ନେହରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଚାଲିଥିବା 'ନୂଆ-ଓ' ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବର୍ଗରେ ଗଞ୍ଜାମକୁ ୨୫-୪୦ ପଏଣ୍ଟରେ ପରାସ୍ତ କରି ଖୋର୍ଦ୍ଧା ଦଳ ଚାମ୍ପିଅନ ହୋଇଛି। ଏହି ବର୍ଗରେ ସୁନ୍ଦରଗଡ଼ ୩ୟ ଏବଂ ଯାଜପୁର ୪ର୍ଥ ସ୍ଥାନ ହାସଲ କରିଥିଲେ। ସେହିପରି ପୁରୁଷ ବର୍ଗର ଫାଇନାଲରେ ପୁରୀକୁ ହରାଇ କଟକ ଚାମ୍ପିଅନ ଟାଇଟଲ ହାସଲ କରିଛି। ଏହି ବର୍ଗରେ ଢେଙ୍କାନାଳ ଏବଂ ବାଲେଶ୍ୱର ଯଥାକ୍ରମେ ୩ୟ ଏବଂ ୪ର୍ଥ ସ୍ଥାନ ହାସଲ କରିଥିଲେ। ମହିଳା ବିଭାଗରେ ଖୋର୍ଦ୍ଧାର ଜ୍ୟୋତି ଦଳେଇ ଓ ପୁରୁଷ ବିଭାଗରେ କଟକର କରୁଣାକର ବେହେରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପରୁସ୍କାର ବାବଦରେ ପ୍ରତ୍ୟେକ ବିଭାଗର ଚାମ୍ପିଅନ୍ ଖେଳାଳିଙ୍କୁ ୨ ଲକ୍ଷ, ରନର୍ସ ଅପ୍‌କୁ ୧ ଲକ୍ଷ, ତୃତୀୟ ଓ ଚତୁର୍ଥ ସ୍ଥାନି ଦଳକୁ ୫୦, ୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମେୟର ସୁବାସ ସିଂହ, ରାଜ୍ୟ ସରକାରଙ୍କ ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ଡଃ ସ୍ୱରୂପାନନ୍ଦ ସାହୁ, ରାଜ୍ୟ କବାଡି ସଂଘ ସଭାପତି ଡଃ ଶରତ କୁମାର ସାହୁ, ସମ୍ପାଦକ ଅଜୟ କୁମାର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ଅତିଥି ଭାବେ ଯୋଗ ଦେଇଥିଲେ।

### ■ ରାଧାରମଣ ପାଣିଗ୍ରାହୀ ରାଜ୍ୟ ଓପନ ସ୍କୁଲ ଚେସ୍

## ବିନିତ୍ ନାୟକ ଚାମ୍ପିଅନ



**ଭୁବନେଶ୍ୱର, ୧୮ ।୨(ସମିସ):** ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ବିନୀତ ନାୟକ ୭ମ ରାଧାରମଣ ପାଣିଗ୍ରାହୀ ସ୍ମାରକୀ ରାଜ୍ୟ ସ୍କୁଲ ଚେସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ସେ ଓ ଯାଜପୁର ଟାଉନ୍ ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାଇ ରଞ୍ଜନ ମିଶ୍ର ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବୁକୋଲଜ୍‌ରେ ବିନୀତ ପ୍ରଥମ ଓ ସାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱର କେଭି-୧ର ତ୍ରିଦେବ ତୀର୍ଥଙ୍କର, କିଟ୍‌ର ଆହାନ ମିଶ୍ର, ପ୍ରଭୁଜୀ ଇଏମ୍‌ର ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, କେଭି ନଂ-୧ର ଆୟୁଷ୍ମାନ ବେହେରା, ଚନ୍ଦ୍ରଶେଖରପୁର ଡିଏଭି'ର ଓମ୍ ସ୍ୱରୂପ ପାଢ଼ୀ, କେଭି-୧ର ସ୍ୱସ୍ତିକ ବେହେରା, କେଭି ଆଇଆଇଟିର ନିଲାଂଶ ଗୋଲାପୁଡ଼ି ଓ ପୋଖରୀପୁଟ ଡିଏଭିର ଅନୁଭବ ଦାଶ ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଶିକ୍ଷକ ନଳିନୀକାନ୍ତ ମହାନ୍ତି, ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ପକ୍ଷରୁ ଏହି ପ୍ରତିଯୋଗିତାଟି କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା।



■ ଦୁଷ୍କର୍ମ ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ

## ତ୍ରିପୁରା ମାଜିଷ୍ଟ୍ରେଟ୍‌ଙ୍କ ବିରୋଧରେ ଅଭିଯୋଗ

ଅଗରତାଲା, ୧୮।୨ (ଏଜେନ୍ସି): ତ୍ରିପୁରା କମାଲପୁର ଫାଷ୍ଟ କ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟ ଜଣେ ଦୁଷ୍କର୍ମ ପୀଡ଼ିତଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ଲାଗିଛି। ଗତ ୧୬ ତାରିଖରେ ଏହି ଘଟଣା ଘଟିଥିଲା। ଏହି ଦିନ ପୀଡ଼ିତା ନିଜ ପତିଙ୍କ ସହ ଦୁଷ୍କର୍ମ ମାମଲାରେ ବୟାନ ରେକର୍ଡ କରିବାକୁ ମାଜିଷ୍ଟ୍ରେଟଙ୍କ ଚ୍ୟାମ୍ବରକୁ ଯାଇଥିଲେ। ପୀଡ଼ିତା କିଛି କହିବା ଆଗରୁ ବିଚାରପତି ତାଙ୍କୁ ଖରାପ ଉଦ୍ଦେଶ୍ୟରେ ଛୁଇଁବାରେ ଲାଗିଥିଲେ। ପରେ ପୀଡ଼ିତା ତୁରନ୍ତ ବାହାରି ଆସି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସେ ଏ ନେଇ କମାଲପୁର ଥାନାରେ ବିଚାରପତି ବିଶ୍ୱତୋଷ ଧରଙ୍କ ବିରୋଧରେ ଅଭିଯୋଗ ରୁଜୁ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଏହି ମାମଲାର ତଦନ୍ତ ପାଇଁ ଧଲାଇ ଜିଲ୍ଲା-ସେସନ ବିଚାରପତି ଗୌତମ ସରକାରଙ୍କ ଅଧ୍ୟକ୍ଷତାରେ ତିନି ଜଣିଆ ବିଚାରପତିଙ୍କ କମିଟି ଗଠନ କରାଯାଇଛି। ଏହି କମିଟି ମାମଲାର ତଦନ୍ତ ଆରମ୍ଭ କରିଛି। ମହିଳା କମାଲପୁର ବାର୍ ଆସୋସିଏସନରେ ମଧ୍ୟ ଅଭିଯୋଗ କରିଛନ୍ତି। ବିଚାରପତିଙ୍କ ଚ୍ୟାମ୍ବରକୁ ପୀଡ଼ିତାଙ୍କ ସହ ଜଣେ ମହିଳା କନଷ୍ଟେବଲ ମଧ୍ୟ ଯାଇଥିଲେ। ମାତ୍ର ବିଚାରପତି ତାଙ୍କୁ ରହିବାକୁ ଦେଇ ନ ଥିଲେ।

■ ନଭଲନିଙ୍କ ମୃତଦେହ ଦେଉନି ରୁଷ

## ଖାଲି ହାତରେ ଫେରିଲେ ମାଆ

ମସ୍କୋ, ୧୮।୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଦୃଢ଼ ବିରୋଧୀ ଆଲେକ୍ସି ନଭଲନିଙ୍କ ମୃତ୍ୟୁକୁ ନେଇ ରହସ୍ୟ ଜାରି ରହିଛି। ସାଇବେରିଆ ଜେଲରେ ତାଙ୍କୁ ହତ୍ୟା କରାଯାଇଥିବା ଦାବି ହେଉଛି। ଏପରି ସମୟରେ ନଭଲନିଙ୍କ ମୃତଦେହ ଶବଗୃହରୁ ନିଖୋଜ ହୋଇଯାଇଛି। ଏହା ହତ୍ୟା ସନ୍ଦେହକୁ ଅଧିକ ଘନୀଭୂତ କରୁଛି। ସୂଚନା ଅନୁଯାୟୀ ନଭଲନିଙ୍କ ମାଆ ଲ୍ୟୁଡମିଲା ନଭଲନି ଏବଂ ତାଙ୍କ ଓକିଲ ପୁଅର ମୃତଦେହ ଆଣିବାକୁ ସାଲେଖଡ଼ ଶବଗୃହକୁ ଯାଇଥିଲେ। ମାତ୍ର ତାଙ୍କ ମୃତଦେହ ସେଠାରେ ନ ଥିବା ଅଧିକାରୀ କହିଥିଲେ। ତୁରନ୍ତ ମୃତଦେହ ହସ୍ତାନ୍ତର କରିବାକୁ ନଭଲନିଙ୍କ ଟିମ ପକ୍ଷରୁ ଦାବି କରାଯାଇଛି। ପୁତିନ ପ୍ରଶାସନ ମୃତ୍ୟୁର ରହସ୍ୟ ଲୁଚାଇବାକୁ ପ୍ରୟାସ କରୁଥିବା କୁହାଯାଇଛି। ନଭଲନିଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପ୍ରବକ୍ତା କିରା ୟାରମାଇସ କହିଛନ୍ତି। ଏଥିପାଇଁ ପୁତିନ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରୁଷ ସରକାର ଏହି ଅଭିଯୋଗକୁ ଖାରଜ କରିଦେଇଛନ୍ତି। 'ସଡନ ଡେଥ ସିଣ୍ଡ୍ରୋମ' ଦ୍ୱାରା ନଭଲନିଙ୍କ ମୃତ୍ୟୁ ହୋଇଛି ବୋଲି ତାଙ୍କ ମାଆଙ୍କୁ କୁହାଯାଇଛି।

■ ଅଖିଳେଶଙ୍କୁ ଝଟ୍‌କା

## ସାଧାରଣ ସମ୍ପାଦକ ପଦରୁ ସଲିମଙ୍କ ଇସ୍ତଫା

ଲକ୍ଷ୍ନୌ,୧୮।୨(ଏଜେନ୍ସି): ଲୋକସଭା ନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟିକୁ ପୁଣି ଝଟ୍‌କା ଲାଗିଛି। ପୂର୍ବରୁ ଆରଏଲଡି ଏନଡିଏରେ ମିଶିବା ଦଳ ପାଇଁ ଝଟକା ହୋଇଥିଲା। ଏହାପରେ ଜଣକ ପରେ ଜଣେ ବରିଷ୍ଠ ନେତା ଦଳୀୟ ପଦ ପଦବୀ ଛାଡିବା ଦଳୀୟ ସୁପ୍ରିମୋ ଅଖିଳେଶ ଯାଦବଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦଳର ସାଧାରଣ ସମ୍ପାଦକ ପଦରୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଇସ୍ତଫା ଦେବା ପରେ ଏବେ ଆଉ ଦୁଇ ନେତା ଇସ୍ତଫା ଦେଇଛନ୍ତି। ୫ ଥର ସାଂସଦ ରହିଥିବା ସଲିମ ଶେରଓ୍ୱାନି ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ଅଖିଳେଶଙ୍କ ନିକଟକୁ ପଠାଇଛନ୍ତି। ଦଳରୁ ଅସନ୍ତୁଷ୍ଟ ହୋଇ ସେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଦଳ ତାଙ୍କୁ ରାଜ୍ୟସଭା ପଠାଇ ନଥିବା ଯୋଗୁ ସଲିମ ଅସନ୍ତୁଷ୍ଟ ଥିବା କୁହାଯାଉଛି। ସେହିପରି ପୂର୍ବତନ ମନ୍ତ୍ରୀ ଅବିଦ ରାଜା ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ସପ୍ତାହକ ଭିତରେ ଅନେକ ନେତାଙ୍କ ଇସ୍ତଫା ଯୋଗୁ ଦଳରେ ହଇଚଇ ଆରମ୍ଭ ହୋଇଯାଇଛି।

## ଚିନୁକ ହେଲିକପ୍ଟରର ଜରୁରୀ ଅବତରଣ

ଚଣ୍ଡିଗଡ଼, ୧୮।୨ (ଏଜେନ୍ସି): ଭାରତୀୟ ନୌସେନା (ଆଇଏଏଫ)ର ଏକ ଚିନୁକ ହେଲିକପ୍ଟର ରବିବାର ଦ୍ୱିପହରେ ପଞ୍ଜାବ ବର୍ଣ୍ଣାଲ କ୍ଷେତରେ ଜରୁରୀ ଅବତରଣ କରିଛି। ଏହାର ପାଇଲଟ ଏବଂ ଅନ୍ୟ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ନୌସେନାର ଉଦ୍ଧାରକାରୀ ଟିମ ଘଟଣାସ୍ଥଳରେ ପହଞ୍ଚିଛି। ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ହେଲିକପ୍ଟରଟି ନିୟମିତ ଉଡ଼ାଣରେ ବାହାରି ଥିଲା। ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜରୁରୀ ଅବତରଣ କରିଥିଲା। ସୂଚନାଯୋଗ୍ୟ ଯେ ୨୦୨୨ରେ ଆମେରିକା ନିଜର ଚିନୁକ ହେଲିକପ୍ଟର ଉଡ଼ାଣ ଉପରେ କଟକଣା ଲଗାଇ ଦେଇଥିଲା। ଏହାର ଇଞ୍ଜିନରେ ବାରମ୍ବାର ନିଆଁ ଲାଗି ଯାଉଥିବାରୁ ଏହି ପଦକ୍ଷେପ ନିଆଯାଇଥିଲା। ମାତ୍ର ଭାରତରେ ଚିନୁକର ଉଡ଼ାଣ ଏବେ ବି ଜାରି ରହିଛି। ଆମେରିକା ଉଡ଼ାଣ ବନ୍ଦ କରିବା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ଭାରତ ଚିନୁକ ଉତ୍ପାଦନକାରୀ କମ୍ପାନୀ ବୋଇଂକୁ କହିଛି।

ସୁପ୍ରିମକୋର୍ଟଙ୍କ ବଡ଼ ଟିପ୍ପଣୀ

## ଘର ସମ୍ଭାଳିବା ମୂଲ୍ୟ ଚାକିରିଆଙ୍କ ଦରମାଠୁ କମ୍ ନୁହେଁ

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): ଘର ସମ୍ଭାଳୁଥିବା ମହିଳା ଚାକିରିଆଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି। ଘର ସମ୍ଭାଳିବା କାର୍ଯ୍ୟର ମୂଲ୍ୟ ଅଫିସରେ କାମ କଲେ ମିଳୁଥିବା ଦରମାଠାରୁ କମ୍ ନୁହେଁ। ଏପରି କାର୍ଯ୍ୟର ବହୁମୂଲ୍ୟ ରହିଛି। ଘର କାର୍ଯ୍ୟ ପରିଚାଳନା କରୁଥିବା ମହିଳାଙ୍କ ସମ୍ମାନ ସବୁଠାରୁ ଉଚ୍ଚରେ। ତାଙ୍କର ଯୋଗଦାନକୁ ଟଙ୍କା ସହ ତୁଳନା କରିହେବ ନାହିଁ। ଏପରି କରିବା କଷ୍ଟସାଧ୍ୟ। ପରିବାରରେ ଦରମା ପାଉଥିବା ଲୋକଙ୍କୁ ଭଳି ଘର ସମ୍ଭାଳୁଥିବା ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୃହିଣୀଙ୍କ ମୃତ୍ୟୁରେ କମ୍ ଅନୁକମ୍ପାମୂଳକ ସହାୟତା ଦିଆଯିବା ମାମଲାର ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି।



ଏହା ସହିତ କ୍ଷତିପୂରଣ ରାଶିକୁ ଅଢ଼େଇ ଲକ୍ଷରୁ ଛଅ ଲକ୍ଷକୁ ବୃଦ୍ଧି କରିଛନ୍ତି। ଛଅ ସପ୍ତାହ ମଧ୍ୟରେ ଏହା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଟ୍ରିବ୍ୟୁନାଲ ଏବଂ ଅଦାଲତଗୁଡ଼ିକ ଏଭଳି ମାମଲାରେ ଏକ ଆନୁମାନିକ ମୂଲ୍ୟ ଧାର୍ଯ୍ୟ କରିବା ଉଚିତ ବୋଲି କହିଛନ୍ତି।

ସୁପ୍ରିମକୋର୍ଟ ୨୦୦୬ରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହିଳାଙ୍କ ପରିବାରର ଆବେଦନର ଶୁଣାଣି କରୁଥିଲେ। ଏହି ମାମଲାରେ ମହିଳା ଗୃହିଣୀ ହୋଇଥିବାରୁ ଟ୍ରିବ୍ୟୁନାଲ ଅଢ଼େଇ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ପରିବାର ଦାଏର କରିଥିବା ଆବେଦନକୁ ହାଇକୋର୍ଟ ୨୦୧୭ରେ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟ ଏହା ଉପରେ ଶୁଣାଣି କରି କହିଥିଲେ ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ କାହାର ମୃତ୍ୟୁର କ୍ଷତିପୂରଣକୁ ତାହାର ସର୍ବନିମ୍ନ ଆୟ ଏବଂ ଜୀବନଧାରଣ ମୂଲ୍ୟ ସହ ତୁଳନା କରାଯାଇଛି। ଟ୍ରିବ୍ୟୁନାଲ ଯେଉଁ କ୍ଷତିପୂରଣ ଧାର୍ଯ୍ୟ କରିଛନ୍ତି ତାହା ଦିନ ମଜୁରିଆଙ୍କଠାରୁ ବି କମ। ହାଇକୋର୍ଟ ମଧ୍ୟ ଏଥିରେ ତ୍ରୁଟି ଥିବା ଦେଖି ପାରି ନ ଥିଲେ। ଘର କାମ କରୁଥିବା ମହିଳାଙ୍କ ମୂଲ୍ୟ ଦିନ ମଜୁରିଆଙ୍କଠାରୁ କମ୍ କେମିତି ହେବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଭଳି ଆଭିମୁଖ୍ୟକୁ ଆଦୌ ଗ୍ରହଣ କରାଯିବ ନାହିଁ।

କେନ୍ଦ୍ରକୁ ଚାଷୀନେତାଙ୍କ ଚେତାବନୀ

# ନିର୍ବାଚନୀ ସଂହିତା ଲାଗୁ ପୂର୍ବରୁ ଦାବି ପୂରଣ କର

ନୂଆଦିଲ୍ଲୀ,୧୮।୨(ଏଜେନ୍ସି)



ପଞ୍ଜାବରେ ୨୬ ଯାଏ ଇଣ୍ଟରନେଟ୍ ବନ୍ଦ

ଏମଏସପି ଗ୍ୟାରେଣ୍ଟି ସହିତ ଅନ୍ୟାନ୍ୟ ଦାବି ନେଇ ପଞ୍ଜାବ-ହରିୟାଣା ସୀମାରେ ଚାଷୀଙ୍କ ଆନ୍ଦୋଳନ ଜାରି ରହିଛି। ଦିଲ୍ଲୀ ଅଭିଯାନରେ ବାହାରିଥିବା ହଜାର ହଜାର ଚାଷୀ ଏଠାରେ ଧାରଣା ଦେଇଥିଲେ ହେଁ ହରିୟାଣା ସରକାର ନିଜ ସୀମା ଭିତରେ ପ୍ରବେଶ କରାଇବାକୁ ପ୍ରତିବନ୍ଧକ ଲଗାଇଛନ୍ତି। ଏହାମଧ୍ୟରେ ଚାଷୀଙ୍କ ସମସ୍ୟା ଦୂର କରିବାକୁ କେନ୍ଦ୍ରୀୟ ନେତା ଓ ମନ୍ତ୍ରୀମାନଙ୍କ ସହ ଚାଷୀ ନେତାଙ୍କ ବହୁ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ହେଲେ ଏବେ ସୁଦ୍ଧା କୌଣସି ନିର୍ଯ୍ୟାସ ବାହାରିପାରି ନାହିଁ। ଅନ୍ୟପକ୍ଷରେ ଲୋକସଭା ନିର୍ବାଚନୀ ପାଖେଇ ଆସୁଥିବାରୁ ବିଭିନ୍ନ କୃଷକ ସଂଗଠନର ନେତା କେନ୍ଦ୍ରକୁ ଚେତାବନୀ ଦେଇଛନ୍ତି। ଆସନ୍ତା ମାସରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ଏହାପରେ ଆଚରଣ ସଂହିତା ଲାଗୁ ହୋଇଯିବା ଆଶଙ୍କା କରି ଚାଷୀନେତା ମାନେ ଏହାପୂର୍ବରୁ ସରକାର ସେମାନଙ୍କ ଦାବି ପୂରଣ କରନ୍ତୁ ବୋଲି ରବିବାର କହିଛନ୍ତି। ନଚେତ୍ ଚାଷୀ ଏହି ସ୍ଥାନରୁ ହଟିବେ ନାହିଁ ଏବଂ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଚାଷୀ ନେତାଙ୍କ ସହ ଆଲୋଚନା ଲାଗି କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା, ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସନ୍ଧ୍ୟାରେ ଚଣ୍ଡିଗଡ଼ରେ ପହଞ୍ଚିଛନ୍ତି। ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ହରିୟାଣାରେ ଇଣ୍ଟରନେଟ୍ ସେବା ବନ୍ଦକୁ ଆଉ ଦିନକ ପାଇଁ ବଢାଇ ଦିଆଯାଇଛି। ସେହିପରି ପଞ୍ଜାବର ପ୍ରାୟ ୨୦ଟି ଥାନା ଅଞ୍ଚଳରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ୍ ବନ୍ଦ ଘୋଷଣା କରାଯାଇଛି।

## ପଞ୍ଜାବରେ ପୃଥକ ଲଢ଼ିବାକୁ କଂଗ୍ରେସ-ଆପ୍ ମଧ୍ୟରେ ବୁଝାମଣା



ନୂଆଦିଲ୍ଲୀ,୧୮।୨(ଏଜେନ୍ସି): ପଞ୍ଜାବରେ ୨୦୨୪ ଲୋକସଭା ନିର୍ବାଚନ ପୃଥକ ଭାବେ ଲଢିବାକୁ କଂଗ୍ରେସ ଏବଂ ଆପ୍ ମଧ୍ୟରେ ବୁଝାମଣା ହୋଇଛି। ପୂର୍ବରୁ ଆସନ ବଣ୍ଟନ ବୁଝାମଣା ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା ବେଳେ ଆପ୍ ଏଠାରେ ସମସ୍ତ ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଥିଲା। ଏହାକୁ ନେଇ କଂଗ୍ରେସ ମଧ୍ୟରେ ଅସନ୍ତୋଷ ବଢିଥିଲା। ଉଭୟ ଦଳ ଇଣ୍ଡିଆ ମେଣ୍ଟରେ ରହିଥିବାରୁ ସମସ୍ୟା ବଢିଥିଲା। ତେବେ ଏଠାରେ ପୃଥକ ଭାବେ ନିର୍ବାଚନ ଲଢିବାକୁ ଦୁଇ ଦଳ ମଧ୍ୟରେ ବୁଝାମଣା ହୋଇଛି ବୋଲି ରବିବାର ଆପ୍ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି।

## ପିସିସି ସଭାପତିଙ୍କ ଦାବି; ବିଜେପିକୁ ଯିବେନି କମଲନାଥ

ନୂଆଦିଲ୍ଲୀ,୧୮।୨(ଏଜେନ୍ସି)

କଂଗ୍ରେସର ବରିଷ୍ଠ ତଥା ପ୍ରମୁଖ ନେତା କମଲନାଥ ତାଙ୍କର କିଛି ସହଯୋଗୀଙ୍କ ସହ ବିଜେପିରେ ସାମିଲ ହେବାକୁ ନେଇ ଚର୍ଚ୍ଚା ବଢି ଚାଲିଛି। କୌଣସି ମୁହୂର୍ତ୍ତରେ କମଲନାଥ ତାଙ୍କ ପୁଅଙ୍କ ସହ ବିଧିବଦ୍ଧ ଭାବେ ପଦ୍ମ ଧରିପାରନ୍ତି ବୋଲି କୁହାଯାଉଛି। ଏହିକ୍ରମରେ ତାଙ୍କର କିଛି ଅନୁଗତ ଏବଂ ୬ ବିଧାୟକ ରବିବାର ଦିଲ୍ଲୀରେ ପହଞ୍ଚିବା ଘଟଣା ଏହି ବିଷୟକୁ ଅଧିକ ସ୍ପଷ୍ଟ କରିଛି। କିନ୍ତୁ କମଲନାଥ ଏ ସମ୍ପର୍କରେ ମୁହଁ ଖୋଲୁ ନଥିବା ବେଳେ ମଧ୍ୟପ୍ରଦେଶ କଂଗ୍ରେସ ନେତା ମଧ୍ୟ ଭିନ୍ନ ମନ୍ତବ୍ୟ ଦେଇଛନ୍ତି। କମଲନାଥ ଆଜି ବି କଂଗ୍ରେସରେ ରହିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ରହିବେ ବୋଲି ରାଜ୍ୟ କଂଗ୍ରେସ ମୁଖିଆ ଜିତେନ୍ଦ୍ର ପଟୱାରୀ ସାମ୍ବାଦିକମାନଙ୍କ ଆଗରେ ଦୃଢୋକ୍ତି କରିଛନ୍ତି। ସେ କହିଛନ୍ତି ଯେ, କମଲନାଥଙ୍କ ସହ କଥାବାର୍ତ୍ତା



କରିଛନ୍ତି। ବିଜେପିରେ ସେ ମିଶିବା କଥା ସମ୍ପୂର୍ଣ୍ଣ ମିଥ୍ୟା। କାରଣ କୌଣସି ସ୍ଥିତିରେ ଦଳ ଛାଡୁନାହାନ୍ତି ବୋଲି କମଲନାଥ ତାଙ୍କୁ କହିଥିବା ପଟୱାରୀ କହିଛନ୍ତି।

ନୱାଜଙ୍କ ଦଳର ବିବୃତ୍ତି

## ଇମ୍ରାନଙ୍କ ଶିରଚ୍ଛେଦ କରିବାର ଥିଲା

ଇସଲାମାବାଦ,୧୮।୨ (ଏଜେନ୍ସି)

ପାକିସ୍ତାନ ନିର୍ବାଚନରେ ଜାଲିଆତିକୁ ନେଇ ଇମ୍ରାନ ଖାନଙ୍କ ଦଳ ପିଟିଆଇ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରୁଛି। ଜାଲିଆତି ପାଇଁ ମୁଖ୍ୟ ନିର୍ବାଚନ କମିଶନ ଏବଂ ପ୍ରଧାନ ବିଚାରପତିଙ୍କ ଇସ୍ତଫା ଦାବି କରୁଛନ୍ତି। ଏହା ମଧ୍ୟରେ ନୱାଜ ସରିଫଙ୍କ ଦଳ ପାକିସ୍ତାନ ମୁସଲିମ ଲିଗ-ନୱାଜ (ପିଏମଏଲଏନ) ନେତ୍ରୀ ମରିୟମ ଔରଙ୍ଗଜେବ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଦଶ ବର୍ଷ ତଳେ ଇମ୍ରାନ ଖାନ ଏବଂ ତାଙ୍କ ଦଳର ସଦସ୍ୟଙ୍କ ଶିରଚ୍ଛେଦ କରିଦେବାର ଥିଲା ବୋଲି କହିଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ମରିୟମ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୨୦୧୪ରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ପାକିସ୍ତାନ ଆସିବାର ଥିଲା। ଏହି ସମୟରେ ପିଟିଆଇ ପିଟିଭି ଏବଂ ରେଡିଓ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା।



ବାହାରି ପାରିଲାନି ସରକାର ଗଠନର ସୂତ୍ର

ସେତେବେଳେ ଡି ଚୌକରେ କବର ଖୋଳି ଥିଲେ। ସୁପ୍ରିମକୋର୍ଟ, ସଂସଦ ବନ୍ଦ କରି ଜନାଦେଶ ଚୋରି କରି ନେଇଥିଲେ। ଇମ୍ରାନ ଦେଶକୁ ଦେବାଳିଆ କରି ଲୁଟି ଚାଲି ଯାଇଥିଲେ। ଏବେ ବି ସେପିରି କରୁଛନ୍ତି। ନିର୍ବାଚନ ଫଳାଫଳ ଆସିବା ପରେ ବି ସରକାର ଗଠନ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ସରକାର ଗଠନ ପାଇଁ ପିଏମଏଲଏନ ଏବଂ ପିପିପି ମଧ୍ୟରେ ହୋଇଥିବା ବୈଠକ ବିଫଳ ହୋଇଛି। ସରକାର ଗଠନର ସୂତ୍ର ବାହାରି ପାରି ନାହିଁ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ପ୍ରସ୍ତାବ ପାରିତ

# ଅଧ୍ୟକ୍ଷ ନିଯୁକ୍ତ କରିପାରିବ ସଂସଦୀୟ କମିଟି

ନୂଆଦିଲ୍ଲୀ,୧୮।୨(ଏଜେନ୍ସି)

ବିଜେପିର ଜାତୀୟ କାର୍ଯ୍ୟକାରିଣୀ ରବିବାର ଶେଷ ହେବା ସହ ଦଳୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ଏକ ପ୍ରସ୍ତାବ ପାରିତ ହୋଇଛି। ଅଧ୍ୟକ୍ଷ ନିଯୁକ୍ତି ପାଇଁ ଦଳର ସମ୍ବିଧାନ ଧାରା- ୧୯ ଅନୁଯାୟୀ ବ୍ୟବସ୍ଥା ରହିଛି। ତେବେ ଏହି ବୈଠକରେ ଏକ ନୂଆ ପ୍ରସ୍ତାବ ପାରିତ ହେବା ସହିତ ଦଳର ସଂସଦୀୟ କମିଟି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ନିଯୁକ୍ତି କରିପାରିବ ବୋଲି ପାରିତ ହୋଇଛି। ସେହି ଅନୁସାରେ ବର୍ତ୍ତମାନର ଅଧ୍ୟକ୍ଷ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ୨୦୨୪ ଯାଏ ବଢ଼ାଇ ଦିଆଯାଇଛି। ବିଜେପି ସଂସଦୀୟ ବୋର୍ଡ ଏହି କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ବିଜେପି ଆସନ୍ତା ଲୋକସଭା ନିର୍ବାଚନ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଲଢ଼ିବ। ଦଳର ନିର୍ବାଚନୀ ରଣନୀତି ଓ ପ୍ରଚାର ପ୍ରସଙ୍ଗ ସମ୍ପର୍କରେ ନିଜ ଇଚ୍ଛାନୁଯାୟୀ ନିଷ୍ପତ୍ତି ନେବାକୁ ତାଙ୍କୁ ଦଳ ପକ୍ଷରୁ କ୍ଷମତା ଦିଆଯାଇଛି। ତାଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ଗତ ଜାନୁଆରୀ ମାସରେ ପ୍ରସ୍ତାବ ଦିଆଯାଇଥିଲା। ଯାହାକୁ ଆଜି ସଂସଦୀୟ ବୋର୍ଡର ମଞ୍ଜୁରୀ ମିଳିଛି। ୨୦୧୯ରେ ବିଜେପିର ତତ୍କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଗୃହମନ୍ତ୍ରୀ ହେବା ପରେ ନଡ୍ଡାଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ୨୦୨୦ରୁ ସେ ବିଜେପିର ପୂର୍ଣ୍ଣକାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।

ନଡ୍ଡାଙ୍କ କାର୍ଯ୍ୟକାଳ ବୃଦ୍ଧି

## ମୋଦୀଙ୍କ ନିର୍ବାଚନୀ ମନ୍ତ୍ର; ଲୋକଙ୍କ ବିଶ୍ୱାସ ଜିତ

୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ପଡ଼ିବ। ଏହା ହେଉଛି ମୋଦୀଙ୍କ ଗ୍ୟାରେଣ୍ଟି। ଆଗାମୀ ୫ବର୍ଷରେ ଦେଶକୁ କ୍ଷିପ୍ର ବିକାଶ ମାର୍ଗରେ ଆଗକୁ ନେବାକୁ ହେବ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର କୌଣସି ଏଜେଣ୍ଡା ନାହିଁ। ସେମାନେ ଭ୍ରଷ୍ଟାଚାର, ପରିବାରବାଦୀ, ଜାତିବାଦୀ ଓ ତୁଷ୍ଟିକରଣ ରାଜନୀତିରେ ଲିପ୍ତ ଅଛନ୍ତି। ତେଣୁ ଏନଡିଏ ହିଁ ଦେଶକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ସକ୍ଷମ ହେବ ବୋଲି ବିଜେପିର ଜାତୀୟ କାର୍ଯ୍ୟକାରିଣୀର ଅନ୍ତିମ ଦିବସରେ ନେତା ଓ କର୍ମୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସେ କହିଛନ୍ତି ଯେ, ଦେଶକୁ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତିରେ ପରିଣତ କରିବା ନିମନ୍ତେ ବିଜେପିକୁ ତୃତୀୟ ଥର ନିର୍ବାଚନ ଜିତିବାକୁ ହେବ। ବଡ଼ ସ୍ୱପ୍ନ, ବଡ଼ ସଙ୍କଳ୍ପ ନେଇ ଅଗ୍ରସର ହେବାକୁ ପଡ଼ିବ। ଅନ୍ୟୁନ ୩୭୦ ଲୋକସଭା ଆସନରେ ବିଜେପି ପ୍ରାର୍ଥୀଙ୍କୁ ଜିତାଇବାକୁ ହେବ। ବିଜେପି କାର୍ଯ୍ୟକର୍ତ୍ତାମାନେ ୨୪ ଘଣ୍ଟା ଦେଶର ହିତ ସାଧନ ପାଇଁ କାର୍ଯ୍ୟ କରୁଛନ୍ତି। ତେବେ ଆଗାମୀ ୧୦୦ ଦିନ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଧିକରୁ ଅଧିକ କାର୍ଯ୍ୟ



କରିବାକୁ ହେବ। ପ୍ରତ୍ୟେକ ଲାଭାର୍ଥୀ ଓ ପ୍ରତ୍ୟେକ ନୂଆ ଭୋଟରଙ୍କ ପାଖରେ ପହଞ୍ଚିବାକୁ ହେବ। ସମସ୍ତଙ୍କ ବିଶ୍ୱାସ ଜିତିବାକୁ ହେବ ବୋଲି ମୋଦୀ କହିଛନ୍ତି। ଏହିକ୍ରମରେ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ଇଣ୍ଡିଆ ଗୋଷ୍ଠୀର ନେତାମାନେ ପରିବାରବାଦୀ ତଥା ବଂଶବାଦୀ। ସେମାନେ ନିଜନିଜ ଦଳରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ହିଁ ରାଜନୀତିରେ ଥଇଥାନ କରିବାକୁ ଚାହାନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଜନୈତିକ ଲକ୍ଷ୍ୟ ଭିନ୍ନ। ମୋଦୀ ଭାରତକୁ ଆତ୍ମନିର୍ଭର ତଥା ସ୍ୱାବଲମ୍ବୀ କରିବାକୁ ଚାହାନ୍ତି। ଏହିକ୍ରମରେ ସେ ସୋନିଆଙ୍କ ଠାରୁ ଆରମ୍ଭ କରି ଶରଦ ପାୱାର ମମତା ବନାର୍ଜୀ ଏବଂ ଲାଲୁ ପ୍ରସାଦଙ୍କ ପର୍ଯ୍ୟନ୍ତ ଉଦାହରଣ ରଖିଥିଲେ। ଯେଉଁମାନେ ନିଜ ପରିବାର ପାଇଁ କ୍ଷମତା ସାଉଁଟିବାରେ ବ୍ୟାକୁଳ ସେମାନେ ଗରିବ ଜନତାଙ୍କ କଲ୍ୟାଣ ପାଇଁ କିଛି କରିବେ, ଏହା ଆଶା କରଯାଇପାରିବ କି ବୋଲି ଶାହ ପ୍ରଶ୍ନ କରିଛନ୍ତି।

ସମାଧି ନେଲେ ଜୈନ ମୁନି

## ଆଚାର୍ଯ୍ୟ ବିଦ୍ୟାସାଗର



ନୂଆଦିଲ୍ଲୀ,୧୮।୨(ଏଜେନ୍ସି): ଜୈନ ମୁନି ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜ ଇହଲୀଳା ସମ୍ବରଣ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଛତିଶଗଡ଼ର ଡୋଙ୍ଗରଗଡର ଚନ୍ଦ୍ରଗିରିରେ ୭୭ ବର୍ଷ ବୟସରେ ମୁନି ବିଦ୍ୟାସାଗର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ତିନି ଦିନ ଧରି ଉପବାସରେ ରହିବା ପରେ ସମାଧି ନେଇଛନ୍ତି। ତାଙ୍କର ସମାଧି ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକବ୍ୟକ୍ତ କରିଛନ୍ତି। ଜୈନ ସମାଜର ଏକ ପ୍ରମୁଖ ଧାର୍ମିକ ଗୁରୁ ଥିଲେ ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜ। ସେ ମୃତ୍ୟୁ ପୂର୍ବରୁ ଅସୁସ୍ଥ ଥିଲେ। ତଥାପି ସେ ଜୈନ ସମାଜରେ ପ୍ରଚଳିତ 'ସାଲେଖନା' ବ୍ରତ ପାଳନ କରିଥିଲେ। ଏହି ବ୍ରତ ଅନୁସାରେ ଜଣେ ବ୍ୟକ୍ତି ମୃତ୍ୟୁ ପର୍ଯ୍ୟନ୍ତ ଅନ୍ନ-ଜଳ ତ୍ୟାଗ କରିବାର ବିଧି ରହିଛି। ଆତ୍ମାର ସୁଦ୍ଧତା ପାଇଁ ଜୈନ ଧର୍ମରେ ଏହି ପ୍ରଥା ପ୍ରଚଳିତ ରହିଛି। ମୁନି ବିଦ୍ୟାସାଗର ତିନି ଦିନ ପୂର୍ବରୁ ସ୍ୱେଚ୍ଛାକୃତ ଭାବେ ଏହି ବ୍ରତ ରଖିଥିଲେ। ତିନି ଦିନ ଧରି ଅନ୍ନ-ଜଳ ତ୍ୟାଗ କରି ତପସ୍ୟାରେ ଥିଲେ। ଶେଷରେ ଗତକାଲି ରାତି ପ୍ରାୟ ୨ଟା ୩୫ ମିନିଟ୍‌ରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି।

କବି, ପ୍ରେମିକ ଏବଂ ଉନ୍ମାଦଗ୍ରସ୍ତ , ଏକାଭଳି ସ୍ୱପ୍ନସମ୍ପୂର୍ଣ୍ଣ ସେମାନଙ୍କର କଳ୍ପନା ଜଗତ ।
-ଉଇଲିୟମ ସେକ୍ସପିୟର



ସକାଳ
THE SAKALA

## ଆସନ୍ତା କାଲିଠାରୁ ରାଜ୍ୟବ୍ୟାପୀ ମାଟ୍ରିକ୍ ପରୀକ୍ଷା

# ପରୀକ୍ଷାର୍ଥୀଙ୍କୁ ସଫଳତା ପାଇଁ ଶୁଭକାମନା!

ଆସନ୍ତା କାଲିଠାରୁ ଆରମ୍ଭ ହେଉଛି ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟ୍ ପରୀକ୍ଷା। ଶିକ୍ଷା ଜୀବନର ମୂଳଦୁଆ ଭାବେ ବିବେଚିତ ଏହି ପରୀକ୍ଷା କେବଳ ଛାତ୍ରଛାତ୍ରୀଙ୍କ ମେଧାଶକ୍ତିର ପରିମାପକ ନୁହେଁ, ସମ୍ପୃକ୍ତ ସ୍କୁଲ୍‌ର ସୁନାମର ପରିଚାୟକ ମଧ୍ୟ। ଏଥିସହିତ ମିଶି ରହିଛି ବାପା, ମା', ଅଭିଭାବକମାନଙ୍କ ଆଶା-ନିରାଶା, ଆନନ୍ଦ-ଦୁଃଖ ଜନିତ ଉନ୍ମାଦନା ଓ ଉତ୍କଣ୍ଠା। ସେହିଭଳି ପରୀକ୍ଷାର ସାମଗ୍ରିକ ଫଳ ନିର୍ଦ୍ଧାରଣ କରେ ଏକ ନିର୍ଦ୍ଦିଷ୍ଟ ଶିକ୍ଷାବର୍ଷରେ ରାଜ୍ୟର ଶୈକ୍ଷିକ ସ୍ଥିତି। ତେଣୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ସ୍ୱାଭାବିକ ଭାବେ ପରୀକ୍ଷାର୍ଥୀଙ୍କଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷା ପରିଷଦର କର୍ମକର୍ତ୍ତା, ସମ୍ପୃକ୍ତ ସ୍କୁଲ୍‌ର ଶିକ୍ଷକ/ଶିକ୍ଷୟିତ୍ରୀ, ପରୀକ୍ଷା ପରିଚାଳନା ସହିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ସର୍ବୋପରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆଣିଦିଏ ଉତ୍କଣ୍ଠା।

ଚଳିତ ବର୍ଷ ୨୦ ଫେବୃଆରୀରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ୨, ୯୯୧ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୫୧ ହଜାର ୬୧୧ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାର ପ୍ରଶ୍ନପତ୍ରକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛତା ରକ୍ଷା କରିବା ସହିତ ସୁପରିଚାଳନା ପାଇଁ ଯଥାସମ୍ଭବ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ମାର୍ଗଦର୍ଶିକା ଜାରି କରାଯାଇଛି। ଇତିମଧ୍ୟରେ ରାଜ୍ୟର ପ୍ରାୟ ସମସ୍ତ ସରକାରୀ ବିଦ୍ୟାଳୟର ରୂପାନ୍ତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ତେଣୁ ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ଏହା ନିଶ୍ଚିତ ଭାବେ କର୍ତ୍ତୃପକ୍ଷ ଓ ପରୀକ୍ଷାର୍ଥୀଙ୍କ ପାଇଁ ଅଶେଷ ସହାୟକ ହେବ। ଏଥର ପ୍ରଥମ କରି ପରୀକ୍ଷା ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କରାଯାଇଛି। ମାର୍ଚ୍ଚ ୧୫ ତାରିଖରୁ ଖାତା ଦେଖା ଆରମ୍ଭ ହୋଇ ୧୨ ଦିନ ମଧ୍ୟରେ ଶେଷ ହେବ ଏବଂ ପରବର୍ତ୍ତୀ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହେବା ପରେ ଫଳାଫଳ ଆସନ୍ତା ମେ' ମାସରେ ପ୍ରକାଶ ପାଇବ ବୋଲି ସ୍ଥିର କରାଯାଇଛି।

କେବଳ ଆମ ରାଜ୍ୟରେ ନୁହେଁ, ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରରେ ଦଶମ ଶ୍ରେଣୀ ପରୀକ୍ଷାକୁ ନେଇ ଅନେକ ଉତ୍କଣ୍ଠା ଭରି ରହିଥାଏ। ଏହି ପରୀକ୍ଷା ଫଳ ଉପରେ ପ୍ରାୟ ସମସ୍ତଙ୍କ ଦୃଷ୍ଟି ରହିଥିବାରୁ ଛାତ୍ରଛାତ୍ରୀମାନେ ଅତ୍ୟଧିକ ଚାପରେ ଥାଆନ୍ତି। ଏଥିସହିତ ଅଭିଭାବକମାନଙ୍କ ଉଚ୍ଚ ଆଶା ଓ ଆକାଂକ୍ଷା ପିଲାମାନଙ୍କୁ ଅଧିକ ଭାରାକ୍ରାନ୍ତ କରିଦିଏ, ଯାହା ସେମାନଙ୍କ ପରୀକ୍ଷା ଫଳକୁ ପ୍ରଭାବିତ କରିବାର ଆଶଙ୍କା ଥାଏ। ତେଣୁ ଏବେ ମନସ୍ତତ୍ତ୍ୱବିତ୍ ଓ ସମାଜ ବିଜ୍ଞାନୀମାନେ ଅଭିଭାବକଙ୍କ ଉଚ୍ଚ ଆକାଂକ୍ଷାକୁ ପରୀକ୍ଷାର୍ଥୀଙ୍କ ଉପରେ ଲଦି ନ ଦେବାକୁ ପରାମର୍ଶ ଦେଉଛନ୍ତି। ପରୀକ୍ଷାର ଏହି ମାନସିକ ଓ ଶାରୀରିକ ଚାପକୁ ଉପଲବ୍ଧି କରି ପରୀକ୍ଷାର୍ଥୀମାନଙ୍କୁ ଚାପମୁକ୍ତ କରିବା ପାଇଁ ଗତ କିଛିବର୍ଷ ହେଲା ଦେଶର ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ପିଲାମାନଙ୍କ ସହିତ ଆଲୋଚନା କରିବାର ଏକ ସୁସ୍ଥ ପରମ୍ପରା ସୃଷ୍ଟି ହୋଇଛି।

ଛାତ୍ରଜୀବନରେ ଦଶମ ଶ୍ରେଣୀ ପରୀକ୍ଷା ଏବଂ ଏହାର ଫଳ ଘୋଷଣା ଏତେ ସମ୍ବେଦନଶୀଳ ଯେ ମେଧାବୀ ଛାତ୍ରଛାତ୍ରୀ ଏବଂ ଦୂରଦଷ୍ଟା ଅଭିଭାବକମାନେ ପ୍ରାୟ ପାଞ୍ଚ/ଛଅ ବର୍ଷ ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥା'ନ୍ତି। ତେଣୁ ପରୀକ୍ଷାର ଫଳ ପାଇଁ ସମସ୍ତଙ୍କ ଆତୁର-ଅପେକ୍ଷା ରହିବା ସ୍ୱାଭାବିକ। ଏଥିଯୋଗୁଁ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବା ଆଶାଠାରୁ କମ୍ ନମ୍ବର ରଖିଥିବା ପିଲାମାନେ ମାନସିକ ଅବସାଦଗ୍ରସ୍ତ ହୁଅନ୍ତି। ଆଶାର ବିପରୀତ ଫଳ ଅନେକ ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦେଉଥିବାରୁ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ପଛାନ୍ତି ନାହିଁ। ପରୀକ୍ଷା ଫଳ ସହିତ ତତ୍କାଳ ରୋଜଗାରର କୌଣସି ପ୍ରତ୍ୟକ୍ଷ ସମ୍ବନ୍ଧ ନାହିଁ ସତ, କିନ୍ତୁ ଏହାସହିତ ବ୍ୟକ୍ତିଗତ ଓ ପାରିବାରିକ ମାନ, ସମ୍ମାନ ଓ ସୁନାମ, ମର୍ଯ୍ୟାଦା ପରି କେତେକ ଶବ୍ଦ ଯୋଡ଼ି ହୋଇଯାଇଛି। ଏଥିସହିତ ଉଚ୍ଚଶିକ୍ଷା ପାଇଁ ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାର ଆଧାର ପାଲଟିଛି ଏହି ପରୀକ୍ଷା ଫଳ। ଏହିସବୁ କାରଣରୁ ଏବେ ମାଟ୍ରିକ ପରୀକ୍ଷା ଫଳ ଏକପ୍ରକାର ପ୍ରତିଯୋଗିତାରେ ପରିଣତ ହୋଇଯାଇଛି। ତେଣୁ ସ୍ୱାଭାବିକ ଭାବରେ ଏହି ସାର୍ବଜନୀନ ପ୍ରତିଯୋଗିତାରେ ପିଲାମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଓ ସଫଳତା ଇଚ୍ଛା କରିବା ଅଭିଭାବକମାନଙ୍କର ଲକ୍ଷ୍ୟ ହୋଇସାରିଛି। ଏହି ଲକ୍ଷ୍ୟ କିନ୍ତୁ ପିଲାମାନଙ୍କୁ ସେମାନଙ୍କ ସ୍ୱାଭାବିକ ପ୍ରଦର୍ଶନରେ ବାଧକ ସାଜିଛି ବୋଲି ଶିକ୍ଷାବିତ୍ ଓ ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଉଛନ୍ତି।

ଶିକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ମୂଳଦୁଆ। କିନ୍ତୁ ପରୀକ୍ଷାରେ ପ୍ରଦର୍ଶନକୁ ମେଧା ଓ ସ୍ମରଣଶକ୍ତି ସହିତ ଆହୁରି ଅନେକ କାରକ ପ୍ରଭାବିତ କରେ। ବିଶେଷକରି ପରୀକ୍ଷା ସମୟରେ ଏହି ବାହ୍ୟ କାରକମାନଙ୍କର ପ୍ରଭାବ ଅଧିକ ହୋଇଥାଏ। ତେଣୁ ପରୀକ୍ଷା ପୂର୍ବରୁ, ପରୀକ୍ଷା ସମୟରେ ଏବଂ ପ୍ରତି ବିଷୟର ପରୀକ୍ଷା ମଝିରେ ଥିବା ସମୟରେ ଛାତ୍ରଛାତ୍ରୀଙ୍କୁ ଚାପମୁକ୍ତ ରଖିବା ପାଇଁ ସମାଜବିଜ୍ଞାନୀ ଓ ମନସ୍ତତ୍ତ୍ୱବିତ୍‌ମାନେ କେତେକ ଉପଦେଶ ଦେଇଛନ୍ତି। ତାହା ହେଲା, ପରୀକ୍ଷାରେ ପ୍ରଶ୍ନର ସର୍ବୋତ୍ତମ ସଠିକ୍ ଉତ୍ତର ଲେଖିବା ପରୀକ୍ଷାର୍ଥୀର କର୍ତ୍ତବ୍ୟ। କିନ୍ତୁ ତାହାର ଫଳ କ'ଣ ହେବ କେତେ ନମ୍ବର ମିଳିବ ତାହା ଉପରେ ପରୀକ୍ଷାର୍ଥୀର ଅଧିକାର ନାହିଁ। କାରଣ ନମ୍ବର କେତେ ମିଳିବ, ତାହା ମୂଲ୍ୟାଙ୍କନ କରୁଥିବା ଶିକ୍ଷକଙ୍କ ଉପରେ ନିର୍ଭର କରେ। ତେଣୁ ନମ୍ବର ଆଶାରେ ବା ମୂଲ୍ୟାୟନକୁ ଲକ୍ଷ୍ୟ ରଖିଲେ ପରୀକ୍ଷାରେ ଆଶାନୁରୂପ ପ୍ରଦର୍ଶନ ବ୍ୟାହତ ହେବା ସ୍ୱାଭାବିକ। ସେହିପରି କିଏ କାହାଠାରୁ କେତେ ଅଧିକ ଭଲ ଲେଖିଛି, କେତେ ଅଧିକ ନମ୍ବର ଆଶା କରୁଛି ତାହାର ତୁଳନା ମଧ୍ୟ ନିଜେ ପରୀକ୍ଷାର୍ଥୀ କିମ୍ବା ସେମାନଙ୍କ ଅଭିଭାବକ କରିବା ଅନୁଚିତ। କାରଣ ଏହା ଆଗାମୀ ବିଷୟର ପରୀକ୍ଷାକୁ ପ୍ରଭାବିତ କରିବାର ଆଶଙ୍କା ଅଧିକ ରହିଛି। ତେଣୁ ଗତ ବିଷୟର ପରୀକ୍ଷାର ପ୍ରଦର୍ଶନକୁ ଭୁଲି ଆଗକୁ ଥିବା ବିଷୟ ପ୍ରତି ଅଧିକ ଯତ୍ନଶୀଳ ହେବା ନିହାତି ଜରୁରୀ। ସେହିପରି ବାର୍ଷିକ ବୋର୍ଡ ପରୀକ୍ଷା ପୂର୍ବରୁ ହେଉଥିବା ଅର୍ଦ୍ଧବାର୍ଷିକ ଓ ତ୍ରୟମାସିକ ପରୀକ୍ଷା ଫଳ ଆଧାରରେ ଅଭିଭାବକମାନେ ନିଜ ପିଲାଙ୍କୁ ଅନ୍ୟ ପିଲାଙ୍କ ସହିତ ତୁଳନା କରିବା ଉଚିତ ନୁହେଁ। ଏପରି ଅନେକ ଉଦାହରଣ ରହିଛି ଯେଉଁଥିରେ ଷାଣ୍ମାସିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନେ ବାର୍ଷିକ ପରୀକ୍ଷାରେ ତୁଳନାତ୍ମକ ଭାବେ କମ୍ ନମ୍ବର ରଖନ୍ତି ଏବଂ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପିଲାମାନେ ପରବର୍ତ୍ତୀ ଉଚ୍ଚଶିକ୍ଷା ପରୀକ୍ଷାରେ ସେହି ସମାନ ସଫଳତାର ଧାରା ବଜାୟ ରଖିପାରନ୍ତି ନାହିଁ।

ଏହି ପୃଷ୍ଠଭୂମିରେ ଆଉ ଦିନକ ପରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାକୁ ସମ୍ମୁଖୀନ ହେବାକୁ ଯାଉଥିବା ପରୀକ୍ଷାର୍ଥୀମାନଙ୍କୁ ଆମର ଉପଦେଶ ହେଲା ଯେ ମାଟ୍ରିକ ପରୀକ୍ଷା ଶିକ୍ଷାଜୀବନରେ ସର୍ବାଧିକ ଗୁରୁତ୍ୱ ବହନ କରେ ସତ; କିନ୍ତୁ ଏହା ଜୀବନର ସର୍ବଶ୍ରେଷ୍ଠ ପରୀକ୍ଷା ନୁହେଁ। ଜୀବନରେ ଆହୁରି ଏଭଳି ସ୍ତର ଓ କ୍ଷେତ୍ର ରହିଛି, ଯେଉଁଠାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନର ଅନେକ ସୁଯୋଗ ଆସିବ। ତେଣୁ କେବଳ ମାଟ୍ରିକ ପରୀକ୍ଷା ଓ ଏହାର ଫଳରେ ହୀନମନ୍ୟତା ଓ ହତୋତ୍ସାହିତ ହେବାର କାରଣ ନାହିଁ। ବାପାମା'ମାନେ ମଧ୍ୟ ସେମାନଙ୍କ ପିଲାମାନଙ୍କୁ ସୁନା ଅଣ୍ଡା ଦିଆ କୁକୁଡ଼ା ବୋଲି ବିବେଚନା କରନ୍ତୁ ନାହିଁ। କାରଣ ସବୁପିଲା କେତେକ ନିର୍ଦ୍ଦିଷ୍ଟ ଓ ସୀମିତ କ୍ଷମତା, ଦକ୍ଷତା, ପ୍ରତିଭା ଓ ଗୁଣାବଳୀ ଧରି ଜନ୍ମ ନେଇଥା'ନ୍ତି। ମଣିଷ ଜୀବନରେ ଅଧ୍ୟବସାୟ ଅପରିହାର୍ଯ୍ୟ ନିଶ୍ଚୟ। ଫଳ କିନ୍ତୁ କର୍ମାନୁଯାୟୀ ହେବା ଅବଧାର୍ଯ୍ୟ ନୁହେଁ। ଫଳରେ ଆଶା ରଖିଲେ କର୍ମ ପ୍ରଭାବିତ ହୁଏ। ନିରାଶା ଆସେ। ଅପରପକ୍ଷେ ଫଳରହିତ କର୍ମ ପ୍ରତି ନିଷ୍ଠା ରହିଲେ ବିଭୁଦତ୍ତ ସଫଳତା ଆପେ ଆପେ ଆସିଯିବ। ଆନନ୍ଦର ମାର୍ଗ ଖୋଲିଯିବ।

ମାଟ୍ରିକ ପରୀକ୍ଷାର୍ଥୀଙ୍କୁ 'ସକାଳ' ପରିବାର ତରଫରୁ ଅଶେଷ ଶୁଭକାମନା।

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଜଙ୍ଗଲ ପରିଚାଳନା ଆଇନ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ



ଅରବିନ୍ଦ ରାଉତ
ଭଦ୍ରକ, ମୋ: ୯୪୩୭୧୦୭୪୦୭

ସମସ୍ତଙ୍କ ପାଇଁ ଏକ ଉତ୍ତମ ଏବଂ ଚିରନ୍ତନ ଭବିଷ୍ୟତ ହାସଲ କରିବାର ଲକ୍ଷ୍ୟ ନେଇ ୨୦୧୨ ମସିହାରେ ଜାତିସଂଘର ସତୁରିଟି ସଦସ୍ୟଦେଶଙ୍କ ଦ୍ୱାରା ପ୍ରଥମେ ଆନୁଷ୍ଠାନିକ ଭାବରେ 'ସଷ୍ଟେନେବଲ୍ ଡେଭେଲପ୍‌ମେଣ୍ଟ ଗୋଲ୍' ବା 'ସ୍ଥାୟୀ ବିକାଶ ଲକ୍ଷ୍ୟ'ର ପରିକଳ୍ପନା କରାଯାଇଥିଲା। ସ୍ଥାୟୀ ବିକାଶ ଲକ୍ଷ୍ୟ ମଧ୍ୟରେ ସମଗ୍ର ବିଶ୍ୱର ବିକାଶ ପାଇଁ ସମୁଦାୟ ୧୭ଟି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରେ ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ, ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା, ବିଶୁଦ୍ଧ ଜଳ ଏବଂ ଅନ୍ୟାନ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ। ଏହାର ଉଦ୍ଦେଶ୍ୟ ହେଉଛି ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ପରିବେଶ ସ୍ଥିରତା ମଧ୍ୟରେ ସନ୍ତୁଳନ ହାସଲ କରିବା। ଦେଶ ଏବଂ ସମଗ୍ର ଗୋଷ୍ଠୀ ମିଳିତ ହୋଇ ଦାରିଦ୍ର୍ୟ ଦୂର କରିବା, ସୃଷ୍ଟିକୁ ସୁରକ୍ଷା ଦେବା ଏବଂ ସକଳଙ୍କର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ଏହି ଲକ୍ଷ୍ୟଗୁଡ଼ିକୁ ଗୋଟିଏ ଅଭିନବ ଢାଞ୍ଚାରେ ଗଠନ କରିଛନ୍ତି। ଏହି ପୃଷ୍ଠଭୂମିରେ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ-୨୦୦୬ ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ।

ଜାତିସଂଘର ସଦସ୍ୟଦେଶସମୂହ ସ୍ଥାୟୀ ବିକାଶ ଲକ୍ଷ୍ୟର କଳ୍ପନା କରିବା ଯଥେଷ୍ଟ ପୂର୍ବରୁ ଭାରତରେ ୨୦୦୫ ମସିହାରେ ଏହି ଆଇନ ଚୂଡ଼ାନ୍ତ ରୂପ ନେଇସାରିଥିଲା। ଏପରିକି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ବୈଶ୍ୱିକ ଚିନ୍ତାଧାରାକୁ ବହୁମାତ୍ରାରେ ରୂପ ଦେବାକୁ ବହୁପୂର୍ବରୁ ଭାରତ ପ୍ରୟାସ ଆରମ୍ଭ କରିସାରିଥିଲା। ସ୍ଥାୟୀ ବିକାଶ ଲକ୍ଷ୍ୟର ସମୁଦାୟ ସତରଟି ଲକ୍ଷ୍ୟ ମଧ୍ୟରୁ ପ୍ରାୟ ନଅଟି ଲକ୍ଷ୍ୟର ସମାଧାନ ଜଙ୍ଗଲ ଅଧିକାର ଆଇନ ଭିତରେ ରହିଛି। ମିଳିତ ଜାତିସଂଘ ଦ୍ୱାରା ପ୍ରତିଷ୍ଠିତ ପ୍ରଥମ ସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରଥମ ଲକ୍ଷ୍ୟ ହେଉଛି - ପ୍ରତି କ୍ଷେତ୍ରରେ ଦାରିଦ୍ର୍ୟକୁ ସମ୍ପୂର୍ଣ୍ଣ ଦୂର କରିବା। ଜଙ୍ଗଲ ଅଧିକାର ଅଧିନିୟମ ଏହି ଲକ୍ଷ୍ୟ ସହିତ ଜଙ୍ଗଲରେ ବାସ କରୁଥିବା ସମ୍ପ୍ରଦାୟମାନଙ୍କ ମଧ୍ୟରେ ଦାରିଦ୍ର୍ୟ ସମସ୍ୟାର ସମାଧାନ କରୁଛି। ଜମି ଏବଂ ଗୋଷ୍ଠୀ ସମ୍ବଳ ଉପରେ ସେମାନଙ୍କର ଅଧିକାରକୁ ସ୍ୱୀକୃତି ଦେଇ ଜଙ୍ଗଲ ଅଧିକାର ଆଇନ ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେଉଛି। କାରଣ ଏହି ଆଇନ ଏହି ବନବାସୀମାନଙ୍କୁ ଜୀବନ ଜୀବିକା ପ୍ରଦାନ କରୁଥିବା ବନ୍ୟ ସମ୍ପଦ ମଧ୍ୟକୁ ସୁରକ୍ଷିତ ପ୍ରବେଶ ଅଧିକାର ଦେଇଥାଏ ଏବଂ ପାରମ୍ପରିକ ବନବାସୀମାନଙ୍କର ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶରେ ସହାୟକ ହୋଇଥାଏ। ଏହା ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିଥାଏ ଏବଂ ତାହା ସହିତ ଶୋଷଣ ପ୍ରତି ସେମାନଙ୍କର ଦୁର୍ବଳତାକୁ ହ୍ରାସ କରିଥାଏ।

ମିଳିତ ଜାତିସଂଘର ଦ୍ୱିତୀୟ ସ୍ଥାୟୀ ବିକାଶ ଲକ୍ଷ୍ୟ ହେଉଛି - କ୍ଷୁଧା ଦୂର କରିବା, ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା, ଉନ୍ନତ ପୁଷ୍ଟିକର ଖାଦ୍ୟ ହାସଲ କରିବା ଏବଂ ନିରନ୍ତର କୃଷିକୁ ପ୍ରୋତ୍ସାହିତ କରିବା। ଜଙ୍ଗଲ ଉପରେ ନିର୍ଭରଶୀଳ ପାରମ୍ପରିକ ବନବାସୀମାନଙ୍କର ଅଧିକାରକୁ ଚିହ୍ନଟ କରିବା ଓ ସୁରକ୍ଷିତ କରିବା ସହିତ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବାରେ ଜଙ୍ଗଲ ଅଧିକାର ଆଇନ ସହଯୋଗ କରିଥାଏ। ଏହି ସମ୍ପ୍ରଦାୟମାନେ ସେମାନଙ୍କର ଜୀବନ ଜୀବିକା ପାଇଁ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ଯଥା - ଖାଦ୍ୟ, ଔଷଧ, କୃଷି



ଓ ପାନୀୟ ଜଳ ଏବଂ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ବନବାସୀମାନେ ଜୀବନ ଜୀବିକା ନିର୍ବାହ କରିଥା'ନ୍ତି। ଏହି ଉତ୍ସଗୁଡ଼ିକ ଉପରେ ସେମାନଙ୍କର ଅଧିକାର ସୁରକ୍ଷିତ କରି ଜଙ୍ଗଲ ଅଧିକାର ଆଇନ ଏହି ସମ୍ପ୍ରଦାୟ ପାଇଁ ଖାଦ୍ୟ ନିରାପତ୍ତା ଏବଂ ଉନ୍ନତ ପୁଷ୍ଟିକର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ସହାୟକ ହୋଇପାରେ।

ସ୍ଥାୟୀ ବିକାଶ ଲକ୍ଷ୍ୟର ତୃତୀୟ ଚରଣଟି ହେଉଛି ଉତ୍ତମ ସ୍ୱାସ୍ଥ୍ୟ। ବନବାସୀମାନଙ୍କର ପାରମ୍ପରିକ ସ୍ୱାସ୍ଥ୍ୟସେବା ଅଭ୍ୟାସକୁ ମଧ୍ୟ ଜଙ୍ଗଲ ଅଧିକାର ଆଇନ ସ୍ୱୀକୃତି ଦେଇଛି। ଏହାଦ୍ୱାରା ବନବାସୀମାନେ ନିଜ ଜଙ୍ଗଲରେ ଥିବା ଔଷଧୀୟ ଉଦ୍ଭିଦ ଓ ବୃକ୍ଷସମୂହ ଉପରେ ଅଧିକାର ପାଇବା ସହିତ ତାହାର ଡାଳ, ପତ୍ର, ଫୁଲ ଓ ଚେରକୁ ନେଇ ପାରମ୍ପରିକ ଉପାୟରେ ଔଷଧ ପ୍ରସ୍ତୁତି କରିବାର ଅଧିକାର ହାସଲ କରିଛନ୍ତି। ଜଙ୍ଗଲ ସମ୍ବଳର ପ୍ରବେଶ ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଯାହାକି ଜଙ୍ଗଲ ଅଧିକାର ଆଇନ ହିଁ ସୁନିଶ୍ଚିତ କରିଛି।

ସ୍ଥାୟୀ ବିକାଶ ଲକ୍ଷ୍ୟର ପଞ୍ଚମ ଚରଣ ହେଉଛି ଲିଙ୍ଗଗତ ସମାନତା। ଜଙ୍ଗଲ ଅଧିକାର ଆଇନ ମହିଳାମାନଙ୍କର ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଦେଇଥାଏ। ଜଙ୍ଗଲ ଜମି ପଟ୍ଟାରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ମିଳିତ ନାମ ରହିବାର ପ୍ରାବଧାନ ରହିଛି। ଗ୍ରାମସଭାଠାରୁ ଆରମ୍ଭ କରି ବିଭିନ୍ନ କମିଟିରେ ମହିଳାମାନଙ୍କର ଭାଗୀଦାରିତାକୁ ସୁନିଶ୍ଚିତ କରି ମହିଳାମାନଙ୍କର ନିଷ୍ପତ୍ତି ନେବାର ଅଧିକାରକୁ ସମ୍ମାନ ଦିଆଯାଇଛି। ଆଇନର ଏହି ପ୍ରାବଧାନ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ।

ସ୍ଥାୟୀ ବିକାଶ ଲକ୍ଷ୍ୟର ଦଶମ ଚରଣ ହେଉଛି ସାମାଜିକ ଓ ଅର୍ଥନୈତିକ ଅସମାନତା ହ୍ରାସ କରିବା। ଆଦିବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଜଙ୍ଗଲ ଉପରେ ଅଧିକାରକୁ ସ୍ୱୀକୃତି ଦେଇ ଐତିହାସିକ ଅନ୍ୟାୟ ଦୂର କରିବାକୁ ଏହି ଆଇନ ଲକ୍ଷ୍ୟ ରଖିଛି। ସ୍ଥାୟୀ ବିକାଶ ଲକ୍ଷ୍ୟର ତ୍ରୟୋଦଶ ଚରଣ ହେଉଛି ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ। ସ୍ଥାୟୀ ଜଙ୍ଗଲ ପରିଚାଳନାକୁ ପ୍ରୋତ୍ସାହିତ କରି ଏବଂ ଜଙ୍ଗଲ ସଂରକ୍ଷଣରେ ଗୋଷ୍ଠୀର ଭୂମିକାକୁ ସ୍ୱୀକୃତି ଦେଇ, ଜଙ୍ଗଲ ଅଧିକାର ଆଇନ ଜଳବାୟୁ ପରିବର୍ତ୍ତନର ସନ୍ତୁଳନ ପ୍ରୟାସକୁ ସମର୍ଥନ କରେ। ଜୈବ ବିବିଧତା ସଂରକ୍ଷଣ ତଥା ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବାରେ ସ୍ଥାନୀୟ ସମ୍ପ୍ରଦାୟ ଜଙ୍ଗଲର ସୁରକ୍ଷାକାରୀ ହୁଅନ୍ତି। ପାରମ୍ପରିକ ଗୋଷ୍ଠୀଗତ ଜଙ୍ଗଲ ପରିଚାଳନାକୁ ସ୍ୱୀକୃତି ଦେଇ ସ୍ଥାୟୀ ଜଙ୍ଗଲ ପରିଚାଳନାର ରାସ୍ତା ସୁଗମ ହୋଇପାରିଛି। ଫଳରେ ଜଙ୍ଗଲ ଓ ଜଳବାୟୁ ସହିତ ସ୍ଥାନୀୟ ଲୋକମାନଙ୍କର ସମ୍ପର୍କ ଅଧିକ ଅନ୍ତରଙ୍ଗ ହେଉଛି ଓ ତାହାର ସୁଫଳ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ ସକ୍ଷମ ହେବ ବୋଲି ଆଶା ରଖାଯାଇଛି।

ସ୍ଥାୟୀ ବିକାଶ ଲକ୍ଷ୍ୟର ପଞ୍ଚଦଶ ଚରଣ ହେଉଛି ଜମି ଓ ଜୀବନ। ପ୍ରକୃତିଦତ୍ତ ଏହି ଦୁଇଟି ଉପାଦାନ ଗଭୀର ଭାବରେ ପରସ୍ପର ସହ ଜଡ଼ିତ। ଏହି ଦୁଇ ଉପାଦାନ ସାମଗ୍ରିକ ଭାବେ ପରିସଂସ୍ଥାନକୁ ପ୍ରଭାବିତ କରିବା ସହିତ ବିଭିନ୍ନ ପ୍ରଜାତିର ଜୀବ ଓ ସେମାନଙ୍କର ବିବର୍ତ୍ତନକୁ ମଧ୍ୟ ପ୍ରଭାବିତ କରେ। ଜମି ଜୀବନକୁ ଶାରୀରିକ ପରିବେଶ ଯୋଗାଇଥାଏ, ଯେଉଁଠାରେ ବିଭିନ୍ନ ପ୍ରକାରର ବାସସ୍ଥାନ, ବସତି, ଉତ୍ସ ଏବଂ ଅବସ୍ଥା ସୃଷ୍ଟି ହୁଏ। ଜଙ୍ଗଲ ଅଧିକାର ଆଇନ ସେହି ପ୍ରକାର ସୁରକ୍ଷିତ ଜମି ଅଧିକାର, ସ୍ଥାୟୀ ଜଙ୍ଗଲ ପରିଚାଳନା, ଜୈବ ବିବିଧତା ସଂରକ୍ଷଣ ଏବଂ ଜଙ୍ଗଲ ପରିସଂସ୍ଥାନ ସହିତ ଜଡ଼ିତ ପାରମ୍ପରିକ ଜ୍ଞାନର ସୁରକ୍ଷା ଉପରେ ଧ୍ୟାନ ଦେଇଥିବାରୁ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ୧୫ ଚରଣ ସହିତ ଘନିଷ୍ଠ ଭାବରେ ସଂଯୁକ୍ତ।

ଏହି ଲକ୍ଷ୍ୟର ୧୬ ତମ ଚରଣ ହେଉଛି ଶାନ୍ତିପୂର୍ଣ୍ଣ ଏବଂ ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା, ସମସ୍ତଙ୍କ ପାଇଁ ନ୍ୟାୟ ଉପଲବ୍ଧ କରାଇବା ଏବଂ ସମସ୍ତ ସ୍ତରରେ ପ୍ରଭାବଶାଳୀ, ଉତ୍ତରଦାୟୀ ଏବଂ ଦୃଢ଼ ଅନୁଷ୍ଠାନ ଗଠନ କରିବା। ଅନ୍ୟପକ୍ଷରେ, ଜଙ୍ଗଲ ଅଧିକାର ଅଧିନିୟମ ଜଙ୍ଗଲ ଜମିରେ ଆଦିବାସୀମାନଙ୍କର ଜଙ୍ଗଲ ଅଧିକାରକୁ ଚିହ୍ନଟ କରି ସେମାନଙ୍କର ଦାବି ଓ ଅଧିକାରକୁ ନ୍ୟସ୍ତ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଜଙ୍ଗଲ ଉପରେ ନିର୍ଭର କରୁଥିବା ବନବାସୀମାନଙ୍କର ଅଧିକାରକୁ ଆଇନଗତ ଭାବରେ ସ୍ୱୀକୃତି, ସଂସ୍ଥାପନ, ସାମାଜିକ ନ୍ୟାୟ ଓ ଗୋଷ୍ଠୀଭିତ୍ତିକ ଶାସନକୁ ପ୍ରୋତ୍ସାହିତ କରି ଜଙ୍ଗଲ ଅଧିକାର ଆଇନ ଦୃଢ଼ ଅନୁଷ୍ଠାନ ଗଠନ କରିବାରେ ମଧ୍ୟ ସହଯୋଗ କରେ। ସ୍ଥାୟୀ ବିକାଶ ଲକ୍ଷ୍ୟର ଶେଷ ଚରଣ ହେଉଛି ଏହିସବୁ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆବଶ୍ୟକୀୟ ସହଭାଗିତା। ଜଙ୍ଗଲ ଅଧିକାରର ସଫଳ କାର୍ଯ୍ୟକାରିତା ସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ଥାନୀୟ ଲୋକ ଅନୁଷ୍ଠାନ ମଧ୍ୟରେ ସହଯୋଗ ଏବଂ ସହଭାଗିତା ଆବଶ୍ୟକ କରେ। ତେଣୁ ଏହି ଆଇନ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟକୁ ମଧ୍ୟ ପୂରଣ କରେ।

ଜଙ୍ଗଲ ଅଧିକାର ଆଇନ ୨୦୦୬ ଭାରତରେ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରି, ପାରମ୍ପରିକ ଜଙ୍ଗଲ ଅଧିକାରରୁ ବଞ୍ଚିତ ସମ୍ପ୍ରଦାୟର ଅଧିକାରକୁ ସୁରକ୍ଷା ଦେଇ ତଥା ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରି ଅନେକଗୁଡ଼ିଏ ସ୍ଥାୟୀ ବିକାଶ ଲକ୍ଷ୍ୟରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ଏହି ଅଧିକାର ବନବାସୀ ଏବଂ ଜଙ୍ଗଲ ମଧ୍ୟରେ ନିଗୂଢ଼ ସମ୍ପର୍କକୁ ସ୍ୱୀକୃତି ଦେଇଥାଏ ଏବଂ ସାମାଜିକ-ଅର୍ଥନୈତିକ ସମାନତା ସହିତ ଜଳବାୟୁ ପରିବର୍ତ୍ତନକୁ ସନ୍ତୁଳିତ କରିବା ଉପରେ ଗୁରୁତ୍ୱ ଦେଇଥାଏ। କିନ୍ତୁ ଏହାର ସଫଳ କାର୍ଯ୍ୟକାରିତା ବା ରୂପାୟନ ନିର୍ଭର କରେ ଶୃଙ୍ଖଳିତ ପରିଚାଳନା ପ୍ରକ୍ରିୟା, ଗୋଷ୍ଠୀ ଭାଗୀଦାରିତା ଏବଂ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସହଯୋଗ ମାଧ୍ୟମରେ। ଜଙ୍ଗଲ ଅଧିକାର ଆଇନର ସକାରାତ୍ମକ ପ୍ରଭାବ ସୁନିଶ୍ଚିତ କରିବା ପାଇଁ ଉଭୟ ଗ୍ରାମସଭା ଓ ପଞ୍ଚାୟତ ସ୍ତରରେ ପ୍ରତିନିଧି ଓ ସରକାରୀ ଅଧିକାରୀମାନଙ୍କର ସଠିକ୍ ସଚେତନତା, ଦକ୍ଷତା ବିକାଶ ଏବଂ ପର୍ଯ୍ୟବେକ୍ଷଣ କୌଶଳକୁ ନିର୍ଦ୍ଧାରଣ କରିବା ଅତି ଗୁରୁତ୍ୱପୂର୍ଣ୍ଣ।

# ସୃଜନ ପ୍ରତିଭା ଓ ସ୍ୱତନ୍ତ୍ର ମାନସିକତା



ଡ. ଫକୀର ମୋହନ ସାହୁ
ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯



କଳାକାର ଓ ସାହିତ୍ୟିକମାନଙ୍କ ପାଇଁ ଜନସମାଜରେ ସଶ୍ରଦ୍ଧ ସମ୍ମାନ ରହିଥିଲେ ମଧ୍ୟ ଏପରି ଗୋଷ୍ଠୀ ସହିତ 'ପାଗଳାମୀ' ଓ 'ଆଡ଼ପାଗଳାମୀ' ଶବ୍ଦ ଦୁଇଟିର ସହାବସ୍ଥାନକୁ ଅନେକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ ଦିଅନ୍ତି। ଏହାର ବିଜ୍ଞାନଭିତ୍ତିକ ଯୁକ୍ତିଯୁକ୍ତତା ନେଇ ମନରେ ସ୍ୱତଃ ପ୍ରଶ୍ନ ଉଠେ। ଆମେ ଯାହାକୁ ସ୍ୱାଭାବିକ ଜୀବନଧାରା ବୋଲି କହିଥାଉ ସତେ କ'ଣ କଳାକାର ଓ ସାହିତ୍ୟିକମାନଙ୍କ ଜୀବନଧାରା ଏହି ସମର୍ଥିତ ଧାରାରୁ ବିଚ୍ଛିନ୍ନ ହୋଇ ଅସ୍ୱାଭାବିକତାର ଅଙ୍କାବଙ୍କା ମାନଚିତ୍ର ପ୍ରଦର୍ଶନ କରେ?

ସତ୍ୟାନୁସନ୍ଧାନ ଓ ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ସାହିତ୍ୟିକ ଓ କଳାକାରଙ୍କ ବ୍ୟବହାରକୁ ବିକୃତିସମ୍ପନ୍ନ ଆଖ୍ୟା ଦେବା ନିତାନ୍ତ ଅମୂଳକ। ତେବେ ଏଠି ସେଠି ଘଟିଯାଇଥିବା କେତୋଟି ଅଭାବନୀୟ ଘଟଣା ଏପରି ବିଶ୍ୱାସର ମାୟାଜାଲ ସୃଷ୍ଟି କଲା ପରି ମନେହୁଏ। କେତେକ ବିଶିଷ୍ଟ ଲେଖକଙ୍କ ଜୀବନରେ ବିଷାଦର ଘନକାଳିମା ଏପରି ଲୋକବିଶ୍ୱାସକୁ ଦୃଢ଼ କରିବାର ଲକ୍ଷ୍ୟ କରାଯାଏ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଓ ବିଶ୍ୱବନ୍ଦିତ ଜନନେତା ଆବ୍ରାହାମ୍ ଲିଙ୍କନ୍ ବିଷାଦର ଶରବ୍ୟ ହୋଇଥିଲେ। ବିଶିଷ୍ଟ ବ୍ରିଟିଶ ଲେଖିକା ଭରଜିନିଆ ଉଲ୍‌ଫ ବିରାଟ ପ୍ରତିଭା ସତ୍ତ୍ୱେ ବିଷାଦର ବେଦନା ସହ୍ୟ କରି ନ ପାରି ୧୯୪୧ ମସିହାରେ ସଲିଳ ସମାଧି ନେଇ ଆତ୍ମହତ୍ୟା କରିଥିଲେ। ଆମେରିକାର ପ୍ରଖ୍ୟାତ ଔପନ୍ୟାସିକ ଆର୍ଣ୍ଣେଷ୍ଟ ହେମିଙ୍ଗୱେ ବିଷାଦଗ୍ରସ୍ତ ହୋଇ ୧୯୬୧ରେ ଆତ୍ମହତ୍ୟା କରିଥିଲେ। ବିସ୍ମୟର କଥା ଯେ ତାହାର ୩୫ ବର୍ଷ ପରେ ତାଙ୍କର ନାତୁଣୀ ମାର୍ଗସ୍ ଆତ୍ମହତ୍ୟା କରିଥିଲେ ଏବଂ ହେମିଙ୍ଗ୍‌ୱେଙ୍କ ଚାରୋଟି ପିଢ଼ି ମଧ୍ୟରେ ପାଞ୍ଚୋଟି ଆତ୍ମହତ୍ୟାର ରେକର୍ଡ ରହିଥିଲା। ଏତଦ୍‌ବ୍ୟତୀତ ବିଶିଷ୍ଟ ରୁଷୀୟ ଗାଳ୍ପିକ ଫିଓଦର ଦସ୍ତୋୟେଭସ୍କି ମଧ୍ୟ ଗଭୀର ବିଷାଦର ଶିକାର ହୋଇଥିଲେ। ଆମେରିକାର କବି ଓ ଗାଳ୍ପିକ ଏଡ୍‌ଗାର ଆଲାନ୍ ପୋ ଏବଂ ସିଲଭିଆ ପ୍ଲାଥ୍ ଏପରି ଦୁରବସ୍ଥାରେ ଛନ୍ଦି ହୋଇପଡ଼ିଥିଲେ। ଏପରି ଦୁଃଖଦ ଘଟଣା ହୁଏତ ସୃଜନଶୀଳ ବ୍ୟକ୍ତିତ୍ୱ ସମ୍ପର୍କରେ କିଛିଟା ନକାରାତ୍ମକ ଧାରଣା ଗଠନ କରିପାରେ।

ଏସବୁ ଅଭାବନୀୟ ଘଟଣା ସତ୍ତ୍ୱେ ସାହିତ୍ୟିକ ଓ କଳାକାରମାନଙ୍କ ଜୀବନ ଯେ ବିକୃତଗ୍ରସ୍ତ ନୁହେଁ, ଏହା ଗବେଷଣାଲବ୍ଧ ସାମଗ୍ରିକ ସିଦ୍ଧାନ୍ତ। ଅବଶ୍ୟ ସାଧାରଣ ଜନବସତିରେ ଯେତିକି ପରିମାଣରେ ମାନସିକ ବିପର୍ଯ୍ୟୟ ଦେଖାଯାଏ, ସର୍ଜନଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ତାହାଠାରୁ କିଛି ଅଧିକ ପରିମାଣର ବିପର୍ଯ୍ୟୟ ଦେଖାଯାଏ। ତଥାପି ସର୍ଜନଶୀଳତା ଓ ମାନସିକ ବିପର୍ଯ୍ୟୟକୁ ସମାନ କରିଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ସର୍ଜନଶୀଳ ବ୍ୟକ୍ତିମାନଙ୍କର ସ୍ୱାଭିମାନ ରହିଥାଏ। ବିକୃତିସମ୍ପନ୍ନ ବ୍ୟକ୍ତିମାନଙ୍କର ଏହାର ଘୋର ଅଭାବ ରହିଛି। ପୁଣି ବ୍ୟବହାର ଓ ଭାବନାରେ କିଛି ପରିମାଣର ଅସ୍ୱାଭାବିକତା ରହିଥିଲେ ମଧ୍ୟ ସର୍ଜନଶୀଳ ବ୍ୟକ୍ତିମାନଙ୍କର ଆତ୍ମନିର୍ଦ୍ଦେଶନା ରହିଥାଏ ଏବଂ ଏମାନେ ନିଜର ତଥାକଥିତ 'ଆଡ଼ପାଗଳାମି'କୁ ସର୍ଜନଶୀଳ ମାର୍ଗରେ ପ୍ରୟୋଗ କରନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ କଥାଟି ହେଉଛି ଯେ ଏମାନଙ୍କର ଅସ୍ୱାଭାବିକତା ସାଧାରଣ ଲୋକମାନଙ୍କଠାରୁ ବେଶୀ ଏବଂ ବିକୃତିସମ୍ପନ୍ନ ଲୋକମାନଙ୍କର ଅସ୍ୱାଭାବୀ ବ୍ୟବହାରଠାରୁ କମ୍।

କଳାକାର ଓ ସାହିତ୍ୟିକମାନଙ୍କ ଭାବନା ବା ମାନସିକ ପ୍ରକ୍ରିୟା ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବାରୁ ଜନସମାଜରେ କିଛିଟା ଭ୍ରମଧାରଣା ସୃଷ୍ଟି ହେବା ସ୍ୱାଭାବିକ। ଆଧୁନିକ ସାହିତ୍ୟରୁ ନିଆଯାଇଥିବା ଏକ ଉଦାହରଣ ଦ୍ୱାରା ସର୍ଜନଶୀଳ ବ୍ୟକ୍ତିର ଭାବନାଶୈଳୀକୁ ସ୍ପଷ୍ଟ କରାଯାଇପାରେ। ରିଚାର୍ଡ ବାକ୍ ୧୯୭୪ ମସିହାରେ 'ଜୋନାଥନ୍ ଲିଭିଙ୍ଗଷ୍ଟୋନ୍ ସିଗଲ୍' ନାମକ ଛୋଟ ଉପନ୍ୟାସଟିଏ ଲେଖିଥିଲେ। ସାମୁଦ୍ରିକ ପକ୍ଷୀ 'ସିଗଲ୍' ଉପରେ ଉପନ୍ୟାସଟି ଆଧାରିତ। ପକ୍ଷୀଟି ତା' ଦଳର ପକ୍ଷୀମାନଙ୍କ ପରି ଅଳ୍ପଦୂର ଉଡ଼ି ମାଛ ଧରିବା ଓ ମାଛ ଖାଇବାରେ ତା'ର ପୂରା ସମୟ ସାରିଦେବାକୁ ଚାହେଁ ନାହିଁ। ସେ ଚାହିଁଛି ଦୂରକୁ ଉଡ଼ିବ। ଦୂରକୁ ଉଡ଼ିବାର କୌଶଳ ଶିଖିବ। ଦୂର ଆକାଶରେ କ'ଣ ରହିଛି, ତାହା ଆବିଷ୍କାର କରିବ। ଶିଖିବାର ସୀମାକୁ ଅଧିକରୁ ଅଧିକ ବିସ୍ତୃତ କରିବ। ଏଥିପାଇଁ ଜୋନାଥନ୍ ବହୁ ବିରୋଧର ସମ୍ମୁଖୀନ ହୋଇଛି। ମା' କହିଛି ଅନ୍ୟମାନଙ୍କ ପରି ମାଛ ଧରିବାର କୌଶଳକୁ ଆୟତ୍ତ କରିବା ପାଇଁ। ବାପା ଟିକେ ଉଡ଼ାଉଡ଼ିର ପରାମର୍ଶ ଦେଇଛି। ଜଳର ଗଭୀର ପ୍ରଦେଶରେ ବୃହତ୍ତର ମାଛସବୁର ସ୍ଥିତି ସମ୍ପର୍କରେ ପରୀକ୍ଷା ନିରୀକ୍ଷା କରିବାର ଉପଦେଶ ଦେଇଛି। ମାତ୍ର ଜୋନାଥନ୍‌ର ଦୂରାନ୍ତ ଲକ୍ଷ୍ୟ। ମନୋବଳ ଦୃଢ଼। ଏଥିପାଇଁ ପକ୍ଷୀମାନଙ୍କର ଗୋଷ୍ଠୀ ତା'କୁ ବହିଷ୍କାର କରିଛି। ତଥାପି ଜୋନାଥନ୍ ଖାତିରି ନ କରି ଦୂରକୁ ଉଡ଼ିଛି। ପରବର୍ତ୍ତୀ ସମୟରେ ଦକ୍ଷତା ହାସଲ କରି ଫେରିଆସି ସେ ଅନ୍ୟ କେତେକ ପକ୍ଷୀମାନଙ୍କୁ ନେଇ ପୂର୍ବରୁ ଅନାବିଷ୍କୃତ ଜୀବନର ସ୍ୱାଦ ବାଛିବାର ସୁଯୋଗ ଦେଇଛି।

ବାରମ୍ବାର ଜୋନାଥନ୍ ଶୁଣିଛି ଯେ ସେ କେବଳ ମାଂସ ଓ ଡେଣାଧାରୀ ପକ୍ଷୀଟିଏ। କିନ୍ତୁ ଜୋନାଥନ୍ ଏକଥା ସ୍ୱୀକାର କଲେ ମଧ୍ୟ ଦୃଢ଼ ସ୍ୱରରେ କହିଛି, 'ମୁଁ ଜାଣେ ମୁଁ ମାଂସ ଓ ଡେଣାର ପକ୍ଷୀଟିଏ। ମାତ୍ର ଆକାଶରେ ମୁଁ କ'ଣ କରିପାରିବି ଏବଂ କ'ଣ କରିପାରିବି ନାହିଁ, ଏକଥା ଜାଣିବାକୁ ଚାହେଁ।' ସିଗଲ୍ ସର୍ଜନଶୀଳ ଭାବନାର ଏକ ସୁନ୍ଦର ପ୍ରତୀକ। ଧରାବନ୍ଧା ଚିରାଚରିତ ଅର୍ଗଳି ଭିତରୁ ବାହାରିଯିବାର ସୁନ୍ଦର ପ୍ରଚେଷ୍ଟାର ଏକ ରୂପକ। ନିଜ ସମାଜର ରୁଟିନବନ୍ଧା କାର୍ଯ୍ୟ ଓ ଆଚରଣରୁ ମୁକ୍ତ ହୋଇଥିବାର ଏକ କମନୀୟ ଆଲେଖ୍ୟ। କଳାକାର ଓ ସାହିତ୍ୟିକର ଜୀବନରେ ଏପରି ମୌଳିକତା ପରିଦୃଷ୍ଟ ହୁଏ। ସେଇଥିପାଇଁ ସମ୍ଭବତଃ ଅନନ୍ୟତା ବଦଳରେ ପାଗଳାମିର ଅପବାଦ ଟିକା କଳାକାର ଓ ସାହିତ୍ୟିକ ଗୋଷ୍ଠୀ ସହ ବିଜଡ଼ିତ ହୋଇପଡ଼େ।

■ ଭିଜିଲାନ୍ସ ନଜରରୁ ବର୍ତ୍ତିବା ପାଇଁ ଅଭିନବ ଉପାୟ

## ରାଜ୍ୟ ବାହାରେ ଫ୍ଲାଟ୍, ଜମି କିଣୁଛନ୍ତି ଦୁର୍ନୀତିଖୋର୍

**ଭୁବନେଶ୍ୱର, ୧୮ ।୨(ସମିସ):** କଳାଧନ ରଖିବା ପାଇଁ ଅଭିନବ ଉପାୟ ଆପଣାଇଛନ୍ତି ସରକାରୀ ବାବୁ। ଭିଜିଲାନ୍ସକୁ ଚକ୍ମା ଦେବା ପାଇଁ ସେମାନେ ରାଜ୍ୟ ବାହାରେ ଜମି, ଫ୍ଲାଟ୍ ଆଦି କିଣୁଛନ୍ତି। ଫଳରେ ଭିଜିଲାନ୍ସ ସେମାନଙ୍କର ପ୍ରକୃତ ସମ୍ପତ୍ତିର ତଥ୍ୟ ପାଇପାରୁନି। ନିକଟ ଅତୀତରେ ଭିଜିଲାନ୍ସ ଜାଲରେ ପଡ଼ିଥିବା କୋଟିପତି ବୌଦ୍ଧ ଆର୍‌ଟିଓ ବସନ୍ତ ମହାପାତ୍ର ମାମଲାରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ବସନ୍ତ ଭିଜିଲାନ୍ସ ନଜରରୁ ବର୍ତ୍ତିବା ପାଇଁ ବେଙ୍ଗାଲୁରୁରେ ଏକାଧିକ ଫ୍ଲାଟ୍ ଏବଂ ଜମି କିଣିଥିଲେ। ପ୍ରଥମେ ଚଢ଼ଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ଏ ସଂପର୍କରେ ଟେର୍ ପାଇ ପାରିନଥିଲେ। କିନ୍ତୁ ଅଧିକ ଖୋଳତାଡ଼ କରାଯିବା ପରେ ଏହା ପଦାକୁ ଆସିଥିଲା। ପୂର୍ବରୁ ଗିରଫ ହୋଇଥିବା ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକଙ୍କ ମାମଲାରେ ମଧ୍ୟ ଭଳି ଏଭଳି ଘଟଣା ନଜରକୁ ଆସିଥିଲା। ତେବେ ଖାଲି ବସନ୍ତ କି ଅଭୟ ନୁହେଁ, ଅନେକ ଦୁର୍ନୀତିଖୋର୍ ସରକାରୀ ଅଫିସର୍ ରାଜ୍ୟ ବାହାରେ ସମ୍ପତ୍ତି କିଣିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଯେଉଁ ସରକାରୀ ଅଫିସର ସମ୍ପତ୍ତି କିଣୁଛନ୍ତି, ସେ ସଂପର୍କିତ ତଥ୍ୟ ସବୁ 'ଓକାକ୍‌ରେ'ରହୁଛି। ଫଳରେ ଚଢ଼ଉ ପୂର୍ବରୁ ସବୁ ତଥ୍ୟ ସେଠାରୁ ମିଳି ଯାଉଛି। କିନ୍ତୁ ରାଜ୍ୟ ବାହାରେ ଜମି କିଣୁଥିବା ଅଧିକାରୀଙ୍କ ସମ୍ପର୍କରେ ତଥ୍ୟ ଆସିପାରୁନି। ତେଣୁ ଭିଜିଲାନ୍ସ ପକ୍ଷରୁ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି। ଏହି ସ୍ପେଶାଲ ଟିମ୍ କେବଳ ରାଜ୍ୟ ବାହାରେ ସମ୍ପତ୍ତି କିଣୁଥିବା ସରକାରୀ ବାବୁଙ୍କ ଉପରେ ନଜର ରଖିବ। ଯେଉଁ ସରକାରୀ ଅଫିସର ରାଜ୍ୟ ବାହାରେ ଜମି କିଣୁଛନ୍ତି ସେମାନଙ୍କ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଭିଜିଲାନ୍ସକୁ ଦେବେ। ଭିଜିଲାନ୍ସ ଏକ୍ସପର୍ଟମାନେ ଯାଞ୍ଚ କରିବା ପରେ ଚଢ଼ଉ କରାଯିବ। ଏହି ସ୍ପେଶାଲ ଟିମ୍ ରାଜ୍ୟ ବାହାରେ ଫ୍ଲାଟ୍ ଏବଂ ଜମି କିଣୁଥିବା ଅଧିକାରୀଙ୍କ ଉପରେ ନଜର ରଖିବେ।

**ସ୍ପେଶାଲ ଟିମ୍ ରଖିବ ନଜର**

ଅନେକ ଦୁର୍ନୀତିଖୋର୍ ସରକାରୀ ଅଧିକାରୀ ଆୟ ବହିର୍ଭୂତ ଟଙ୍କାରେ ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁ ଭଳି ବଡ଼ବଡ଼ ସହରରେ ଜମି କିଣୁଛନ୍ତି। ଓଡ଼ିଶାରେ ରେଜିଷ୍ଟ୍ରେସନ୍ ହେଉଥିନାରୁ ତାହା ଜଣାପଡୁନି। ତେଣୁ ଏହି ସ୍ପେଶାଲ ଟିମ୍ ଓଡ଼ିଶାରେ ଚାକିରି କରୁଥିବା ସରକାରୀ ଅଫିସର୍‌ଙ୍କ ସମ୍ପତ୍ତି ସମ୍ପର୍କରେ ତଥ୍ୟ ଦେବ। ରାଜ୍ୟ ସରକାର ସରକାରୀ ଅଫିସରଙ୍କୁ ସମ୍ପତ୍ତି ତାଲିକା ଦେବାକୁ ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ଏହି ସରକାରୀ କର୍ମଚାରୀମାନେ ନିଜର ତାଲିକା ଦେବାରେ ବିଳମ୍ବ କରୁଛନ୍ତି। ଅନେକ ମଧ୍ୟ ନିଜ ପତ୍ନୀ ଏବଂ ପୁଅ, ଝିଅଙ୍କ ନାମରେ ସମ୍ପତ୍ତି କରି ଦେଉଛନ୍ତି। ଆଉ ସମ୍ପତ୍ତି ତାଲିକା ସେବା ସମୟରେ ନିଜ ନାମରେ ଥିବା ସ୍ୱଳ୍ପ ସମ୍ପତ୍ତି ତାଲିକା ଦେଉଛନ୍ତି। କିନ୍ତୁ ତାହା ଏବେ ଆଉ ହେବ ନାହିଁ, ପରିବାର ସଦସ୍ୟଙ୍କ ନାମରେ ଥିବା ସବୁ ସମ୍ପତ୍ତି ଏହି ତାଲିକାରେ ଦେବାକୁ ପଡ଼ିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସେହିପରି ଅନେକ ସରକାରୀ ଅଫିସର କଳାଧନ ରଖିବା ପାଇଁ କ୍ରିପ୍ଟୋକରେନ୍ସିକୁ ଆପଣାଇଛନ୍ତି। ତେଣୁ ଏଥିରେ କଳାଧନ ରଖିଲେ ଭିଜିଲାନ୍ସ କିଛି ଧରିପାରିବ ନାହିଁ। ତେଣୁ ଭିଜିଲାନ୍ସ ପକ୍ଷରୁ ଦିଲ୍ଲୀରୁ ଏକ ଏକ୍ସପର୍ଟ ଟିମ୍ ରଖାଯାଇଛି। ସେମାନେ କେବଳ କ୍ରିପ୍ଟୋ କରେନ୍ସି ଉପରେ ତଦନ୍ତ କରିବେ। ଯେଉଁ ସରକାରୀ ଅଫିସର କଳାଧନ କ୍ରିପ୍ଟୋ ଆକାରରେ ରଖିବେ, ସେମାନେ ତଦନ୍ତ କରି ତାହାକୁ ବାହାର କରିବେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

■ କଂଗ୍ରେସର ଜିଲ୍ଲା ସଭାପତି ବୈଠକ

## ବୁଥ୍‌ସ୍ତରରୁ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ



**ଭୁବନେଶ୍ୱର, ୧୮ ।୨(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସକୁ କ୍ରିୟାଶୀଳ ଓ ମଜଭୁତ କରିବା ପାଇଁ ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲା ସଭାପତିଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ପିସିସି ସଭାପତି ଶରତ ପଟ୍ଟନାୟକ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ରଣନୀତିର ରୂପରେଖ ପ୍ରସ୍ତୁତ କରିବା ପାଇଁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ପ୍ରଗମନ ସମୀକ୍ଷା କରାଯିବା ସହ ଏହାର ଚୂଡାନ୍ତ ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଜିଲ୍ଲାସ୍ତରରୁ ବୁଥସ୍ତର ପର୍ଯ୍ୟନ୍ତ ସଂଗଠନକୁ ମଜଭୁତ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

ଜିଲ୍ଲାର ସାଂଗଠନିକସ୍ଥିତି ସମୀକ୍ଷା କରି ତୁରନ୍ତ ସମସ୍ତ ସାଂଗଠନିକ ପଦବୀ ପୂରଣ କରିବା ସହ ଆଗାମୀ ନିର୍ବାଚନରେ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମକୁ କ୍ରିୟାଶୀଳ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ସେହିପରି ଜିଲ୍ଲା ସ୍ତରରେ ଗଣମାଧ୍ୟମ ବିଭାଗକୁ ଅଧିକ ସକ୍ରିୟ କରିବା ପାଇଁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ସାଧାରଣ ଜନତା ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ନିରାକରଣ ପାଇଁ ତୃଣମୂଳ ସ୍ତରରେ ସମସ୍ତ କଂଗ୍ରେସ ନେତା ଓ କର୍ମୀ ସଦା ସଜାଗ ରହିବାକୁ ଶ୍ରୀ ପଟ୍ଟନାୟକ କହିଛନ୍ତି। ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରିବା ସହ ଆଗାମୀ ଫେବ୍ରୁଆରୀ ୨୬ ତାରିଖରେ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଆଜିର ଏହି ବୈଠକରେ ରାଜ୍ୟ କଂଗ୍ରେସ ସହ ପ୍ରଭାରୀ କ୍ରିଷ୍ଟୋଫର ତିଲକ, ପ୍ରଗମନ ଅଧ୍ୟକ୍ଷ ପ୍ରବୀଣ ପାଠକ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତିଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତିମାନେ ଉପସ୍ଥିତ ଥିଲେ।

## ବିଜେପି ଛାଡ଼ି ଘର ବାହୁଡ଼ିଲେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି



**ଭୁବନେଶ୍ୱର, ୧୮ ।୨(ସମିସ):** ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସତ୍ୟଜିତ୍ ପଟ୍ଟନାୟକ (ମିଲନ), ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଆଜି ବିଜେପି ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ମିଲନ ଓ ଜୟଶ୍ରୀ ୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିଲେ। ମାତ୍ର ବିଜେପିରେ ଚାଲିଥିବା ଗୋଷ୍ଠୀ ବିବାଦ, ଆଭ୍ୟନ୍ତରୀଣ ବିଶୃଙ୍ଖଳା ଓ ଅନ୍ୟାନ୍ୟ କାରଣ ପାଇଁ ସେମାନେ ପୁନର୍ବାର କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶତାଧିକ ସମର୍ଥକଙ୍କ ସହିତ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି କଂଗ୍ରେସ ଭବନ ଠାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପ୍ରତିକ୍ରିୟା ଦେଇ ପିସିସି ସଭାପତି ଶରତ ପଟ୍ଟନାୟକ କହଛନ୍ତି ଯେ ଏହି ମିଶ୍ରଣ କଂଗ୍ରେସ ଦଳର ଶକ୍ତି ବଢ଼ାଇବ ଏବଂ ଅନେକ ନେତା ଖୁବ୍ ଶୀଘ୍ର କଂଗ୍ରେସକୁ ଫେରିବେ।

# ଅବଶିଷ୍ଟାଂଶ...

## ବିଶ୍ୱକୁ ଟିକା...

ଆଗାମୀ ୩ ମାସ ମଧ୍ୟରେ ଏଠାରୁ ଟିକା ଉତ୍ପାଦନ ଆରମ୍ଭ କରିବା ଦିଗରେ କମ୍ପାନୀକୁ ସବୁ ପ୍ରକାର ସହଯୋଗ ସୁନିଶ୍ଚିତ କରିବା ଲାଗି ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କର 'ପ୍ରତିଟି ଜୀବନ ମୂଲ୍ୟବାନ୍' ମନ୍ତ୍ର ଆଧାରରେ ସାପିଜେନ୍ ବାୟୋଲୋଜିକ୍ସ ଭ୍ୟାକ୍ସିନ୍ ପ୍ଲାଣ୍ଟ କାର୍ଯ୍ୟ କରୁଛି ଓ ଏହା ଓଡ଼ିଶାକୁ ନୂଆ ପରିଚୟ ଦେବ ।

୧୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଟିକା ଉତ୍ପାଦନ କେନ୍ଦ୍ର ୧୫୦୦ ଲୋକଙ୍କୁ ସିଧାସଳଖ ନିଯୁକ୍ତି ଦେବ। ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କମ୍ପାନୀ ରାଜ୍ୟ ସରକାରଙ୍କୁ ପ୍ରତିଶ୍ରୁତି ଦେଇଛି। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଏହି ଟିକା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ ପ୍ରଦାନ କରିବେ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କ୍ୟାବିନେଟ୍ ପାରିତ କରିଥିବା ବାୟୋଟେକ୍ନୋଲୋଜି ନୀତି ଏପରି ଶିଳ୍ପ ପ୍ରତିଷ୍ଠା ଦିଗରେ ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଓଡ଼ିଶାରେ ଭାରତ ବାୟୋଟେକ୍ ଭଳି କମ୍ପାନୀ ଟିକା ଉତ୍ପାଦନ କଲେ ତାହା ନିଶ୍ଚିତ ଭାବେ ଅନ୍ୟ ନିବେଶକମାନଙ୍କୁ ଓଡ଼ିଶା ଆସିବା ପାଇଁ ପ୍ରେରଣା ଦେବ। ବିଶେଷକରି ବାୟୋଟେକ୍ନୋଲୋଜି ସଂକ୍ରାନ୍ତ ଶିଳ୍ପ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ। ଆଗକୁ ଏହି କ୍ଷେତ୍ରରେ ଓଡ଼ିଶା ବଡ଼ ପୁଞ୍ଜିନିବେଶ ହାସଲ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପାଣ୍ଡିଆନ୍ ଆଶାବ୍ୟକ୍ତ କରିଛନ୍ତି। ଏହା ସହ ଭାରତ ସମେତ ସମଗ୍ର ବିଶ୍ୱକୁ ୧୫ରୁ ଅଧିକ ବର୍ଗର ଟିକା ରପ୍ତାନୀ କରି ଓଡ଼ିଶା ବାୟୋଟେକ୍ନୋଲୋଜି କ୍ଷେତ୍ରରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଏହି ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଆସନ୍ତା ମେ' ମାସ ସୁଦ୍ଧା ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ପ୍ରତିଦିନ ଏଠାରେ ବିଭିନ୍ନ ପ୍ରକାର ଟିକାର ୨.୪ କୋଟି ଡୋଜ୍ ପ୍ରସ୍ତୁତ ହୋଇପାରିବ। ଏହି ପ୍ଲାଣ୍ଟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଦେଶର ସର୍ବ ବୃହତ୍ ଟିକା ଉତ୍ପାଦନ କେନ୍ଦ୍ରରେ ପରିଣତ ହେବ। ବିଶ୍ୱ ଜନସଂଖ୍ୟାର ୧୦ ଗୁଣା ଅଧିକ ଟିକା ଉତ୍ପାଦନ ପାଇଁ ମଧ୍ୟ ଓଡ଼ିଶା ସମର୍ଥ ହେବ। ଆଜି ସାପିଜେନ୍ ବାୟୋଲୋଜିକ୍ସ ଭ୍ୟାକ୍ସିନ୍ ପ୍ଲାଣ୍ଟ ପରିଦର୍ଶନ ସମୟରେ ୫-ଟି ଅଧ୍ୟକ୍ଷଙ୍କ ସହିତ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଆଇଟି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନୀଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୨୦୩ କୋଟି ଟଙ୍କାର...

ରଖି ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଗତବର୍ଷ ନଭେମ୍ବର ମାସରେ କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରାଳୟ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଲାଗି ପରିବେଶ ମଞ୍ଜୁରୀ ପ୍ରଦାନ କରିଥିଲେ। ଫଳରେ ବିମାନବନ୍ଦର ନିର୍ମାଣ ପାଇଁ ୨୭.୮୫ ହେକ୍ଟର ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ପଦକ୍ଷେପ ନିଆଯାଇଛି। ବିମାନବନ୍ଦର ନିର୍ମାଣ ପାଇଁ ଆବଶ୍ୟକ ଥିବା ୧୧୬୪ ଏକର ଜମିରୁ ୬୮.୮୧ ଏକର ହେଉଛି ଜଙ୍ଗଲ ଏବଂ ୨୨୧.୮୯ ଏକର ହେଉଛି ଘରୋଇ ଜମି। ବିମାନବନ୍ଦର ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ଏବଂ ପାଚେରୀ ନିର୍ମାଣ କାର୍ଯ୍ୟ ସରିଛି। ପୁରୀ ବିଶ୍ୱର ଅନ୍ୟତମ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳ ହୋଇଥିବାରୁ ଏଠାରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ୨୦୨୧ ଜାନୁଆରୀରେ ମୁଖ୍ୟମନ୍ତ୍ରୀ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି ପ୍ରକଳ୍ପ ପାଇଁ ଅନୁମତି ଲୋଡ଼ିଥିଲେ। ଏହାର ନାମ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ରଖିବାକୁ ଉଲ୍ଲେଖ କରିଥିଲେ। ପୁରୀରେ ବିମାନବନ୍ଦର ପ୍ରତିଷ୍ଠା କରାଯିବାର ଯଥାର୍ଥତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ। ଏଠାରେ ବିମାନବନ୍ଦର ପ୍ରତିଷ୍ଠା ହେଲେ ପର୍ଯ୍ୟଟକଙ୍କ ଆଗମନ ସୁବିଧା ହେବ। ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିଲେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ ହେବ। ବିଶ୍ୱ ମାନଚିତ୍ରରେ ପୁରୀ ଏକ ବିକଶିତ ସହରର ମାନ୍ୟତା ପାଇବା ସହ ଗମନା ଗମନ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପିତ ହୋଇପାରିବ। ରାଜ୍ୟ ସରକାରଙ୍କ ଏହି ଯୋଜନା ବିଶ୍ୱ ସହ ଶ୍ରୀକ୍ଷେତ୍ରକୁ ଯୋଡିବାରେ ସହଯୋଗ କରିବ। ପର୍ଯ୍ୟାୟକ୍ରମେ ବିମାନବନ୍ଦର ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ, ସାଇଟ୍ କ୍ଲିଅରାନ୍ସ ସାର୍ଟିଫିକେଟ୍ ମିଳିଥିଲା। ତେବେ ପ୍ରକଳ୍ପ ସମ୍ପର୍କିତ କାମ ବିଳମ୍ବିତ ହେଉଥିବାରୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ଲାଗି ଗତ ମେ' ମାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଅନୁରୋଧ କରିଥିଲେ।

## ବ୍ୟୟ ଅଟକଳ...

ରାଉରକେଲାସ୍ଥିତ ଆରଜିଏଚ୍‌ରେ ରୋଗୀ ଶଯ୍ୟା ସଂଖ୍ୟା ୮୦୦କୁ ବୃଦ୍ଧି ପାଇବ। ଏହି ଯୋଜନାରେ ଟ୍ରମା କେୟାର ସେଣ୍ଟର ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ ଲକ୍ଷ୍ୟ ରହିଛି। ଭିମସାର ମେଡିକାଲ କଲେଜରେ ପ୍ରଥମ ପର୍ଯ୍ୟାୟରେ ୭୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ଏଠାରେ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ, କ୍ରିଟିକାଲ କେୟାର, ସେଣ୍ଟ୍ରାଲ କ୍ୟାଣ୍ଟିନ୍, ଇନଡୋର ଷ୍ଟାଡିୟମ୍, କ୍ରିକେଟ୍ ପଡ଼ିଆ ନିର୍ମାଣ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଅପରପକ୍ଷେ କଟକ ଏସ୍‌ସିବି ମେଡିକାଲ କଲେଜରେ ୭୦୦ ଶଯ୍ୟା ସହ ନବଜାତ ଓ ଶିଶୁ ରୋଗୀଙ୍କ ପାଇଁ ଏସ୍‌ଏନ୍‌ସିୟୁ/ ଏନ୍‌ଆଇସିୟୁ ଥିବା ନୂଆ କମ୍ପ୍ଲେକ୍ସ ନିର୍ମାଣ ହେବ। ନୂଆ କରି ନିର୍ମାଣ ହୋଇଥିବା ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ, ବାଲେଶ୍ୱରସ୍ଥିତ ଫକିର ମୋହନ ମେଡିକାଲ କଲେଜରେ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲର ନିର୍ମାଣ ଶେଷ ହୋଇଛି। ସେହିପରି କେନ୍ଦୁଝରସ୍ଥିତ ଧରଣୀଧର ମେଡିକାଲ କଲେଜ ଏବଂ ସୁନ୍ଦରଗଡ଼ ମେଡିକାଲ କଲେଜରେ ୫୦୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି।

## ମତ୍ସ୍ୟ ଉତ୍ପାଦନରେ...

କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଓ ରାଜ୍ୟର ଚାଷୀଭାଇମାନଙ୍କ କଠିନ ପରିଶ୍ରମ ଯୋଗୁଁ ରାଜ୍ୟ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ହେବା ସହ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ପାଞ୍ଚଥର କୃଷିକର୍ମଣ ପୁରସ୍କାର ଲାଭ କରିଛି। ଗୋପାଳନ ଓ ପ୍ରାଣିପାଳନ ଆୟବୃଦ୍ଧି ଓ ରୋଜଗାର ସୃଷ୍ଟିର ଏକ ବଳିଷ୍ଠ ମାଧ୍ୟମ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅଧିକରୁ ଅଧିକ ମହିଳା ଉଦ୍ୟୋଗୀ ସୃଷ୍ଟି ହେବା ରାଜ୍ୟର ପ୍ରଗତିରେ ଏକ ସକାରାତ୍ମକ ଲକ୍ଷଣ ବୋଲି ସେ କହିଛନ୍ତି। ପ୍ରଥମଥର ପାଇଁ ରାଜ୍ୟସ୍ତରରେ ଆୟୋଜିତ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ରାଜ୍ୟର ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଆଶାପୋଷଣ କରିଛନ୍ତି।

ଉତ୍ସବରେ ସଭାପତିତ୍ୱ କରି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ପ୍ରଶାସନର ମୂଳମନ୍ତ୍ର '୫-ଟି' ଉପକ୍ରମ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଛି। ଏହାଦ୍ୱାରା ମାଛ, ମାଂସ, ଅଣ୍ଡା, ଦୁଗ୍ଧ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିବା ସହ ଚାଷୀମାନେ ଉପକୃତ ହୋଇପାରିଛନ୍ତି। ରାଜ୍ୟର ୯୨ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବା ବେଳେ ସେମାନଙ୍କର ଆୟବୃଦ୍ଧି ନିମନ୍ତେ କୃଷି ସହିତ ମାଛଚାଷ ଓ ପ୍ରାଣିପାଳନ ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ସେ କହିଛନ୍ତି। ଚାଷୀମାନଙ୍କୁ ଉନ୍ନତ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ଓ ଦକ୍ଷ କରାଇବା ପାଇଁ ଅଧିକରୁ ଅଧିକ କୃଷକଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ ବାହାର ରାଜ୍ୟକୁ ଜ୍ଞାନ ଆହରଣ ପାଇଁ ପରିଭ୍ରମଣରେ ପଠାଯିବ ବୋଲି ସେ କହିଛନ୍ତି।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଏମସି ମେୟର୍ ସୁଲୋଚନା ଦାସ କହିଲେ ଯେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଫଳରେ ରାଜ୍ୟର କୋଣଅନୁକୋଣରେ ମାଛଚାଷ ଓ ପ୍ରାଣିପାଳନ ପ୍ରତି ଲୋକଙ୍କର ଆଗ୍ରହ ବଢ଼ିଛି। ଏହାଦ୍ୱାରା ଗାଁଗହଳିର ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ସହଜରେ ମିଳିପାରୁଛି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମାବେଶରେ ଯୁବରାଜ ବୁଲ୍, ଜୀବନ୍ତ ପ୍ରାଣୀ ପ୍ରଦର୍ଶନ, ଏଲ୍‌ଇଡି ଟନେଲ୍, ଏକ୍ସପେରିଏନ୍ସ ଜୋନ୍ ଏବଂ ଆସ୍କ ଦି ମିନିଷ୍ଟର ଆଦି ଅନେକ ଅଭିନବ କାର୍ଯ୍ୟକ୍ରମ ଚାଷୀମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ଏବଂ ଏହା ଅତ୍ୟନ୍ତ ଶିକ୍ଷଣୀୟ ଥିଲା ବୋଲି କହିଛନ୍ତି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit sworn before the Executive Magistrate, Kakatpur, dated- 17/02/2024. I, Shaikh Saratullah, S/o-Shaikh Hamidullah, At/Po-Rasalpur, Ps-Kakatpur, Dist-Puri, Odisha declare that I have changed my name from Sk. Bkaullah To Shaikh Saratullah and my father's name Sk. Ahamed To Shaikh Hamidullah. Henceforth I shall be known as **Shaikh Saratullah, S/o -Shaikh Hamidullah** for all purposes.

**Sd/- Shaikh Saratullah**

**AFFIDAVIT**

I, Prasanta kumar Nayak, s/o satrughna nayak resident of Kostimallikapur, Po- Jhankada, Tahasil - tirtol, Dist- Jagatsinghpur, Odisha-754138 declare that by affidavit no-286, dated 25.01.2024 that my mother name has been written in her Aadhar card Basanta manjari nayak but my mother name has been written in my my armd corps record as Basanta nayak, that Basanta manjari nayak and Basanta nayak village kostimallikapur is one and same person which refers to my mother.

A-1530 **OFFICE OF THE SUPERINTENDING ENGINEER MINOR IRRIGATION, CUTTACK**

Letter No. 1048 Date 16.02.2024

**1st Corrigendum to Tender Call Notice No. 17/2023-24**

It is to notify that the TENDER CALL NOTICE- 17/2023-24 of M.I. Division, Cuttack through online has been CANCELLED due to non update of **Technical Evalution before lottery** and on the basis of administrative ground.

**Sd/- Superintending Engineer, M.I. Division, Cuttack**

**OIPR-32121/11/0025/2324**

**WORKS DEPARTMENT** B-
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
**Government of Orissa E-Procurement Notice**
**Bid Identification No.: 144 / 2023-24 Dated:07.02.2024**

1. Number of works: 03 (Three) number of Work
2. Estimated cost: Rs.14.65 to Rs. 26.68 lakhs
3. Period of completion: 1 (One) to 3 (Three) calendar months
4. Date & Time of availability of bid document in the portal: Dt.19.02.2024 at 11.00 A.M.
5. Last date / Time for receipt of bids in the portal: Dt 02.03.2024 up to 05.00 P.M.
6. Date of opening of Bid: Dt. 04.03.2024 at 11.00A.M.
7. Name and Address of the Officer Inviting Bid: Superintending Engineer, (R&B) Division, Rourkela, Udit Nagar.

Further details can be seen from the e-procurement portal **http//tendersorissa.gov.in**

**Sd/- Superintending Engineer, Rourkela (R&B) Division**

**OIPR-34068/11/0040/2324**

**WORKS DEPARTMENT** B-
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
**Government of Orissa E-Procurement Notice**
**Bid Identification No.: 156 / 2023-24 Dated:16.02.2024**

1. Number of works: 01 (One) number of Work
2. Estimated cost: Rs.45.90 lakhs
3. Period of completion: 1 (One) calendar months
4. Date & Time of availability of bid document in the portal: Dt.19.02.2024 at 11.00 A.M.
5. Last date/ Time for receipt of bids in the portal: Dt 01.03.2024 up to 05.00 P.M.
6. Date of opening of Bid: Dt. 02.03.2024 at 11.00A.M.
7. Name and Address of the Officer Inviting Bid: Superintending Engineer, (R&B) Division, Rourkela, Udit Nagar.

Further details can be seen from the e-procurement portal **http//tendersorissa.gov.in**

**Sd/- Superintending Engineer, Rourkela (R&B) Division**

**OIPR-34068/11/0038/2324**

O-

e-mail-eerwss_kpt@rediffmail.com
Ph.No. 06852-250281(Off)
Ph.No. 06852-250680 (Res)
Fax No.06852-251098.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER ,RWSS DIVISION, KORAPUT**
**National Competitive Bidding Through E-Procurement**
**Tender Identification No.20/EE/RWSS/KPT/2023-24/07.02.2024**

The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 1) Supplying all materials labour T & P for construction of 4.80 mtr dia 13.50 mtr depth RR Stone massonary percolation well with M.S Cover etc complete in connection with PWS to Narjiput (Semela) GP Lankaput under Koraput Block in the Dist. of Koraput (BASUDHA). |
| 2 | Time period for completion | 3(Three) Months |
| 3 | Estimated Cost. | 8.81 Lakhs |
| 4 | Total Nos of works | 1 nos. |
| 5 | Tender cost | Rs. 4,000/- |
| 6 | Class of Contractor. | "D" & "C" |
| 7 | Availability of Bid document in the web site | Dt. 17.02.2024 at 17.00 hours to 26.02.2024 up to 17.00 hours. |
| 8 | Date of Seeking clarification. | During the Office hours of 17.02.2024 to 23.02.2024 |
| 9 | Date of Opening of Bid. | Dt. 27.02.2024 at 11.00 hours |

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

**Superintending Engineer RWS&S Division, Koraput**

**OIPR-25034/11/0032/2324**

**OFFICE OF THE MUNICIPAL COUNCIL, TITILAGARH**

C-

**Letter No. 338/Tig./ Date. 15.02.2024**

**QUOTATION CALL NOTICE**

Sealed quotation are invited from interest reputed Travel Agencies / Tour operator individual along with GSTN.PAN and other documents as per Terms and Condition for providing one AC vehicle having sitting capacity not less than 7 seater including Driver as given. The quotation shall start from 15.02.2024, 11.00 AM and filled a quotation must reach Titilagarh Municipality on or before Dt.23.02.2024, 01.00 PM. The quotations so received will opened on same day i.e. Dt.23.02.2024, 04.00 PM.

| Sl. No. | Type of Vehicle | Sitting Capacity |
|---|---|---|
| 1 | Mahindra Bolero/Bolero Neo/ equivalent vehicle. | Not less than seven including driver |

The details term and conditions with application can be obtained from Titilagarh Municipality during office hour from dt.15.02.2024 11.00 AM to dt.21.02.2024, 1.00 PM be depositing a Demand draft amounting Rs. 500.00 (five hundred only) in favour of " Executive Officer, Titilagarh Municipality " payable at Titilagarh which is non refundable towards cost of Tender paper.

**Executive Officer, Titilagarh Municipality**

**OIPR-13095/11/0018/2324**

O- E-Mail- eerwel_bbsr @yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
**e-Procurement Notice No –EERWELBBSR- 49/2023-24**

| | | |
|---|---|---|
| 1 | Name of the work | EI to Installation of Video Conferencing System & Special Renovation of (Budget Branch & corridor) office of the EIC RW (O) at Bhubaneswar |
| 2 | Estimated Cost | 23.10 lakhs (Excluding GST) |
| 3 | Period of completion | 30days |
| 4 | Bid Identification No | **EERWELBBSR – 49/ 2023-24** |
| 5 | Date and time of availability of Bid documents in the portal | From Dt.**19.02.2024** at 12:30 A.M.to Dt **25.02.2024** up to 5.00 P.M |
| 6 | Date & Time of opening of tender | Dt.**26.02.2024** at 01.00 P.M. |
| 7 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN. BBSR At- 1st floor of Divn. Complex, Rasulgarh Behind Explanade Mall. Dist. –Khurda Odisha. Pincode-751010 |

Further detail can be seen from the Govt. Web site **www.tenderorissa.gov.in**

Executive Engineer, Rural work Electrical Division , Bhubaneswar

**OIPR-25168/11/0019/2324**

**ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ବାଲେଶ୍ୱର**

R.B.I. License No. RPCD/Bhubaneswar/02/2009-10

ନୋଟିସ ନଂ. ୮୯୮୩ , ତା.୧୭.୦୨.୨୦୨୪

**୫୧ତମ ବାର୍ଷିକ ସାଧାରଣ ସଭା ନୋଟିସ**

ଏତଦ୍ୱାରା ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟ / ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର **୫୧ତମ ବାର୍ଷିକ ସାଧାରଣ ସଭା** ଆସନ୍ତା **ତା.୨୮.୦୨.୨୦୨୪ରିଖ, ବୁଧବାର ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ **ବାଲେଶ୍ୱର ସହରର 'ହରିପ୍ଲାଜା' (Hotel Hari Plaza)** ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଉକ୍ତ ସଭାରେ ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

ସଭାର କାର୍ଯ୍ୟକ୍ରମ:

୧. ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୫୦ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ ।
୨. ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୫୧ ତମ ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ।
୩. ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୨୦୨୨-୨୩ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ଓ ତତ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ।
୪. ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୨୦୨୪-୨୫ ଆର୍ଥିକ ବର୍ଷର ଆୟ ବ୍ୟୟ ଅଟକଳ / ବଜେଟ ଓ କାର୍ଯ୍ୟକାରୀ ଉନ୍ନୟନ ଯୋଜନାକୁ ରାଜ୍ୟ ସମବାୟ ବ୍ୟାଙ୍କକୁ ପ୍ରେରିତ ସମ୍ବନ୍ଧରେ ଅନୁମୋଦନ।
୫. ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଆର୍ଥିକ ବର୍ଷ ୨୦୨୨-୨୩ ହୋଇଥିବା ନିଟ ଲାଭର ବଣ୍ଟନ।
୬. ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି ଏବଂ ସଭ୍ୟ ଓ ସଭ୍ୟାମାନଙ୍କର ବର୍ଦ୍ଧିତ ଦୈନିକ ଏବଂ ବୈଠକ ଭତ୍ତା ସମ୍ବନ୍ଧରେ ଆଲୋଚନା ଏବଂ ଅନୁମୋଦନ।
୭. ସଭାପତିଙ୍କ ଅନୁମତିକ୍ରମେ ଅନ୍ୟାନ୍ୟ।

ସଭାପତିଙ୍କ ଆଦେଶାନୁକ୍ରମେ

**ସା/- ଅଶୋକ କୁମାର ଦାଶ**
**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ବି.ଦ୍ର: ପ୍ରତ୍ୟେକ ପ୍ରତିନିଧି ମାନଙ୍କୁ "ହରିପ୍ଲାଜା" (Hotel Hari Plaza) ପ୍ରାଙ୍ଗଣରେ ତା.୨୮.୦୨.୨୦୨୪ରିଖ ଦିନ ୧୦ ଘଟିକା ଠାରୁ ନିଜର ନାମ ସମିତି ନିର୍ଦ୍ଧାରଣର ଅବିକଳ ନକଲ ସହ ପଞ୍ଜିକରଣ କରିବାକୁ ଅନୁରୋଧ କରାଗଲା। ଏହାର ପ୍ରତିଲିପି ଅନୁବନ୍ଧିତ ସମସ୍ତ ସମବାୟ ସମିତିର ସଭାପତି / ପ୍ରଶାସକମାନଙ୍କୁ ଗୋଚରାର୍ଥେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା। ଏଥିସହ ଏହା ସ୍ପଷ୍ଟ କରିଦିଆଗଲାକି, ପ୍ରତ୍ୟେକ ସମବାୟ ସମିତିରୁ ଜଣେ ମାତ୍ର ସ୍ୱୀକୃତିପ୍ରାପ୍ତ ପ୍ରତିନିଧିଙ୍କୁ ସଭାରେ ଯୋଗ ପାଇଁ ଅନୁରୋଧ କରାଗଲା।



# କଟକ ସିଟି

## ୱାର୍ଡ ୧୩ରେ ମହିଳା ବୈଠକ



କଟକ, ୧୮ ।୨(ସମିସ): ୱାର୍ଡ ନମ୍ବର-୧୩ ଅଞ୍ଚଳରେ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ କଟକ ନଗର କଂରେସ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ମହିଳାମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କାଳିଗଳିଠାରର ଅନଷ୍ଠିତ ହୋଇଯାଇଛି । ୱାର୍ଡ ପୂର୍ବତନ ସଭାପତି ସୟଦ୍ ରମଜାନ ଅଲ୍ଲୀ ସଭା ପରିଚାଳନା କରିଥିଲେ । ଏହି ୱାର୍ଡ ଅଞ୍ଚଳରେ କିପରି ସଂଗଠନକୁ ଆହୁରି ସୁଦୃଢ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଚାରୁଲତା ସାହୁ, ବିକି ଚକ୍ରବର୍ତ୍ତୀ, ସୁମିତା ରାୟ, ଜ୍ୟୋତିର୍ମୟୀ ଦାସ, ଗୀତାଞ୍ଜଳି ଦାସ, ସୁଷମା ଦେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଚାମ୍ପିଅନ



କଟକ, ୧୮।୨(ସମିସ): ଇଷ୍ଟର୍ଣ୍ଣ କଟକ କ୍ଲବ ଆନୁକୂଲ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତଃଜିଲ୍ଲା ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ୨-୧ରେ ମେରାମୁଣ୍ଡଳି ପୁରୀ କ୍ଲବ୍‌କୁ ହରାଇ ଚାମ୍ପିଅନ୍ ହୋଇଛି । କ୍ଲବ୍‌ର ସଭାପତି ସୁବାସ ଜେନା ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏଡିଏମ୍ ରୁଦ୍ରନାରାୟଣ ମହାନ୍ତି ଯୋଗ ଦେଇଥିଲେ । ଖେଳକୁ ତାରା ଖାନ୍, ଆଲୋକ ମହାନ୍ତି ପରିଚାଳନା କରିଥିଲେ । କ୍ଲବ୍‌ର ସଦସ୍ୟ ଲଲାଟେନ୍ଦୁ ଦାସ, ଗଗନ ଭଞ୍ଜ, ଶତ୍ରୁଘ୍ନ ନାୟକ, ଅରୁଣ ଦାସ, ରଞ୍ଜନ ମହାନ୍ତି, ଦିଲ୍ଲୀପ ମହାନ୍ତି, ଜଗନ୍ନାଥ ଦାସ ପ୍ରମୁଖ ସଯୋଗ କରିଥିଲେ । କ୍ଲବ୍‌ର ସମ୍ପାଦକ ସଂଗ୍ରାମ ଓଝା ଧନ୍ୟବାଦ ଦେଇଥିଲେ ।

## ଅପରାଧୀଙ୍କୁ ସାବାଡ଼୍ କରିବାକୁ ଡିସିପିଙ୍କ କଡ଼ା ପଦକ୍ଷେପ

# କାର୍ଯ୍ୟକ୍ଷମ ହେଲା 'ଷ୍ଟ୍ରିଟ୍ କ୍ରାଇମ୍ କଣ୍ଟ୍ରୋଲ୍ ୟୁନିଟ୍'

କଟକ, ୧୮ ।୨(ସମିସ)

କମିସନରେଟ୍ ପୁଲିସ ପକ୍ଷରୁ କଟକ ୟୁପିଡିରେ ଆରମ୍ଭ କରାଯାଇଛି 'ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍' । କଟକ ସହରରେ ଅପରାଧୀଙ୍କୁ ସାବାଡ଼୍ କରିବା ନିମନ୍ତେ ଡିସିପି ଡଃ କନ୍‌ୱର୍ ବିଶାଲ୍ ସିଂ ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିନିମନ୍ତେ ୨୪ଘଣ୍ଟିଆ ଟୋଲ୍ ଫ୍ରି' ନମ୍ବର ୭୯୭୮୮୯୪୪୦୫ ଜାରି କରାଯାଇଛି । କଟକ ୟୁପିଡି ଅଧୀନରେ ଆସୁଥିବା ପ୍ରତ୍ୟେକ ନାଗରିକ ଅପରାଧ ସମ୍ପର୍କିତ ଅଭିଯୋଗ କରି ପାରିବେ ବୋଲି ଏଡିସିପି ଅନିଲ୍ କୁମାର ମିଶ୍ର ସୂଚନା ଦେଇଛନ୍ତି । ପୁଲିସର ସ୍ମାର୍ଟ କଣ୍ଟ୍ରୋଲ୍ ରୁମ୍‌ରେ ଚାଲୁଥିବା ଟୋଲ୍ ଫ୍ରି' ନମ୍ବର ୧୧୨ ସହିତ ଷ୍ଟ୍ରିଟ୍ କ୍ରାଇମ୍ ପ୍ରିଭେନ୍‌ସନ୍ ଆଣ୍ଡ ଡିଟେକସନ୍ ୟୁନିଟ୍'ର ଟୋଲ୍ ଫ୍ରି' ନମ୍ବର କାର୍ଯ୍ୟକ୍ଷମ ହେବ । କଟକ ସହରରେ ଦିନକୁ ଦିନ ଚୋରି, ଡକାୟତି, ଛିନ୍‌ତାଇ ଓ ମଦ୍ୟପଙ୍କ ଉତ୍ପାତ ବଢୁଥିବାବେଳେ ଏଥିରେ ରୋକ୍ ଲଗାଇବା ପାଇଁ ଡିସିପି ଶ୍ରୀ ସିଂ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି । ତେବେ ପୁଲିସ କୌଣସି ଅଭିଯୋଗ ପାଇବା ପରେ ୧୫ମିନିଟ୍ ଭିତରେ ଅଭିଯୋଗକାରୀଙ୍କ ସହିତ ଯୋଗାଯୋଗ କରିବ । ଏହାର ୨୪ଘଣ୍ଟା ଭିତରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏଥି ସହିତ କାହା ସାମ୍ନାରେ ଯଦି କୌଣସି ଅପରାଧ ଘଟୁଛି, ସେ ତୁରନ୍ତ ଉପରୋକ୍ତ ଟୋଲ୍ ଫ୍ରି'ରେ ପୁଲିସକୁ ଅଭିଯୋଗ କରିପାରିବ । ସମ୍ପୃକ୍ତ ଅଭିଯୋଗକାରୀଙ୍କ ନାମ ଗୋପନ ରଖାଯିବ ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗଠନ କରାଯାଇଥିବା ୟୁନିଟ୍‌କୁ ଏଡିସିପି(କ୍ରାଇମ୍) ପରିଚାଳନା କରିବେ । ଡିସିପି ଶ୍ରୀ ସିଂ ପ୍ରତ୍ୟେକ ଦିନ ଆସିଥିବା ଅଭିଯୋଗକୁ




- ଅଭିଯୋଗର ୧୫ମିନିଟ୍‌ରେ ପୁଲିସ କରିବ ଯୋଗାଯୋଗ
- ୨୪ଘଣ୍ଟା ଭିତରେ ନେବ କାର୍ଯ୍ୟାନୁଷ୍ଠାନ
- କଟକ ୟୁପିଡି ପକ୍ଷରୁ ସ୍ୱତନ୍ତ୍ର ଟୋଲ୍ ଫ୍ରି'ନମ୍ବର
- ଅଭିଯୋଗକାରୀଙ୍କ ନାମ ଗୋପନ ରଖିବ ପୁଲିସ

ତଦାରଖ କରିବେ । ଯଦି କୌଣସି ପୁଲିସ ଅଧିକାରୀ ନିଜ ଡ୍ୟୁଟିରେ ଅବହେଳା କରନ୍ତି, ତେବେ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିସିପି ଶ୍ରୀ ମିଶ୍ର କହିଛନ୍ତି । ରାସ୍ତା କଡ଼ଠାରୁ ଆରମ୍ଭ କରି ସହରର ଗଳିକନ୍ଦିରେ ପ୍ରତ୍ୟେକ ଦିନ ବିଭିନ୍ନ ଅପରାଧ ଘଟୁଛି । ଅଭିଯୋଗକାରୀମାନେ ଥାନାକୁ ଆସି ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । କିନ୍ତୁ ଏହି ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବା ସହିତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ । ମୁଖ୍ୟତଃ ସହରରେ ବ୍ରାଉନସୁଗର, ଗଞ୍ଜେଇ ଓ ଚୋରା ମଦ କାରବାର ହେଉଛି । ବିଳମ୍ବିତ ରାତିରେ ହେଉ କି ଦିନରେ ସର୍ବସାଧାରଣରେ କେତେକ ଲୋକ ମଦ୍ୟପାନ କରୁଛନ୍ତି । ସାଧାରଣ ସହରବାସୀ ଏହାକୁ ନେଇ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ସମୟରେ ବରିଷ୍ଠ ନାଗରିକମାନେ ଏହାକୁ ନେଇ ବିପଦରେ ପଡୁଛନ୍ତି । ପୁଲିସର ଏହି ପଦକ୍ଷେପ ଯୋଗୁଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏ ସମ୍ପର୍କରେ ୟୁନିଟ୍ ଦାୟିତ୍ୱରେ ଥିବା ଏଡିସିପି ଶ୍ରୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସହରର ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରିବା ପୁଲିସର ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ । ଏଣୁ ସାମ୍ପ୍ରତିକ ପରିସ୍ଥିତିରେ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପୁଲିସ କାର୍ଯ୍ୟ କରୁଛି । ଡିସିପି ଶ୍ରୀ ସିଂଙ୍କ ନିର୍ଦ୍ଦେଶରେ ଆଜିଠାରୁ ଏହି ୟୁନିଟ୍ କାର୍ଯ୍ୟକ୍ଷମ ହେଉଛି ବୋଲି ସେ କହିଛନ୍ତି ।

ପ୍ରକାଶ ଥାଉ କି, ଦୋଳମୁଣ୍ଡାଇ ଅଞ୍ଚଳରେ ଶୁକ୍ରବାର ରାତିରେ ଜଣେ ମହିଳା ଛିନ୍‌ତାଇର ଶିକାର ହୋଇଥିଲେ । ପିଠାପୁର ଅଞ୍ଚଳର ମହିଳା ଜଣକ ସନ୍ଧ୍ୟାରେ କିଛି କିଣାକିଣି କରିବା ଲାଗି ଦୋଳମୁଣ୍ଡାଇ ଅଞ୍ଚଳକୁ ଆସିଥିଲେ । ରାତି ପ୍ରାୟ ୮ ଟାରେ ସେ ଚାଲିଚାଲି ଘରକୁ ଫେରୁଥିଲେ । ଏହି ସମୟରେ ଦୋଳମୁଣ୍ଡାଇ ଛକ ନିକଟରେ ହଠାତ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେ ପିନ୍ଧିଥିବା ସୁନାହାରକୁ ଛିଣ୍ଡାଇ ନେଇଥିଲେ । ଏ ନେଇ ପୁରୀଘାଟ ଥାନାରେ ଅଭିଯୋଗ ପରେ ପୁଲିସ ସିସିଟିଭି ଯାଞ୍ଚ କରି ଅଭିଯୁକ୍ତ ଦ୍ୱୟଙ୍କୁ ଚିହ୍ନଟ କରିଥିଲା । ତଦନ୍ତକ୍ରମେ ଶନିବାର ଏକ ପୁଲିସ ଟିମ୍ ଯାଜପୁର ଯାଇ ସେଠାରୁ ଦୁଇ ଲୁଟେରାଙ୍କୁ ଗିରଫ କରିଥିଲା । ଏହି ଘଟଣା ଓ ଏହା ପୂର୍ବରୁ ହୋଇଥିବା ବିଭିନ୍ନ ଲୁଟ୍, ଛିନତାଇ, ନକଲି ପୁଲିସ ଓ ନିଶା କାରବାରକୁ ସମୀକ୍ଷା କରି ଡିସିପି ଶ୍ରୀ ସିଂ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ।

## କିଶୋରୀଚରଣ ଶତବାର୍ଷିକୀ ପୁରସ୍କାର ଉତ୍ସବ

କଟକ, ୧୮ ।୨(ସମିସ)

କିଶୋରୀଚରଣ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ କଥାକାର ଦେବବ୍ରତ ମଦନରାୟଙ୍କୁ କିଶୋରୀଚରଣ ଶତବାର୍ଷିକୀ ପୁରସ୍କାର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । କଥାକାର ମଦନରାୟ 'ଆଲୁଅର ଛାଇ', 'ସୂର୍ଯ୍ୟର ଅନେକ ରଙ୍ଗ', 'ଦୁଃଖ ଅରଣ୍ୟ', 'କହ୍ନେଇର ବଂଶୀ', 'ଦୃଶ୍ୟ, 'ସ୍ୱର୍ଗାରୋହଣ' ଭଳି ୨୩ଖଣ୍ଡ ଗଳ୍ପ ସଂକଳନ ଓ 'କ୍ରୁଶବିଦ୍ଧ' ଏବଂ 'ନିର୍ବାଣ' ପରି ଉପନ୍ୟାସ ରଚନା କରି ଓଡ଼ିଆ କଥାସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସେ ଦୀର୍ଘ ଚାରି ଦଶନ୍ଧି ଧରି ଗଳ୍ପ-ଉପନ୍ୟାସ ରଚନା କରିବା ସହିତ 'ନବଲିପି' ଭଳି ପତ୍ରିକା ସମ୍ପାଦନା କରିଆସୁଛନ୍ତି । କିଶୋରୀଚରଣ ଦାସଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ପାଳନ ଅବସରରେ ମଦନ ରାୟଙ୍କୁ ପୁରସ୍କାର ସ୍ୱରୂପ ପଚିଶ ହଜାର ଟଙ୍କା, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ । ଏହି ଶତାବ୍ଦୀ ସମାରୋହରେ ମଧ୍ୟ 'ଚେନାଏ ସଫେଦ ଆକାଶ' ଗଳ୍ପ ପୁସ୍ତକ ପାଇଁ ଯୁବ କଥାଶିଳ୍ପୀ ସ୍ନେହଲତା ଦାସଲେଙ୍କା, 'ଖଙ୍ଗାର' ଗଳ୍ପ ପୁସ୍ତକ ପାଇଁ 'ସୁଧୀର କୁମାର ଧାଙ୍ଗଡ଼ାମାଝୀ ଓ 'ପିନ୍‌କୋଡ୍' ଗଳ୍ପ ପୁସ୍ତକ ପାଇଁ ଯୋଗେଶ୍ୱର ପଣ୍ଡାଙ୍କୁ କିଶୋରୀଚରଣ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ଟଙ୍କା, ମାନପତ୍ର ଓ ଉପଢ଼ୌକନ ଦିଆଯିବ । ଆସନ୍ତା ମାର୍ଚ୍ଚ ୧ ତାରିଖ ସଂଧ୍ୟାରେ, ଶତାବ୍ଦୀ ଭବନ କଟକଠାରେ ଅନୁଷ୍ଠିତ ହେବାକୁ ଥିବା କିଶୋରୀଚରଣ ଜନ୍ମ ଶତବାର୍ଷିକ ସମାରୋହରେ ଶ୍ରୀ ମଦନରାୟ ଓ ଉପରୋକ୍ତ ତିନି ଯୁବ କଥାଶିଳ୍ପୀଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ମୃତି ସଂସଦର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ଜଣାଇଛନ୍ତି ।



## ୱାର୍ଡ ସମସ୍ୟା ନେଇ ମେୟରଙ୍କ ଆଲୋଚନା



କଟକ, ୧୮ ।୨(ସମିସ)

ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧୫ର ବିଭିନ୍ନ ସମସ୍ୟା ବିଷୟରେ ମେୟର ସୁବାସ ସିଂ ଆଲୋଚନା କରିଛନ୍ତି । ମେୟରଙ୍କ ଗଡ଼ଖାଇସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ୱାର୍ଡର ଯୁବବର୍ଗ, ଖେଳାଳି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ସଭ୍ୟାଙ୍କ ସହ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ସଭାରେ ଗୁରୁତ୍ୱ ଦିଆଯାଇଥିଲା । ରାଜ୍ୟ ସରକାରଙ୍କର ଯୁବବର୍ଗ, ଖେଳାଳି ଓ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ କାର୍ଯ୍ୟକ୍ଷମ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ମେୟର ଶ୍ରୀ ସିଂ ସମସ୍ତଙ୍କୁ ଅବଗତ କରାଇଥିଲେ । କଟକ ସହରର ଯୁବ ଗୋଷ୍ଠୀ କିପରି ଆତ୍ମ ନିର୍ଭରଶୀଳ ଓ ଦକ୍ଷ ହୋଇ ପାରିବ, ଖେଳାଳିମାନେ କିପରି ନିଜର ଦକ୍ଷତା ବୃଦ୍ଧି କରି ଜିଲ୍ଲାସ୍ତରୀୟ, ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବେ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା ।

ମେୟର ଉପସ୍ଥିତ ସମସ୍ତ ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ । ଏହି ସଭାରେ କର୍ପୋରେଟର ପୁଷ୍ପିତ ମହାନ୍ତି ସୌମେନ୍ଦ୍ର କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ଜଟାଧାରୀ ଶତପଥି, ରଘୁନାଥ ପଣ୍ଡା, କାର୍ତ୍ତିକ ଦାସ, ସେକ ଜାଭେଦ, ସାବିତ୍ରୀ ବେହେରା, ନମିତା ମାଝୀ, ବୈଜୟନ୍ତୀ ମହାନ୍ତି, ଶତ୍ରୁଘନ ବିଶାଳ, ନୃସିଂହ ସାହୁ, ତସଲିମ ବିବି ଜଗନ୍ନାଥ ସ୍ୱାଇଁ, ସକିଲ ଅଖତାର, ଜନ ଆଶିଷ ବରାଳ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ବିନୋଦ ପଣ୍ଡା, ସାକିଲ ଅକତର, ସୟିଦ ଶେଖାୱତ୍ ଅଲି, ମିହିର ରଞ୍ଜନ ସାହୁ, ଲୋକନାଥ ସାହୁ, ଅବିନାଶ ମଲ୍ଲ, ପ୍ରମୁଖ୍ୟ ଉପସ୍ଥିତ ଥିଲେ ।

## ଚିତ୍ରାଙ୍କନ ପ୍ରଦର୍ଶନୀ ଓ ପୁରସ୍କାର ବିତରଣ ଉତ୍ସବ

କଟକ, ୧୮ ।୨(ସମିସ): ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ଚିତ୍ରାଙ୍କନ ପ୍ରଦର୍ଶନୀ ଓ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଜାନୁଆରୀ ୧୪ ମକର ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ 'ଗୁଡ଼ିରେ ଗୁଡ଼ି ଯାରେ ଉଡି' ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ର ଓ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ନିରାମୟ ଉପଦେଷ୍ଟା ଡଃ ରଞ୍ଜନ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ମହାନଗର ନିଗମ ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ପାର୍କ ଓ ପ୍ଲାଣ୍ଟେସନ୍ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ସୁମିତ୍ରା ବସ୍ତିଆ ଶିଳ୍ପୀ ପ୍ରମିତା ମଙ୍ଗରାଜ ଓ ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ଯୋଗ ଦେଇଥିଲେ । ଧର୍ମପଦ ସମ୍ମାନ ପ୍ରାପ୍ତ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିଳ୍ପୀ ଯଶସ୍ୱୀ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ୬୦ଜଣ କୃତି ଶିଳ୍ପୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିକ୍ରମ ଛାଟୋଇ ଧନ୍ୟବାଦ ଦେଇଥିଲେ । ଏଥିରେ ମନୋଜ କୁମାର ସାହୁ, ଅଭିଜିତ ସ୍ୱାଇଁ, ସୌମ୍ୟ ରଞ୍ଜନ ପ୍ରଧାନ, ଅଞ୍ଜଳି ସାହୁ ଓ ବିଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

■ ଏସ୍‌ସିବି ଶବ ସଂରକ୍ଷଣ ଗୃହରେ ଅଭାବନୀୟ ଦୃଶ୍ୟ

## ଫ୍ରିଜର ଅଭାବ; ତଳେ ପଡ଼ିରହୁଛି ଶବ

କଟକ, ୧୮ ।୨(ସମିସ): ଏସ୍‌ସିବି ମେଡିକାଲ ଶବ ସଂରକ୍ଷଣ ଗୃହରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଆବଶ୍ୟକୀୟ ପରିମାଣର ଫ୍ରିଜର ଏଠାରେ ମହଜୁଦ ନଥିବା ଯୋଗୁଁ ମୃତଦେହ ଘଣ୍ଟା ଘଣ୍ଟା ଧରି ଚଟାଣରେ ପଡ଼ି ରହୁଛି । କିଛି ସମୟ ପଡ଼ି ରହିବା ପରେ ସେଠାରେ ଦୁର୍ଗନ୍ଧ ସୃଷ୍ଟି ହେଉଛି । ଏହାକୁ ନେଇ ବଡ ମେଡିକାଲରେ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଉପୁଜୁଛି । ମେଡିକାଲର ଜନୈକ ଡାକ୍ତରଙ୍କ କହିବା ମୁତାବକ, ଏହି ସମସ୍ୟା ଖୁବଶୀଘ୍ର ଦୂର ହେବ । ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଏଥି ନିମନ୍ତେ ସ୍ୱତନ୍ତ୍ର ଯୋଜନା ରଖାଯାଇଛି । ୫୦ରୁ ଅଧିକ ମୃତଦେହ କିପରି ଏକ ସଙ୍ଗରେ ସଂରକ୍ଷଣ ହୋଇ ପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ପ୍ରକାଶ ଯୋଗ୍ୟ, ଏସ୍‌ସିବି ଶବ ସଂରକ୍ଷଣ ଗୃହରେ ୪ଟି ଫ୍ରିଜର ରହିଛି । ୨୦୧୬ ମସିହାରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା । କେବଳ ନନ-ଏମଏଲସି(ମେଡିକୋ ଲିଗାଲ କେସ୍) ମୃତଦେହ ଗୁଡିକ ଏଠାରେ ସଂରକ୍ଷିତ ରଖିବା ଦିଗରେ ଗୁରୁତ୍ୱ ଦିଆଯାଉଛି । ତେବେ ପର୍ଯ୍ୟାପ୍ତ ଫ୍ରିଜର ବ୍ୟବସ୍ଥା ନଥିବା ହେତୁ ମୃତଦେହ ସଠିକ ଭାବେ ସଂରକ୍ଷିତ ହୋଇ ନପାରି ଚଟାଣରେ ପକାଇ ରଖାଯାଉଛି ।




## ଗୋବିନ୍ଦପୁରକୁ ଲକ୍ଷ୍ମୀ ବସ୍ ଚଳାଚଳ ଦାବି

କଟକ, ୧୮ ।୨(ସମିସ): ରାଜ୍ୟରେ ଗମନାଗମନ ସେବାକୁ ସେବାକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର । ଗ୍ରାମାଞ୍ଚଳ ସହିତ ବ୍ଲକକୁ ସଂଯୋଗ କରିବା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ କରିଛନ୍ତି । କଟକ ଜିଲ୍ଲାରେ ସୋମବାର ଠାରୁ ଏହି ବସ୍ ସେବା ଆରମ୍ଭ ହେବ । ତେବେ ଗୋବିନ୍ଦପୁରକୁ ବସ୍ ଚଳାଇବାକୁ ଦାବି ହୋଇଛି । ପୂର୍ବରୁ ଗୋବିନ୍ଦପୁର ତଥା ବର୍ତ୍ତମାନର ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାଇଲେ ଗୋବିନ୍ଦପୁର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ଏଠାକୁ ବସ୍‌ସେବା ଦୀର୍ଘଦିନ ହେବ ବନ୍ଦ ରହିଛି । ଉକ୍ତ ଘରୋଇ ବସ୍ କଟକରୁ ତ୍ରିନାଥବଜାର ଭାୟା ଗୋବିନ୍ଦପୁରକୁ ଯାତାୟାତ କରୁଥିଲା । ଏବେ ତାହା ବନ୍ଦ ରହିଥିବାରୁ ହଜାରହଜାର ଲୋକ ତଥା ଛାତ୍ରଛାତ୍ରୀ ଯାତାୟତରେ ନାନାବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଣୁ କଟକରୁ ଗୋବିନ୍ଦପୁର ଭାୟା ତ୍ରିନାଥବଜାର ଏବଂ କଟକରୁ ଗୋବିନ୍ଦପୁର ଭାୟା ଖଲର୍ଦ୍ଧାକୁ ଦୁଇଟି ରୁଟ୍‌ରେ ବସ୍ ଚଳାଚଳ ଲାଗି ବିଶିଷ୍ଟ ସମାଜସେବୀ ଅଶୋକ କାନୁନ୍‌ଗୋ, ବିଧାନଚରଣ ଦାସ, ବାମଦେବ ମହାନ୍ତି, ଅଜୟ ମହାନ୍ତି, ସୁବ୍ରତ ମହାନ୍ତି, ବିମାନ ବେହେରା, ଅରୁଣ କୁମାର ମହାନ୍ତି ପ୍ରମୁଖ ଦାବି କରିଛନ୍ତି ।

## ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ପଦାଧିକାରୀଙ୍କ ବୈଠକ

କଟକ, ୧୮ ।୨(ସମିସ): କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ପଦାଧିକାରୀମାନଙ୍କ ଏକ ଜରୁରୀ ବୈଠକ ବେପାରୀସାହିସ୍ଥିତ ସର୍ବାଧିକାରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବମହନ୍ତ ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ । ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖ ପବିତ୍ର ଫଗୁଦଶମୀ ତିଥିରେ ଅନନ୍ତ ବାସୁଦେବଜୀଉ ନଦୀୟା ସଂକୀର୍ତ୍ତନମଣ୍ଡଳୀର ନିମନ୍ତ୍ରଣକ୍ରମେ ଅଲିଶାବଜାରଠାରେ ଆୟୋଜିତ ହେବାକୁ ଯାଉଥିବା 'ଦଶମୀ ନଦୀୟା ଦୋଳ ମେଳଣ'କୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରତ୍ୟେକ ସଂକୀର୍ତ୍ତନ ମଣ୍ଡଳୀରୁ ଜଣେ ଲେଖାଏଁ ପଦାଧିକାରୀଙ୍କୁ ମନୋନୀତ କରି ନୂତନ କାର୍ଯ୍ୟକାରୀ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଏହି କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ ଆସନ୍ତା ୨୨ ତାରିଖରେ ଦରଘାବଜାରସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା । ଆଜିର ବୈଠକରେ ସର୍ବାଧିକାରୀ ଜଗଜୀବନ ପ୍ରସାଦ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ, ପଦାଧିକାରୀ କରୁଣାକର ବେହେରା, ସନ୍ତୋଷକୁମାର ସାହୁ, ସୁଦୀପ୍ତକୁମାର ସ୍ୱାଇଁ ଓ ରଘୁନାଥପ୍ରସାଦ ଭଗତଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଯୋଜନାରେ ଅଟକିଛି ଦ୍ୱିତୀୟ 'ଆହାର କେନ୍ଦ୍ର'

କଟକ, ୧୮ ।୨(ସମିସ)

**ବଡ଼ ମେଡିକାଲ**

- ଜାଗା ଚିହ୍ନଟ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଯାଇଛି ଚିଠି
- ଏସ୍‌ସିବି କର୍ତ୍ତୃପକ୍ଷ ଓ ସିଏମସି ପକ୍ଷରୁ ସରିଛି ଜାଗା ଚିହ୍ନଟ

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲିବା ନିମନ୍ତେ ଯୋଜନା ହୋଇଥିଲା । ଏକ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ । ଫଳସ୍ୱରୂପ ଏଠାରେ ରୋଗୀ ସମ୍ପର୍କୀୟ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏସ୍‌ସିବି ମେଡିକାଲ ଏବଂ କଟକ ମହାନଗର ନିଗମ କର୍ତ୍ତୃପକ୍ଷ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲିବା ନେଇ ଯୋଜନା ଚୂଡାନ୍ତ କରିଥିଲେ ସୁଦ୍ଧା କାହିଁକି ଖୋଲାଯାଇ ପାରୁନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏସ୍‌ସିବି ମେଡ଼ିକାଲରେ ଶଯ୍ୟା ସଂଖ୍ୟା ପ୍ରାୟ ୨୧୦୦ । ଏହାବାଦ୍ କିଛି ନିର୍ଦ୍ଦିଷ୍ଟ ୱାର୍ଡରେ ଅନେକ ରୋଗୀ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି । ଏଣୁ ପ୍ରତ୍ୟେକ ଦିନ ପ୍ରାୟ ୨୪୦୦ ରୋଗୀଙ୍କ ନିମନ୍ତେ ମେଡ଼ିକାଲ କର୍ତ୍ତୃପକ୍ଷ ଶୁଖିଲା ଏବଂ ରନ୍ଧାଖାଦ୍ୟ ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆହାର କେନ୍ଦ୍ର ଉପରେ ଭରସା କରୁଛନ୍ତି ରୋଗୀଙ୍କ ସମ୍ପର୍କୀୟ । ହେଲେ ଆହାର କେନ୍ଦ୍ରକୁ ଯେତିକି ଖାଦ୍ୟ ଆସୁଛି, ତାହା ଯଥେଷ୍ଟ ନୁହେଁ । ଅନେକ ରୋଗୀ ସମ୍ପର୍କୀୟଙ୍କୁ ଆହାର କେନ୍ଦ୍ରରୁ ନିରାଶ ହୋଇ ଫେରିବାକୁ ପଡୁଛି । ଏପରିକି କେନ୍ଦ୍ର ଖୋଲିବାର ଦୁଇ ଘଣ୍ଟା ଆଗରୁ ଲୋକେ ଧାଡ଼ିରେ ଛିଡ଼ା ହେଉଛନ୍ତି । ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତିର ପୂର୍ବତନ ଅଧ୍ୟକ୍ଷ ନିଖିଳ ପୱନ କଲ୍ୟାଣ ପୂର୍ବରୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ଆହାର କେନ୍ଦ୍ର ଖୋଲାଯିବା ନେଇ ପଦକ୍ଷେପ ଆରମ୍ଭ ହୋଇଥିଲା । ଗୋଟିଏ ଆହାର କେନ୍ଦ୍ରରେ ମାତ୍ରାଧିକ ଭିଡ଼ ଯୋଗୁଁ ଯେଉଁ ସମସ୍ୟା ହେଉଥିଲା, ତାହା ଦୂର କରିବା ପାଇଁ ଯୋଜନା ହୋଇଥିଲା । ଏପରିକି ଦ୍ୱିତୀୟ କେନ୍ଦ୍ର ଖୋଲାଯିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଚିଠି ଲେଖାଯାଇଥିଲା । ଅନ୍ୟପକ୍ଷରେ ଦ୍ୱିତୀୟ କେନ୍ଦ୍ର ଖୋଲାଯିବା ନେଇ ମେଡିକାଲ ପରିସରସ୍ଥ ରାଣୀହାଟ ପାର୍ଶ୍ୱରେ ଜାଗା ଚିହ୍ନଟ ଶେଷ ହୋଇଥିଲା । ମାତ୍ର ଏ ସବୁ ଯୋଜନା ସୀମିତ ହୋଇ ରହିଯାଇଛି ।

ମିଳିଥିବା ସୂଚନା ଅନୁସାରେ, ଦିନକୁ ଦୁଇଥର ଏସ୍‌ସିବି ପରିସରସ୍ଥ ଆହାର କେନ୍ଦ୍ର ଖୋଲୁଛି । ଦିନ ସମୟରେ ପ୍ରାୟ ୧୩୦୦ ଲୋକଙ୍କ ପାଇଁ ଖାଦ୍ୟ ଆସୁଥିବା ବେଳେ ରାତି ସମୟରେ ୮୦୦ ଲୋକେ ଖାଉଛନ୍ତି । ଏଠାରେ ରୋଗୀ ସମ୍ପର୍କୀୟଙ୍କ ସଂଖ୍ୟା ୩ହଜାରରୁ ଅଧିକ । ଏଣୁ ଆହାର କେନ୍ଦ୍ରରେ ଖାଦ୍ୟ ନିଅଣ୍ଟ ପଡୁଥିବାରୁ ଅନେକ ରୋଗୀ ସମ୍ପର୍କୀୟ ହଇରାଣରେ ପଡୁଛନ୍ତି । ରାଣୀହାଟ, ମଙ୍ଗଳାବାଗ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ କିମ୍ବା ଉଠା ଦୋକାନରେ ଭିଡ଼ ଲଗାଉଛନ୍ତି । ହେଲେ ଏହି ସବୁ ସ୍ଥାନରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ହୁଏ । ଏହି ସବୁ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଆହାର କେନ୍ଦ୍ରରେ ଖାଦ୍ୟ ଥାଳି ସଂଖ୍ୟା ବଢ଼ାଯିବାକୁ ପ୍ରଥମେ ସିଏମସି ପକ୍ଷରୁ ଯୋଜନା ହୋଇଥିଲା । ଯେତିକି ଖାଦ୍ୟ ଆସୁଛି ତାହା ଠାରୁ ଅଧିକ ଖାଦ୍ୟ ଆଣିବାକୁ ଆଲୋଚନା କରାଯାଇଥିଲା । ହେଲେ କେନ୍ଦ୍ରରେ ଲାଗି ରହୁଥିବା ଭିଡକୁ ହଟାଇବା ଉଦ୍ଦେଶ୍ୟରେ ଦ୍ୱିତୀୟ ଆହାର କେନ୍ଦ୍ର ଖୋଲିବା ଦିଗରେ ଏବେ ନିଷ୍ପତ୍ତି ନିଆଯାଇଛି । ଦ୍ୱିତୀୟ ଆହାର କେନ୍ଦ୍ରରେ ପ୍ରାୟ ୫୦୦ ଲୋକଙ୍କ ନିମନ୍ତେ ଖାଦ୍ୟ ମହଜୁଦ ରହିବ ।

# ମା’ ପ୍ରଗଳା ପୀଠରେ ୫କୋଟିର ପ୍ରକଳ୍ପ ଲୋକାର୍ପିତ

ନରସିଂହପୁର,୧୮ ।୨(ସମିସ)

ନରସିଂହପୁରର ଆରାଧ୍ୟ ଦେବୀ ମା’ ପ୍ରଗଳାଙ୍କ ପୀଠ ତଥା ପର୍ଯ୍ୟଟନ କ୍ଷେତ୍ରର ପ୍ରଥମ ପର୍ଯ୍ୟାୟ ଉନ୍ନତିକରଣ କାର୍ଯ୍ୟ ଲୋକାର୍ପିତ ହୋଇଛି । ଏଥିସହ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟର ଶୁଭାରମ୍ଭ ହୋଇଛି । ମାଘ ସପ୍ତମୀ ଅବସରରେ ମା’ ପ୍ରଗଳା ପୀଠରେ ମେଳା ଅନୁଷ୍ଠିତ ହେଉଛି । ଏ ନେଇ ଅଞ୍ଚଳବାସୀଙ୍କୁ ଏହି ପ୍ରକଳ୍ପ ଭେଟି ଦେଇଛନ୍ତି ବିଧାୟକ । ମନ୍ଦିର ଚତୁଃପାଶ୍ୱର୍ରେ ୧୦୮ ପାଶ୍ୱର୍ମନ୍ଦିର, ଦଶ ମହାବିଦ୍ୟା ଆଦି ସୁସଜ୍ଜିତ ହୋଇଛି । ମା’ ପ୍ରଗଳାଙ୍କ ପ୍ରାଚୀନ ମନ୍ଦିରଟି ଆଜବେଷ୍ଟସ୍ ଘରେ ଥିଲା । ପ୍ରାୟ ୨୫ ବର୍ଷ ହେବ ଠାକୁରାଣୀ ଗଛମୂଳେ ଥିବା ବେଳେ ଦୁଇ ବର୍ଷ ହେବ ଏକ ଛୋଟ ମନ୍ଦିରକୁ ସ୍ଥାନାନ୍ତର କରାଯାଇ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ






ଆରମ୍ଭ ହୋଇଥିଲା । ହିମାଚଳ ପ୍ରଦେଶର ହିଡ଼ିମ୍ବେଶ୍ୱରୀ ମନ୍ଦିର ଶୈଳୀରେ ଏହା ନିର୍ମାଣ ହୋଇଛି । ରବିବାର ସନ୍ଧ୍ୟା ୬ଟାରେ ମୁଖ୍ୟ ଅତିଥି ପ୍ରଫୁଲ୍ଲ କୁମାର ମଲ୍ଲିକ, ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ସସ୍ମିତା ଜେନା, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ସୁବାସିନୀ ସାହୁ, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସନ୍ତୋଷ ଭୋଇ ସଭା ପରିଚାଳନା କରିଥିଲେ ।

## ଏସ୍.ଏସ୍ ଗାଇଡ୍‌ଲାଇନ୍ସର ସଫଳତା

**କଟକ,୧୮ ।୨(ସମିସ):** ସର୍ବଭାରତୀୟ ଇଞ୍ଜିନିୟରିଂ ପାଠ୍ୟକ୍ରମର ପ୍ରବେଶିକା ପରୀକ୍ଷା ଜେଇଇ ମେନ୍‌ର ପ୍ରଥମ ପତ୍ର ଫଳ ପ୍ରକାଶ ପାଇଛି । ଗଣିତରେ ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ତଥା ପିଠାପୁର ମୁନଲାଇଟ ସ୍ଥିତ ଏସ୍‌ଏସ୍ ଗାଇଡଲାଇନ୍ସ ଫର ମ୍ୟାଥମେଟିକ୍ସର ଛାତ୍ରଛାତ୍ରୀମାନେ ବେଶ ସଫଳ ହୋଇଛନ୍ତି । ସମସ୍ତ ଛାତ୍ରଛାତ୍ରୀଙ୍କୁ ୯୦ପ୍ରତିଶତରୁ ଅଧିକ ମାର୍କ ମିଳିଥିବା ବେଳେ ଆଗାମୀ ପତ୍ରରେ ଆହୁରି ଭଲ ମାର୍କ ରହିବ ବୋଲି ପ୍ରଶିକ୍ଷକ ଡଃ ଶୁଭେନ୍ଦୁ ସ୍ୱାଇଁ ଜଣାଇଛନ୍ତି ।

## ମଦ ଜବତ, ଜଣେ ଗିରଫ

**ସାଲେପୁର,୧୮ ।୨(ସମିସ):** ଦେଶୀ ମଦ ବିକ୍ରି କରୁଥିବାବେଳେ ସାଲେପୁର ପୁଲିସ ଚଢ଼ଉ କରି ୨୫ବୋତଲ ମଦ ଜବତ କରିଛି । ଏଥିସହ ଜଣକୁ ଗିରଫ କରିଥିବା ଜଣାଯାଇଛି । ସାଲେପୁର ଥାନା ଅନ୍ତର୍ଗତ ମନୋହରପୁର ବଜାରରେ ଆଜି ସନ୍ଧ୍ୟାରେ ପିକୋଳ ଗ୍ରାମର ସାରଙ୍ଗ ଚାନ୍ଦ ଚୋରା ଦେଶୀମଦ ବିକ୍ରି କରୁଥିବାବେଳେ ସାଲେପୁର ପିସିଆର୍ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲା । ପୁଲିସ ସାରଙ୍ଗ ଚାନ୍ଦକୁ ଗିରଫ କରିବା ସହ ୮୫/୨୦୨୪ରେ ଏକ ମାମଲା ରୁଜୁ କରି ୨୫ବୋତଲ ଦେଶୀ ମଦ ଜବତ କରିଥିବା ଜଣାଯାଇଛି ।

## ‘ମାଟିର ମହକ’ ଲୋକାର୍ପିତ



**ନିଶ୍ଚିନ୍ତକୋଇଲି,୧୮ ।୨(ସମିସ):** ଶିକ୍ଷାବିତ୍ କବି ଶ୍ୟାମସୁନ୍ଦର ଲେଙ୍କାଙ୍କ ସପ୍ତମ ସଂକଳନ ‘ମାଟିର ମହକ’ ପୁସ୍ତକକୁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଲୋକାର୍ପଣ କରିଛନ୍ତି । ରାମକୃଷ୍ଣପୁର ସପ୍ତଯୋଡ଼ି ପଡ଼ିଆଠାରେ ପ୍ରାକ୍ତନ ବିଇଓ ଲକ୍ଷ୍ମଣ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବିଡିଓ ଧର୍ମରଞ୍ଜନ ପଣ୍ଡା, ସମାଜସେବୀ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ । ପ୍ରାଧ୍ୟାପକ ଡଃ ନିଖିଳେଶ ମହାନ୍ତିଙ୍କ ସଂଯୋଜନାରେ ଅଧ୍ୟାପକ ଡଃ ବିଜୟ କୁମାର ରାଉତ ଏହି ପୁସ୍ତକଟିକୁ ପ୍ରକାଶିତ କରିଛନ୍ତି । ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ଠାରୁ ଆରମ୍ଭ କରି ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପର୍ଯ୍ୟନ୍ତ ବରପୁତ୍ରଙ୍କର ବହୁ ଆଦର୍ଶ ଓ ହିତବାଣୀ ସମାଜ ପାଇଁ ଉପଯୋଗୀ ହେବ ବୋଲି ବହୁ ବକ୍ତା ମତ ଦେଇଥିଲେ ।

## ସାମୁହିକ ସୂର୍ଯ୍ୟନମସ୍କାର



**କଟକ,୧୮ ।୨(ସମିସ):** କଟକ ଜିଲ୍ଲା କ୍ରୀଡ଼ା ଭାରତୀ ତରଫରୁ କାଜିବଜାରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମାଘ ସପ୍ତମୀ (ରଥ ସପ୍ତମୀ) ସପ୍ତାହ ପାଳନ ଉପଲକ୍ଷେ ଏକ ସାମୁହିକ ସୂର୍ଯ୍ୟନମସ୍କାର ଓ ଯୋଗସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଚ୍ଚକୋଟୀର ସୂର୍ଯ୍ୟନମସ୍କାର ଓ ଯୋଗସନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଭାରତୀ ଓଡ଼ିଶା ପୂର୍ବପ୍ରାନ୍ତ ଅଧ୍ୟକ୍ଷ ଡଃ ଅଶୋକ କୁମାର ନାୟକ, କଟକ ଶାଖା କ୍ରୀଡ଼ା ଭାରତୀ ଅଧ୍ୟକ୍ଷ ବନମାଳୀ ବିଶୋଇ, ସହ ସମ୍ପାଦିକା ଅଞ୍ଜଳି ଦାସ,ସୌଦାମିନୀ ଗୋଛାୟତ, ଅଜୟ ସାହୁ, ସଏଦ ରେହେମନ୍, ମୋଜେସ ବେହେରା, ସୌଭାଗ୍ୟ ପଟ୍ଟନାୟକ, ଲିଙ୍ଗରାଜ ପୃଷ୍ଟି ଓ ଅନ୍ୟାନ୍ୟ କର୍ମକର୍ତ୍ତା ତଥା ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

## ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ



**ସାଲେପୁର,୧୮ ।୨(ସମିସ):** ବିଶିଷ୍ଟ ଶିକ୍ଷାବିତ୍ କାର୍ତ୍ତିକ ଚରଣ ସେଠୀଙ୍କ ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ପରୋପକାରୀ ଛାତ୍ରବତ୍ସଳ ଶିକ୍ଷକ ଥିଲେ । ସେ ରାଇସୁଙ୍ଗୁଡ଼ା ଏକ୍ରାମ ରସୁଲ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ବାର୍ଦ୍ଧକ୍ୟ ଜନିତ କାରଣରୁ ସେ ଅସୁସ୍ଥ ଥିଲାବେଳେ ତାଙ୍କର ପରଲୋକ ହୋଇଯାଇଛି । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ତାଙ୍କର କନିଷ୍ଠ ପୁତ୍ର ଭବାନୀ ସେଠୀ ମୁଖାଗ୍ନି ଦେଇଥିଲେ । ତାଙ୍କର ବିୟୋଗରେ ଶିବଚରଣ ଜେନାଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଜଳବାହିତ ରୋଗ ସମ୍ପର୍କିତ ସଚେତନତା



**ସାଲେପୁର,୧୮ ।୨(ସମିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଏକ ଖାଦ୍ୟ ବାହିତ ଓ ଜଳବାହିତ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ରୋଧପୁରଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜନସାଧାରଣମାନଙ୍କୁ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡଃ ସ୍ୱାତୀ ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ସୁଷମ ଖାଦ୍ୟ, ଖାଦ୍ୟବାହିତ ରୋଗ ଓ ତାହାର ନିରାକରଣ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ଡଃ ଅଂଜୁମ୍ ହସନ୍ ଜଳବାହିତ ରୋଗ ଓ ତାହାର ନିରାକରଣ ସମ୍ପର୍କରେ ସୂଚନା ଦେବା ସହିତ ଧନ୍ୟବାଦ ଦେଇଥିଲେ । ଟାଇଫଏଡ୍, କଲେରା, ହେପାଟାଇଟିସ୍, ମିଳିମିଳା, ପୋଲିଓ ଇତ୍ୟାଦି ମାରାତ୍ମକ ରୋଗ ସମ୍ପର୍କିତ ଆଲୋଚନାଚକ୍ର ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏଥିରେ ବହୁ ଜନସାଧାରଣ ଯୋଗ ଦେଇଥିବାବେଳେ ସୁଷମା ଦାଶ, ଗୌରାଙ୍ଗ ଚରଣ ନାୟକ ଓ ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ଚୌଦ୍ୱାର,୧୮ ।୨(ସମିସ):** ସାହିତ୍ୟ ଅନୁଷ୍ଠାନ ଡାଳିଯୋଡ଼ା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି କେ.ସି. ପ୍ରତାପସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ ରୋଟାରୀ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାରସ୍ୱତ ସାଧକ ଡଃ. ଗୋବିନ୍ଦ ଚନ୍ଦ୍ର ଭୂୟାଁ ଓ ଅବସରପ୍ରାପ୍ତ ପୁଲିସ ପ୍ରଶାସକ ନିରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସମୟ ଅନୁଯାୟୀ ସମାଜକୁ ସଠିକ୍ ଦିଗ୍‌ଦର୍ଶନ ଦେବା ପାଇଁ ସ୍ରଷ୍ଟାମାନେ ସାହିତ୍ୟ ରଚନା କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ଶ୍ରୀନିବାସ ବେହେରା ସଂସଦର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଶରତ କୁମାର ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ମନୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସଦର ମୁଖପତ୍ର ‘ଡାଳିଯୋଡ଼ା’ ଉନ୍ମୋଚିତ ହୋଇଥିଲା । ବ୍ରଜ କିଶୋର ପାତ୍ର, ନିର୍ମଳା ପରିଡ଼ା, ଜୟନ୍ତୀ ପୃଷ୍ଟି, ପ୍ରତୀକ୍ଷା ମହାନ୍ତି ଓ ତପସ୍ୱିନୀ ରାୟଙ୍କୁ ସଂସଦ ତରଫରୁ ଯଥାକ୍ରମେ ସାହିତ୍ୟ, କବିତା, ସେବା ଓ ନବ ଉନ୍ମେଷ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତାପାଠ ଉତ୍ସବରେ ବୈଦ୍ୟନାଥ ଖିଲାର, ଲକ୍ଷ୍ମୀଧର ମହାରଣା, ଅଶୋକ ପଣ୍ଡା, ବୈକୁଣ୍ଠନାଥ ତାରେଣିଆ, ଦିଲ୍ଲୀପ ସାହୁ, ବାଣୀ ଭୂଷଣ ମହାନ୍ତିଙ୍କ ସମେତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ । ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ପଲିଟେକ୍‌ନିକ ସଂଘ ପକ୍ଷରୁ କୃତଜ୍ଞତା



**କଟକ,୧୮ ।୨(ସମିସ):** ବହୁଦିନର ପ୍ରତୀକ୍ଷା ପରେ ପୃଥକ ପାହ୍ୟା ଦାବି ସହିତ ୧୯୮୫ ମସିହାରୁ ପଲିଟେକନିକ୍ ଅନୁଷ୍ଠାନରେ ପରିଚାଳିତ ହେଉଥିବା କ୍ୟାଡର ପୁର୍ନଗଠନ ରାଜ୍ୟ ସରକାର କ୍ୟାବିନେଟରେ ଅନୁମୋଦନ କରିଛନ୍ତି । କ୍ୟାବିନେଟ ଘୋଷଣା ପ୍ରକାଶ ପାଇବା ପରେ ଓଡ଼ିଶା ପଲିଟେକ୍‌ନିକ ସଂଘର ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସମଗ୍ର ରାଜ୍ୟର ସରକାରୀ ପଲିଟେକ୍‌ନିକ ଅନୁଷ୍ଠାନର ବରିଷ୍ଠ ଏବଂ କନିଷ୍ଠ ଅଧ୍ୟାପିକା ଏବଂ ଅଧ୍ୟାପକ ମାନେ ଏ ଦିନକୁ ଐତିହାସିକ ଏବଂ ସ୍ମରଣୀୟ ଦିବସ ରୂପେ ବିବେଚନା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଥି ସହିତ ୫ଟି ଏବଂ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅତିରିକ୍ତ ଶାସନ ସଚିବ ଗଙ୍ଗାଧର ସାହୁ, ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଲାଲାମନୋଜ ରାୟ, ରବୀନ୍ଦ୍ର ସେଠୀ, ଆଦିତ୍ୟ ମହାପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହି ଐତିହାସିକ ମୁହୂର୍ତ୍ତର ଶ୍ରେୟ ସରକାରୀ ପଲିଟେକନିକ୍ ଅନୁଷ୍ଠାନର ବରିଷ୍ଠ ଏବଂ କନିଷ୍ଠ ଅଧ୍ୟାପିକା ଏବଂ ଅଧ୍ୟାପକ ମାନଙ୍କର ଅକ୍ଳାନ୍ତ ପରିଶ୍ରମ ଏବଂ ଧୈର୍ଯ୍ୟ ଦ୍ୱାରା ସମ୍ଭବ ହେଲା ବୋଲି ସଙ୍ଘର ସଭାପତି ସୁଧାଂଶୁ ପୁହାଣ ଏବଂ ସାଧାରଣ ସମ୍ପାଦକ ଚିନ୍ମୟ ପଣ୍ଡା ମତ ଦେଇଛନ୍ତି । ପଲିଟେକନିକ୍ ସଂଘର କର୍ମକର୍ତ୍ତାମାନେ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କୁ ଭେଟି କୃତଜ୍ଞତା ମଧ୍ୟ ଜଣାଇଛନ୍ତି ।

## କାଳନ୍ଦୀ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ



**ସାଲେପୁର,୧୮ ।୨(ସମିସ):** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳନ୍ଦୀ ବେହେରାଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ କାଳନ୍ଦୀ ବେହେରା ସ୍ମୃତିକମିଟି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଶ୍ରୀ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଜେଡି ମୁଖପାତ୍ର ଅପୂର୍ବା ଅପରୂପା ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସେକ୍ ରହିମ୍ ବକ୍ସ, ଜ୍ଞାନରଞ୍ଜନ ବେହେରା, ପ୍ରମୋଦ କୁମାର ସାହୁ, ଧ୍ରୁବଚରଣ ମହାନ୍ତି, ମନୋଜ ମହାନ୍ତିଙ୍କ ସମେତ କାଳନ୍ଦୀ ବେହେରା ସ୍ମୃତି ସଂସଦର ବହୁ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସୁରଥ ରାଉତଙ୍କୁ ପୂର୍ଣ୍ଣକୁମ୍ଭ ସାରସ୍ୱତ ସମ୍ମାନ



ନିଶ୍ଚିନ୍ତକୋଇଲି,୧୮ ।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ବିଶିଷ୍ଟ ସାରସ୍ୱତ ସାଧକ ତଥା ପରିବାରର ସାହିତ୍ୟ ସଂସଦର ସଭାପତି ପରିବେଶବିତ୍ ସୁରଥ କୁମାର ରାଉତଙ୍କୁ ପୂର୍ଣ୍ଣକୁମ୍ଭ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି । ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତ ସଂସଦ ବାଙ୍କୀ ପକ୍ଷରୁ ଆୟୋଜିତ ଅଷ୍ଟାଦଶ ବାର୍ଷିକ ଉତ୍ସବ ଏବଂ କୁମ୍ଭକର୍ଣ୍ଣ ପତ୍ରିକାର ଲୋକାର୍ପଣ ଉତ୍ସବରେ ସଭାପତି ପ୍ରଫୁଲ୍ଲ କୁମାର ସାହୁ ପୌରୋହିତ୍ୟ କରିଥିଲେ । ସାହିତ୍ୟ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସମବାୟବିତ୍ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଶ୍ରୀ ରାଉତଙ୍କୁ ମାନପତ୍ର, ଉତ୍ତରୀୟ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ବହୁ ସାହିତ୍ୟିକ, ଲେଖକ, କବି ଓ ଶିକ୍ଷାବିତ୍ ଯୋଗ ଦେଇଥିବାବେଳେ ସମ୍ପାଦକ ବିଦ୍ୟାଧର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟୁତ୍ ତାର ଜବତ: ୩ଗିରଫ

**କଟକ,୧୮ ।୨(ସମିସ):** ଚାଉଳିଆଗଞ୍ଜ ଥାନା ପୁଲିସ ୧୨କୁଇଣ୍ଟାଲ୍ ୫୦କେଜି ବିଦ୍ୟୁତ୍ ତାର ଜବତ କରିଥିବା ବେଳେ ୩ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଶିଖରପୁର ଅଞ୍ଚଳର ସୁରେଶ ସାହା, ରଘୁନାଥପୁର ଅଞ୍ଚଳର ନାରାୟଣ ପରିଡାଏବଂ ଗଞ୍ଜାମ ବୁଗୁଡା ଅଞ୍ଚଳର ସନ୍ତୋଷ ସାହୁ । ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ପୁଲିସ ମହାନଦୀବିହାର ଅଞ୍ଚଳର ଏକ ପରିତ୍ୟକ୍ତ କୋଠାରେ ଚଢ଼ଉ କରି ତାର ଗୁଡ଼ିକୁ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରିଥିଲା ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଚାରିଛକ ପ୍ରେସ୍ କ୍ଲବ୍ ଚାମ୍ପିଅନ୍

ନିଆଳି,୧୮ ।୨(ସମିସ)

ନିଆଳି କାହ୍ନା ଡିଟିପି ଆଣ୍ଡ ଇଣ୍ଟରନେଟ୍ ଓ ନିୟୁ ବିୟୁଟି ପାର୍ଲର ଏବଂ ନିଆଳି ପ୍ରେସ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଦୁଇ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ନିଆଳି ହାଇସ୍କୁଲ ପଡ଼ିଆରେ ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ଦୁଇ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସଦର ସବ୍‌ଡିଭିଜନ୍ ପୁଲିସ ଦଳକୁ ହରାଇ ଚାରିଛକ ପ୍ରେସ୍ କ୍ଲବ୍ ଚାମ୍ପିଅନ୍ ଟ୍ରଫି ହାସଲ କରିଛି । ପ୍ରଥମ ଲିଗ୍ ମ୍ୟାଚ୍‌ରେ ନିଆଳି ତହସିଲ ଦଳକୁ ହରାଇ ନିଆଳି ପ୍ରେସ୍ କ୍ଲବ୍ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ନିଆଳି କୋର୍ଟ ବାର୍ ଆସୋସିଏସନ୍ ଦଳକୁ ହରାଇ ସଦର ସବ୍‌ଡିଭିଜନ୍ ପୁଲିସ ଦଳ ବିଜୟୀ ହୋଇଥିଲା । ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ନିଆଳି ପ୍ରେସ୍ କ୍ଲବ୍‌କୁ ହରାଇ ସଦର ସବ୍‌ଡିଭିଜନ୍ ପୁଲିସ ଦଳ ଫାଇନାଲରେ ପ୍ରବେଶ କରିଥିଲା । ଅପରାହ୍ଣରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ପ୍ରଥମେ ଚାରିଛକ ପ୍ରେସ୍ କ୍ଲବ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯୫ ରନ୍ କରିଥିଲା । ଜବାବରେ ସଦର ସବ୍‌ଡିଭିଜନ୍ ପୁଲିସ ଦଳ ନିର୍ଦ୍ଧାରିତ ଓଭରରେ ୪ ୱିକେଟ୍ ହରାଇ ୭୮ରନ୍ କରି ପରାଜୟ ବରଣ କରିଥିଲେ । ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ପ୍ରେସ୍ କ୍ଲବ୍‌ର ସଭାପତି ମନୋରଞ୍ଜନ ଶତପଥୀ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଅକ୍ଷୟ ସେନାପତି ନିଜର ଅଭିଭାଷଣ ରଖିଥିଲେ । ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଯୋଗୁଁ ପ୍ରତ୍ୟେକଙ୍କ ଭିତରେ ଭାଇଚାରା ଓ ସଦ୍‌ଭାବନା ସୃଷ୍ଟି ହେଉଥିବା କହିଥିଲେ ।



ଏହି ଅବସରରେ ସେ ଚାମ୍ପିଅନ୍ ଦଳକୁ ନଗଦ ୩ହଜାର ଟଙ୍କା ପ୍ରଦାନ କରିଥିଲେ । ସେହିପରି ରନର୍ସଅପ୍ ସଦର ସବ୍‌ଡିଭିଜନ୍ ପୁଲିସ ଦଳକୁ ରନର୍ସଅପ୍ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ କରିଥିଲେ । ମ୍ୟାଚ୍‌କୁ ଦେବବ୍ରତ ସାହୁ, ସତ୍ୟବ୍ରତ ମହାପାତ୍ର, ସ୍ୱପ୍ନଜିତ୍ ରାୟ ଓ ସେଖ୍ ଫୟାଜ୍ ଉଦ୍ଦିନ୍ ପରିଚାଳନା କରିଥିଲେ । ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ନିଆଳି ଥାନା ଆଇଆଇସି ତପନ କୁମାର ରାଉତ, ନିଆଳି ସରପଞ୍ଚ ବବିତାରାଣୀ ବେହେରା, ସୋମନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ । କାଳନ୍ଦୀ ଚରଣ ସ୍ୱାଇଁ, କାମଦେବ ଭୋଇ, ଅଶୋକ କୁମାର ଷଡ଼ଙ୍ଗୀ, ସନ୍ତୋଷ ବାରିକ, ରାଜେଶ ଦାସ, ଅଜିତ୍ କୁମାର ସେଠୀ, କବି ପ୍ରସାଦ ମହାନ୍ତି, ପ୍ରତାପ ମଲ୍ଲିକ, ସନ୍ତୋଷ ପ୍ରଧାନ, ରକେଶ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ନିଆଳି ପ୍ରେସ୍ କ୍ଲବ୍‌ର କୋଷାଧ୍ୟକ୍ଷ ମଧୁସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ ।

# କ୍ୱାନ୍ କି ଡୋ ଆସୋସିଏସନ୍‌ର ରାଜ୍ୟସ୍ତରୀୟ ବୈଠକ

ଆଠଗଡ଼,୧୮ ।୨(ସମିସ)

କଟକ ଜିଲ୍ଲା କ୍ୱାନ୍ କି ଡୋ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଓଡ଼ିଶା କ୍ୱାନ୍ କି ଡୋ ଆସୋସିଏସନ୍‌ର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହିତ ଜିଲ୍ଲା ସଙ୍ଘକୁ ପଞ୍ଜୀକରଣ କରିବା, ପରିଚୟ ପତ୍ର ଏବଂ ୟୁନିଫର୍ମ ପ୍ରଦାନ, ଚଳିତ ବର୍ଷ ପାଇଁ ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ, ଆସୋସିଏସନ୍ ତରଫରୁ ପରୀକ୍ଷା ନିର୍ଦ୍ଦେଶକ, ବୈଷୟିକ ନିର୍ଦ୍ଦେଶକ ନିଯୁକ୍ତି, ନିଜସ୍ୱ ୱେବ୍‌ସାଇଟ୍ ଖୋଲିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହି କ୍ରୀଡ଼ାକୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟସ୍ତରରେ ପହଞ୍ଚାଇବା ସହ ନୂଆ ଜିଲ୍ଲା ସହବନ୍ଧନ, ବେଲ୍ଟ ଆପ୍ ଗ୍ରେଡିଂ, ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଆଦି ବିଷୟରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ବିଶ୍ୱାଳ, ବୈଷୟିକ ନିର୍ଦ୍ଦେଶକ ବିଶ୍ୱଜିତ ବାରିକ, ଶସ୍ତ୍ର ନିର୍ଦ୍ଦେଶକ ଗଡ୍ଡୁ ବାଗ, କନ୍ଧମାଳ ଜିଲ୍ଲା ମୁଖ୍ୟ ଶରତ ଚନ୍ଦ୍ର ଦିଗଲ, କଟକ ଜିଲ୍ଲା ସଭାପତି ରୁଦ୍ର ଚରଣ ମହାନ୍ତି, ଆଇନ ଉପଦେଷ୍ଟା ସତ୍ୟେନ୍ ପଣ୍ଡା, ମୁଖ୍ୟ ପ୍ରଶିକ୍ଷକ ସନ୍ତୋଷ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଶ୍ରୀତମ ଶତପଥୀ, ଉପସଭାପତି ଶ୍ୟାମ ପ୍ରସାଦ ପଣ୍ଡା, ସମ୍ପାଦକ ବଦ୍ରିନାରାୟଣ ବାହିନୀପତି ପ୍ରମୁଖ ଯୋଗଦେଇଥିଲେ । ଶେଷରେ ବାରଣାସୀ ଠାରେ ଆୟୋଜିତ ୫ମ ଜାତୀୟ କ୍ୱାନ୍ କି ଡୋ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଥିବା ଆଠଗଡ଼ର ବିଶ୍ୱମ୍ବର ରାଉତ ଏବଂ ଚନ୍ଦନ ପ୍ରସାଦ ରାଉତଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାକେଶ ଦାଶ, ରାହୁଲ ଜେନା, ଅଭିଜିତ ପରିଡ଼ା, ପ୍ରମୁଖ ପରିଚାଳନା କରିଥିଲେ ।



## ଭାଗବତ ଗୋସ୍ୱାମୀ ଦେବଙ୍କ ବାର୍ଷିକ କଳସଯାତ୍ରା

ବାଙ୍କୀ, ୧୮।୨(ସମିସ): ଡମପଡ଼ା ବ୍ଲକ ବିଲିପଡ଼ା ଗ୍ରାମପଞ୍ଚାୟତର ଶ୍ରୀଶ୍ରୀ ଭାଗବତ ଗୋସ୍ୱାମୀ ଚକ୍ରପାଣି ଦେବଙ୍କ ସପ୍ତଦଶ ବାର୍ଷିକ କଳସଯାତ୍ରା ଓ ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୨୪ତାରିଖ ଶନିବାର ମାଘପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଅହୋରାତ୍ର ଭାଗବତ ପଠନ ଓ ଯଜ୍ଞ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟୁଷରେ ମହାନଦୀ ରେଣୁକା ଘାଟଠାରୁ ଏକ କଳସ ଶୋଭାଯାତ୍ରା ଗୋସ୍ୱାମୀ ପୀଠକୁ ଆସିଥିଲା। ଏଥିରେ ସହସ୍ରାଧିକ ମହିଳା ସାମିଲ୍ ହୋଇଥିଲେ। କଳସ ଶୋଭାଯାତ୍ରା ଦେଖିବା ପାଇଁ ରାସ୍ତା ଦୁଇକଡ଼ରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଶନିବାର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ନୂଆ ଏସ୍‌ଡିପିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଣ୍ଟାପଡ଼ା, ୧୮।୨(ସମିସ): ନୂଆ କରି ଯୋଗଦେଇଥିବା କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କିରନ ହେମ୍ବ୍ରମ୍‌ଙ୍କୁ ଅଡ଼ଶପୁର କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଣ୍ଟାପଡ଼ା ଅଞ୍ଚଳର ଯୁବ ସମାଜସେବୀ ସଂଗଠକ ତୃପ୍ତିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶ୍ରୀ ହେମ୍ବ୍ରମ୍‌ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଅଶ୍ୱିନୀ ମହାନ୍ତି, ରଞ୍ଜନ କୁମାର ମୁଦୁଲି, ଶକ୍ତିକାନ୍ତ ନନ୍ଦ, ଜଗବନ୍ଧୁ ପ୍ରଧାନ, ମାନସ ଦାସ ଓ ବେଲାଳସେନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କାଳିନ୍ଦୀ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ



ନିଶ୍ଚିନ୍ତକୋଇଲି, ୧୮।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଠାରେ ପୂର୍ବତନ ମନ୍ତ୍ରୀ, ଜନନାୟକ ତଥା ପ୍ରଫେସର ସ୍ୱର୍ଗତ କାଳିନ୍ଦୀଚରଣ ବେହେରାଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ସାନ୍ତପୁର ପଞ୍ଚାୟତ ଯୁବ ସଂଗଠକ ତଥା କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲାପରିଷଦ ବିଳାସ ଭୋଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ସମାଜସେବୀ ରମାକାନ୍ତ ବେହେରା, ଶିକ୍ଷାବିତ୍ ଭୈରବ ଜେନା, ଅମୂଲ୍ୟ ମହାନ୍ତି, ମୁରଲୀଧର ଦାସ, ଦ୍ୱିଜବର ପଣ୍ଡା, ଯୁବନେତା ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ନିରଞ୍ଜନ ମଲିକ, ରମେଶ ମହାପାତ୍ର, କ୍ଷୀରୋଦ ରାଉତ, ଅଟଳ ମହାପାତ୍ର, ରାକେଶ ମୁଦୁଲି, ବବି ସିଂ, ଜଗନ୍ନାଥ ପଣ୍ଡା, ସୁବାଷ ମହାନ୍ତି, ଗୋବିନ୍ଦ ଦାସ, ପବିତ୍ର ସେଠୀ, ନାରୀ ନେତ୍ରୀ ସଂଯୁକ୍ତା ପୁହାଣ, ଉର୍ମିପ୍ରଭା ଭୂୟାଁ ପ୍ରମୁଖ ଯୋଗଦେଇଥିଲେ।

## 'ମାଟିର ମହକ ସମ୍ମାନ' ପ୍ରଦାନ ଉତ୍ସବ

ଆଠଗଡ଼, ୧୮।୨(ସମିସ): ଆଠଗଡ଼ର ସ୍ୱେଚ୍ଛାସେବୀ ସଂଗଠନ 'ଜଷ୍ଟ ଫର୍ ୟୁ'ର ତୃତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ମହାବୀର ପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୪ଟି ସ୍ୱେଚ୍ଛାସେବୀ ସଂଗଠନକୁ ସେବା ସମ୍ମାନ ପ୍ରଦାନ କରା ଯାଇଛି। ଏହି ଅବସରରେ ୪ଜଣ ସ୍ୱେଚ୍ଛାସେବୀଙ୍କ ସହିତ ସାମ୍ବାଦିକ ଭାବରେ ପତିତପାବନ ରାଉତ, ବିରୂପାକ୍ଷ ପ୍ରଧାନ, ଲଲାଟେନ୍ଦୁ ସେନାପତି ଏବଂ ଦିଲ୍ଲୀପ କୁମାର ଦାସଙ୍କୁ 'ମାଟିର ମହକ' ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ, ସମ୍ମାନିତ ଅତିଥି ଭାବରେ ପୁଲିନ ମିଶ୍ର, କଣ୍ଠଶିଳ୍ପୀ ମୋନାଲି ମଧୁସ୍ମିତା, ସଙ୍ଗଠନର ମୁଖ୍ୟ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷାବିତ୍ ନରୋତ୍ତମ ଗାହାଣ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଏବଂ ସମ୍ମାନିତ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଉତ୍ତରୀୟ ସ୍ୱାଗତ କାର୍ଡ ସହିତ ଗୋଟିଏ ଗଛ ଉପହାର ଭାବରେ ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅମ୍ଲାନ ପରିଡ଼ା, ବିଭୁଦତ୍ତ ଜେନା, ସାଇଶ୍ୱେତା ସାହୁ, ସସ୍ମିତା ଦାସ, ସାଗରିକା ସେଠୀ, ବିଚିତ୍ରାନନ୍ଦ ସାହୁ, ସ୍ମୃତି ରଞ୍ଜନ ମହାନ୍ତି, ଚନ୍ଦ୍ରକାନ୍ତ ବେହେରା ବିକ୍ରମ ସେଠୀ ସମ୍ବିତ ପ୍ରଧାନ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



# ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା'





ମାହାଙ୍ଗା, ୧୮।୨(ସମିସ)

ମାହାଙ୍ଗା ବ୍ଲକ କୁସୁପୁର ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ନନ୍ଦ କିଶୋର ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଜେନା, ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ମମତା ସାହୁ, ସମିତିସଭ୍ୟା ମେନକା ଦାସ, ଆଇନଜୀବୀ ଶ୍ରୀବନ୍ତ ଜେନା, ପୂର୍ବତନ ସରପଞ୍ଚ ପଙ୍କଜ ସାହୁ, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ରାଉତରାୟ, ସମାଜସେବୀ ଅନୀଲ ଜେନା, ଶିବଶଙ୍କର ସାହୁ, ହେମନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପଞ୍ଚାୟତର ବରିଷ୍ଠ ନାଗରିକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥଲା। ସେହିପରି ରାସନ କାର୍ଡଧାରୀଙ୍କୁ ଦୁଇଟି ବ୍ୟାଗ ଓ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି କୁହୁଣ୍ଡା ପଞ୍ଚାୟତରେ ପୂର୍ବତନ ସରପଞ୍ଚ ସୁବାଷ ବେହେରାଙ୍କ ଅଧକ୍ଷତାରେ କୋଠପଦା ମିନି ଷ୍ଟାଡିୟମ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ ପଞ୍ଚାୟତରେ ହେଉଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ସରପଞ୍ଚ ନଳିନୀପ୍ରଭା ପ୍ରଧାନ, ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ଦାସ, ପୂର୍ବତନ ସମିତିସଭ୍ୟ ରାଧାନାଥ ରାଉତ, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ଜଗନ୍ନାଥ ନାୟକ, ଅଫସର ତୁଲ୍ଲା, ଲକ୍ଷ୍ମୀଧର ବେହେରା, ରଘୁନାଥ ଜେନା, ଗଣେଶ ବିହାରୀ, ନମିତା ନାୟକ, ରତିକାନ୍ତ ପୃଷ୍ଟି, ରବୀନ୍ଦ୍ର ପୃଷ୍ଟି, ବିଚିତ୍ରା ରାଉତ, ଦମୟନ୍ତୀ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

### କଟରପଡ଼ା

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆମ ଓଡ଼ିଶା, ନବୀନ ଓଡ଼ିଶା, କାର୍ଯ୍ୟକ୍ରମ ସରପଞ୍ଚ ରାକେଶ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା ଯୋଗଦାନ କରି ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ନବୀନଙ୍କ ବିକାଶମୂଳକ ଶାସନରେ ଅନୁପ୍ରାଣିତ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉଦ୍ୟମ କ୍ରମେ ସମଗ୍ର ପଞ୍ଚାୟତର ଉନ୍ନତି ଏବଂ ପ୍ରଗତି ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବିଜେଡି କୃଷକ ସଂଗଠନର ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ଜସ୍ମିତା ସେଠୀ, ଶିକ୍ଷାବିତ୍ ଫକୀର ଚରଣ ନାୟକ, ପଞ୍ଚାୟତ ସଭାପତି କୈଳାସ ସ୍ୱାଇଁ, ସମାଜସେବୀ ପତିତପାବନ ସ୍ୱାଇଁ, ବାନାମ୍ବର ସ୍ୱାଇଁ, ବିଜୟ କୁମାର ବରାଳ, ପିଇଓ ମୋନାଲିସା ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅତିଥି ବୃନ୍ଦ ବରିଷ୍ଠ ନାଗରିକ, ଆଶା, ଅଙ୍ଗନବାଡ଼ି କର୍ମୀ, ଏସ୍‌ଏଚ୍‌ଜି ମହିଳାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଏବଂ ସାର୍ଟିଫିକେଟ ପ୍ରଦାନ କରିଥିଲେ।

### ସରପଡ଼ା

ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସମିତିସଭ୍ୟା ସସ୍ମିତା ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବିଜେଡି କୃଷକ ସଂଗଠନର ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ଜସ୍ମିତା ସେଠୀ, ବ୍ଲକ ବିଜେଡି ଉପସଭାପତି ତପନ କୁମାର ଦାଶ, ଯୁବନେତା ପ୍ରମୋଦ ସ୍ୱାଇଁ, ରମେଶ ମହାନ୍ତି, ପିଇଓ ଶ୍ରୀକାନ୍ତ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ।

### ସଫା ପଞ୍ଚାୟତ

**ଟାଙ୍ଗୀ:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଫା ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଆଶା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଙ୍ଗଠକ ଜନ୍ମେଜୟ ଖିଲାର, ଗରୁଡ଼ ଗାଁ ସରପଞ୍ଚ ଦୀପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ଗୋବିନ୍ଦ ଦାସ, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ଶାରଦା ପ୍ରସନ୍ନ ମହାନ୍ତି, ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ପଞ୍ଚାୟତ ବିଜେଡି ସଭାପତି ହେମନ୍ତ ଖିଲାର, ସମିତି ସଭ୍ୟ ଜିତେନ୍ଦ୍ର ବଦ୍ରା, ପ୍ରାକ୍ତନ ସରପଞ୍ଚ ପ୍ରମିଳା ଖିଲାର, ଭଙ୍ଗିମୁଣ୍ଡା ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, କରଞ୍ଜି ସରପଞ୍ଚ ମହେଶ୍ୱର ମହନ୍ତ, ସମିତିସଭ୍ୟ ଅଜିତ ନାୟକ, ଧ୍ରୁବ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଲୋକ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏଲଇଡି ଟିଭି ମାଧ୍ୟମରେ ସରକାରୀ ଯୋଜନା ସଂକ୍ରାନ୍ତ ତଥ୍ୟ ପ୍ରଦର୍ଶିତ ହୋଇଥିଲା। ମିଶନଶକ୍ତି ମହିଳାଙ୍କ ସମେତ ବିଭିନ୍ନ ବର୍ଗର କର୍ମୀ ଓ ସମର୍ଥକ ଅଂଶଗ୍ରହଣ କରିଥିଲେ।






## ପ୍ରକୃତି ଶିବିରରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ



ବାଙ୍କୀ, ୧୮।୨(ସମିସ)

ବାଙ୍କୀ ବ୍ଲକ ବ୍ରହ୍ମପୁରା ସଚଳା ଦେବୀ ବାଳିକା ଉଚ୍ଚବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ପରିବେଶ ଶିକ୍ଷାକେନ୍ଦ୍ର ଭୁବନେଶ୍ୱର ସହାୟତାରେ ବିଦ୍ୟାଳୟର ଇକୋ କ୍ଲବ୍‌ର ଛାତ୍ରୀଙ୍କ ଦ୍ୱାରା ପ୍ରକୃତି ଶିବିର ବରପୁଟ-ବାଣିଆସ୍ଥ ପ୍ରସିଦ୍ଧ ଦେବଗିରି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୬୦ଜଣ ଛାତ୍ରୀ ଯୋଗଦେଇ ଦେବଗିରି ପାହାଡ଼ ଉପରେ ଥିବା ଜଗନ୍ନାଥ ମନ୍ଦିରରେ ସମୂହ ପ୍ରାର୍ଥନା ଓ ଦୀପଦାନ କରିଥିଲେ। ପରେ ନିକଟସ୍ଥ ବାଣିଆ ଗ୍ରାମରେ ପରିବେଶ ସଚେତନତା ପଦଯାତ୍ରା କରିଥିଲେ। ସ୍ଥାନୀୟ ଜଙ୍ଗଲ ସୁରକ୍ଷା, ମନ୍ଦିର ପରିସରକୁ ସଫା କରିବା, ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ କରିବା ସମ୍ପର୍କରେ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଶରତ ଚନ୍ଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ସୁଦର୍ଶନ ଦାସ, ଅବସରପ୍ରାପ୍ତ ଇଂ.ରବୀନ୍ଦ୍ରନାଥ ରାଉତ ଓ ମଧୁସୂଦନ ରାଉତ, ଆର୍ତ୍ତବନ୍ଧୁ ଜେନା, ଶିକ୍ଷାବିତ୍ ସଦାଶିବ ଦାଶ, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ପରିଷଦର ସଭାପତି କବି ସୁନୀଲ୍ କୁମାର ମିଶ୍ର, ସମାଜସେବୀ ଯୁଧିଷ୍ଠିର ଦେବତା, ଉମାମଣି ମହାପାତ୍ର ପ୍ରମୁଖ ଯୋଗଦାନ କରି ପରିବେଶ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ମହାନଦୀ ଆଳତି ଦର୍ଶନକଲେ ଶ୍ରଦ୍ଧାଳୁ

ବାଙ୍କୀ, ୧୮।୨(ସମିସ): ଶ୍ରୀଜଗନ୍ନାଥ ଚେତନା ଚାରଣ ଗୋଷ୍ଠୀ ବାଙ୍କୀ ଆନୁକୂଲ୍ୟରେ ପ୍ରଥମଥର ପାଇଁ ବାଙ୍କୀ ରଣପୁର ଘାଟଠାରେ ମହାନଦୀରେ ଆଳତି ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୩ଦିନ ବ୍ୟାପି ଆୟୋଜିତ ଏହି କାର୍ଯ୍ୟକ୍ରମ ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବାଙ୍କୀ ଶାଖା ସଭାପତି କାଶୀନାଥ ସେଠୀ ଓ ସମ୍ପାଦକ ଅଶୋକ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ଶୁଭେନ୍ଦୁ ସ୍ୱାଇଁ, ଲିଙ୍ଗରାଜ ପତି, ତାରଣୀ ସେନ୍ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କାଉନସିଲର ସନାତନ ବେହେରା, ମନମୋହନ ଶର୍ମା, ହରିଶ୍ଚନ୍ଦ୍ର ସାହୁ, ନକୁଳ ବେହେରା, ପ୍ରକାଶ ପାଣି, ବିଷ୍ଣୁ ପଟ୍ଟନାୟକ, ମମତା ଦଳେଇ, ଅବନ୍ତୀ ରଣା, କୈକେଇ ଧଳ, ବୀରବର ଦଳେଇ, ଜଳଧର ପ୍ରଧାନ, ବାବାଜୀ ଦେଉରୀ ପ୍ରମୁଖ ଯୋଗଦାନ କରି ମହାନଦୀରେ ଆଳତି କରିଥିଲେ। ନଦୀ ମାତୃକାର ବନ୍ଦନା ସହ ଦୀପ ନୈବେଦ୍ୟ ଅର୍ପଣ କରାଯାଇଥିଲା। ପରେ ରଣପୁର ଜଗନ୍ନାଥ ମନ୍ଦିରଠାରେ ଭାଗବତ ପଠନ, ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



### ମା' ଚର୍ଚ୍ଚିକାଙ୍କ ପୀଠରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

## ଏଥର ୩ରଥ, ସୁଭଦ୍ରାଙ୍କ ରଥ ଟାଣିବେ ମହିଳା

ବାଙ୍କୀ, ୧୮।୨(ସମିସ)



ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ହେବାକୁ ଥିବା ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାରତ୍ନ ଭବନଠାରେ ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷ ତିନୋଟି ରଥ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ରଥ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସମ୍ପାଦକ ଯୁଗଳ କିଶୋର ଭୂତ ଆସନ୍ତା ରଥଯାତ୍ରା ପରିଚାଳନା ନିମନ୍ତେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ରଣା, ଉପସଭାପତି ବୃନ୍ଦାବନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆସନ୍ତା ରଥଯାତ୍ରାକୁ ସରସ ସୁନ୍ଦର କରାଯିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ଗତବର୍ଷର ଆୟବ୍ୟୟ ଉପସ୍ଥାପନା କରାଯିବା ପରେ ସଭ୍ୟମାନେ ଅନୁମୋଦନ କରିଥିଲେ। ବୈଠକରେ ପ୍ରଶାନ୍ତ କୁମାର ମହାପାତ୍ର, ମନ୍ମଥ କୁମାର ମିଶ୍ର, ପ୍ରଦୀପ କୁମାର ପୃଷ୍ଟି, ପ୍ରହ୍ଲାଦ ପୃଷ୍ଟି, ଶଶାଙ୍କ ଶେଖର ସ୍ୱାଇଁ, ଋଷି କୁମାର ରଣା, ପୂଜାରୀ ଗନ୍ଧର୍ବ ପଣ୍ଡା, ବୃନ୍ଦାବନ ପ୍ରଧାନ, କାଶୀନାଥ ସେଠୀ, ବଳଭଦ୍ର ପଣ୍ଡା, ଉମେଶ ଚନ୍ଦ୍ର ପଟ୍ଟନାୟକ, ରଥ କାରିଗର ପୁରୁଷୋତ୍ତମ ମହାରଣା, ସଞ୍ଜୟ କୁମାର ପୃଷ୍ଟି, କେଶବ ଚନ୍ଦ୍ର ବେହେରା, କୁମୁଦରଞ୍ଜନ ମହାରଣା, ବିବେକାନନ୍ଦ ସାମଲ ପ୍ରଭୃତି ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁଭଦ୍ରାଙ୍କ ରଥକୁ ମହିଳାମାନଙ୍କ ଦ୍ୱାରା ଟଣାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

### କାଳିନ୍ଦୀ ବେହେରା ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ | ନେମାଳକୁ ହରାଇ ସାଆନ୍ତପୁର ଚାମ୍ପିଅନ



ନିଶ୍ଚିନ୍ତକୋଇଲି, ୧୮।୨(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମରେ କାଳିନ୍ଦୀ ବେହେରା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନେମାଳ ଫ୍ରେଣ୍ଡସ୍ ୟୁନିଅନ ଏବଂ ସାଆନ୍ତପୁର ବିସିସି କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସାନ୍ତପୁର ବ୍ୟାଟିଂ କରି ୪୪ରନ୍ ସଂଗ୍ରହ କରିଥିଲାବେଳେ ମୁକାବିଲାରେ ନେମାଳ କ୍ରିକେଟ୍ ଟିମ୍ ୩୫ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ସାନ୍ତପୁର ଚାମ୍ପିଅନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ୍ ଏବଂ ରନର୍ସ ଅପ୍ ଟିମ୍‌କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସମାଜସେବୀ ପ୍ରକାଶ ଡାଙ୍ଗଙ୍କ ସମେତ ବିଜେଡି ନେତା ଅଚ୍ୟୁତାନନ୍ଦ ଦାସ, ନୃସିଂହଚରଣ ମୁଦୁଲି, ବିଳାସ ଭୋଇ, ସ୍ୱାଧୀନ ଭୂୟାଁ, ସୁଶାନ୍ତ ସେଠୀ, ବିଶ୍ୱଭୂଷଣ ନାୟକ, ବିଶ୍ୱେନ୍ଦୁ ମହାରଣା, ହିମାଂଶୁଶେଖର ଦାସ, ଅମୀୟ ମହାନ୍ତି, ବିମଳ ଦାସ, ଅକତର ଅଲ୍ଲୀ, ବଳଦେବାନନ୍ଦ ଦାସ, ଗୋପୀନାଥ ପଲେଇ ପ୍ରମୁଖ ଯୋଗଦାନ କରିଥିଲେ। ଏହି କ୍ରୀଡ଼ାକୁ ସେକ୍ ରକି ଏବଂ ସାଗର ମହାରଣା ପରିଚାଳନା କରିଥିଲାବେଳେ ଦର୍ଶନ ନାୟକ, ସୁନାକର ସାହୁ, ସନ୍ଦୀପ ନାୟକ, ଗୋବିନ୍ଦ ଦାସ, ଅଭିଷେକ ଦତ୍ତ, ସୁନୀଲ ବାରିକ, ଦିଲ୍ଲୀପ ପୂଜାରୀ, ଦୁର୍ଗାପ୍ରସାଦ ଦାସ, ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନେମାଳ ଏବଂ କଟକ ସଦର ବିଜୁ ଜନତା ଦଳ କର୍ମୀଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ କରାଯାଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୦୪ • ପାଉଣ୍ଡ ୧୦୪.୩୪
- ୟୁରୋ ୮୯.୮୬ • ୟେନ୍ ୦.୫୫

**ସୁନାରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୨୦୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୨,୪୨୬.୦୦
- ନିଫ୍ଟି ୨୨,୦୪୦.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

### ବିମାନ ଅବତରଣର ଅଧ ଘଣ୍ଟା ଭିତରେ ଯାତ୍ରୀଙ୍କୁ ହସ୍ତାନ୍ତର ହେବ ଲଗେଜ୍

# ତ୍ୱରିତ ହେବ ଚେକ୍ ଇନ୍ ଲଗେଜ୍ ବ୍ୟବସ୍ଥା

ନୂଆଦିଲ୍ଲୀ,୧୮।୨(ଏଜେନ୍ସି)

ଏଣିକି ଆଉ ବିମାନ ବନ୍ଦରରେ ନିଜର ଲଗେଜ୍ ପାଇବା ଲାଗି ଯାତ୍ରୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିବନି। ଏମିତିକି ବିମାନ ଅବତରଣ ପରେ ଯାତ୍ରୀମାନେ ସେମାନଙ୍କର ଚେକ୍ ଇନ୍ ଲଗେଜ୍ ପାଇବାରେ ବହୁତ ବିଳମ୍ବ ହେଉଥିଲା। ବିମାନ ଯାତ୍ରୀଙ୍କ ଏଭଳି ସମସ୍ୟାକୁ ଗୁରୁତର ସହ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ତେଣୁ ବିମାନ ଅବତରଣ କରିବାର ୧୦ ରୁ ୩୦ ମିନିଟ୍ ମଧ୍ୟରେ ଯାତ୍ରୀଙ୍କୁ ସେମାନଙ୍କର ପଞ୍ଜୀକୃତ ଲଗେଜ୍ ହସ୍ତାନ୍ତର କରାଯିବ। ଏ ନେଇ ବ୍ୟୁରୋ ଅଫ୍ ବେସାମରିକ ବିମାନ ଚଳାଚଳ ସୁରକ୍ଷା (ବିସିଏଏସ୍) ପକ୍ଷରୁ ବିମାନ କମ୍ପାନୀଗୁଡିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଏଜେନ୍ସି ପକ୍ଷରୁ ୭ ଭାରତୀୟ ବିମାନ କମ୍ପାନୀକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମକୁ ୧୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ବିସିଏଏସ୍ କହିଛି। ବିସିଏଏସ୍ ପକ୍ଷରୁ ଯେଉଁ ୭ଟି ଏୟାରଲାଇନ୍ସକୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ସେଗୁଡିକ ହେଉଛି, ଏୟାର ଇଣ୍ଡିଆ, ଇଣ୍ଡିଗୋ, ଆକାସା, ସ୍ପାଇସଜେଟ୍, ଭିସ୍ତାରା, ଏୟାର ଇଣ୍ଡିଆ ଏକ୍ସପ୍ରେସ କନେକ୍ଟ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ବିସିଏଏସ୍ ଚଳିତ ବର୍ଷ ଜାନୁଆରୀରୁ ଦେଶର ୬ଟି ପ୍ରମୁଖ ବିମାନ ବନ୍ଦରରେ

**ବିମାନ କମ୍ପାନୀଙ୍କୁ ସରକାରଙ୍କ କଡ଼ା ନିର୍ଦ୍ଦେଶ**

**ଆଉ ଅବହେଳାକୁ ବରଦାସ୍ତ କରାଯିବନି: ବିସିଏଏସ୍**



ବ୍ୟାଗେଜ୍ ସିଷ୍ଟମ ଉପରେ ନଜର ରଖିବା ଆରମ୍ଭ କରିଥିଲା। ଏହା ମଧ୍ୟ ସାପ୍ତାହିକ ସ୍ତରରେ ସମୀକ୍ଷା କରାଯାଉଛି। ଏଥିରୁ ଜଣାପଡିଥିଲା ଯେ ବ୍ୟାଗେଜ୍ ସିଷ୍ଟମର ବିତରଣରେ ପୂର୍ବରୁ କିଛି ଉନ୍ନତି ଘଟିଛି, ତଥାପି ଏଥିରେ ଆହୁରି ଉନ୍ନତି ଆବଶ୍ୟକ, ଯାହାଦ୍ୱାରା ଯାତ୍ରୀମାନେ ସେମାନଙ୍କର ବିମାନ ଅବତରଣ କରିବାର ଅଧ ଘଣ୍ଟା ମଧ୍ୟରେ ସେମାନଙ୍କର ଚେକ୍ ଇନ୍ ଲଗେଜ୍ ପାଇପାରିବେ। ତେବେ କଡ଼ା ନିୟମ ସତ୍ତ୍ୱେ ଏହାପରେ ମଧ୍ୟ ଯଦି ଚେକ୍ ଇନ୍ ଲଗେଜ୍ ବ୍ୟବସ୍ଥାରେ କିଛି ଉନ୍ନତି ନ ହୁଏ ତେବେ ବିମାନ କମ୍ପାନୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର କହିଛନ୍ତି। ଅପରେସନ୍, ମ୍ୟାନେଜମେଣ୍ଟ ଏବଂ ଡେଲିଭରୀ ଚୁକ୍ତିନାମା (ଓଏମ୍‌ଡିଏ) ନିୟମକୁ ଦର୍ଶାଇ ଅଧିକାରୀମାନେ କହିଛନ୍ତି ଯେ ସେବା ଗୁଣବତ୍ତା ଚୁକ୍ତିନାମା ଅନୁଯାୟୀ ଇଞ୍ଜିନ ବନ୍ଦ ହେବା ପରେ ବିମାନ ଅବତରଣ ପରେ ବିମାନର ଚେକ୍ ଇନ୍ ଲଗେଜ୍ ବନ୍ଦ ହୋଇଯିବ। ସେବେଠାରୁ ଯାତ୍ରୀମାନେ ୧୦ ମିନିଟ୍‌ରୁ ୩୦ ମିନିଟ ମଧ୍ୟରେ ଲଗେଜ୍ ଗ୍ରହଣ କରିବା ଉଚିତ୍, କିନ୍ତୁ ଏୟାରଲାଇନ୍ସ କିଛି ସମୟ ପାଇଁ ଏ ଦିଗରେ ଅସାବଧାନତା ଅବଲମ୍ବନ କରୁଥିଲା। ଏହି ଅବହେଳାକୁ ସଂଶୋଧନ କରିବା ପାଇଁ ଉପରୋକ୍ତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

# ଟାଟା ଗ୍ରୁପ ନିର୍ମାଣ କରିବ ସେମିକଣ୍ଡକ୍ଟର ପ୍ଲାଣ୍ଟ

### ଅନ୍ୟ ୩ କମ୍ପାନୀ ବି ଦେଇଛନ୍ତି ପ୍ରସ୍ତାବ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ଭାରତରେ ନିର୍ମାଣ ହେବ ସେମିକଣ୍ଡକ୍ଟର। ଆଉ ଏହି ସେମିକଣ୍ଡକ୍ଟର ନିର୍ମାଣ କରିବ ଟାଟା ଗ୍ରୁପ। ଦେଶରେ ସେମିକଣ୍ଡକ୍ଟର ପ୍ଲାଣ୍ଟ ନିର୍ମାଣ ପାଇଁ ଇସ୍ରାଏଲର ଟାଓ୍ୱର ସେମିକଣ୍ଡକ୍ଟର ଏବଂ ଟାଟା ଗ୍ରୁପ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ସରକାରଙ୍କୁ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ୪ଟି ପ୍ରସ୍ତାବ ମିଳିଛି। ଦେଶରେ ଖୁବ ଶୀଘ୍ର ବଡ ପରିମାଣରେ ସେମିକଣ୍ଡକ୍ଟର ଉତ୍ପାଦନ ହେବ। ଏହାସହିତ ଚିପ୍ ଆସେମ୍ବଲ, ଟେଷ୍ଟିଂ, ମନିଟରିଂ ଏବଂ ପ୍ୟାକେଜିଂ ପାଇଁ ୧୩ଟି କମ୍ପାନୀ ଆଗ୍ରହ ଦେଖାଇଛନ୍ତି। ଶ୍ରୀ ଚନ୍ଦ୍ରଶେଖର କହିଛନ୍ତି ଯେ ଦେଶରେ ୨ଟି ବଡ ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ ହେବ। ଏଥିରୁ ଗୋଟିଏ ଟାଓ୍ୱର ସେମିକଣ୍ଡକ୍ଟରର ହୋଇପାରେ। ଇସ୍ରାଏଲ କମ୍ପାନୀ ପ୍ଲାଣ୍ଟରେ ୮ ବିଲିୟନ୍ ଡଲାର ନିବେଶ କରିବାକୁ ପ୍ରସ୍ତାବ ଦେଇଛି। ଏହାସହିତ ଆଉ ଏକ ପ୍ରସ୍ତାବ ଟାଟା ତରଫରୁ ଆସିଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଭାରତ ସେମିକଣ୍ଡକ୍ଟର ଉତ୍ପାଦନରେ ଅଗ୍ରଣୀ ରାଷ୍ଟ୍ର ତାଲିକାରେ ସାମିଲ ହେବାକୁ ଯାଉଛି। ବିଭିନ୍ନ କମ୍ପାନୀ ଭାରତରେ ଏ କ୍ଷେତ୍ରରେ କୋଟି କୋଟି ଟଙ୍କା ନିବେଶ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଏହି ପ୍ଲାଣ୍ଟରେ ୬୫, ୪୦



ଓ ୨୮ ନାନୋମିଟର ପ୍ରଯୁକ୍ତିବିଦ୍ୟାରେ ସେମିକଣ୍ଡକ୍ଟର ପ୍ରସ୍ତୁତ କରାଯିବ। ଅନ୍ୟ ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି। ସେ କହିଛନ୍ତି ଯେ ଏହି ପ୍ରସ୍ତାବକୁ ଚୟନ କରିବା ପୂର୍ବରୁ ବିଚାର ବିମର୍ଷ ଚାଲିଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ କାର୍ଯ୍ୟକାଳରେ ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିଯିବ। କେନ୍ଦ୍ରମନ୍ତ୍ରୀ ଟାଓ୍ୱାର ସେମିକଣ୍ଡକ୍ଟର ବ୍ୟତୀତ ଟାଟା ଗ୍ରୁପର ପ୍ରସ୍ତାବ ଉପରେ ମଧ୍ୟ ମୋହର ଲଗାଇଛନ୍ତି।

# ନିର୍ବାଚନ ସମୟରେ ବନ୍ଦ ହେବ ଡିପ୍‌ଫେକ୍ !

### ସହାୟତା କରିବେ ଟେକ୍ କମ୍ପାନୀ

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ଦିନକୁ ଦିନ ଦେଶରେ ବଢ଼ିବାରେ ଲାଗିଛି ଡିପ୍‌ଫେକ୍ ମାମଲା। ଚଳିତବର୍ଷ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ନିର୍ବାଚନସମୟରେଡିପ୍‌ଫେକ୍‌ଘଟଣାବଢ଼ିବ,ଯାହାକୁନେଇଏବେଠାରୁଆଶଙ୍କାବ୍ୟକ୍ତକରାଗଲାଣି। ତେବେ ମାଇକ୍ରୋସଫ୍ଟ, ମେଟା, ଗୁଗଲ୍, ଏକ୍ସ, ଆମାଜନ ଏବଂ ଓପନଏଆଇ ଭଳି ୨୦ ଟି ଅଗ୍ରଣୀ ବୈଷୟିକ କମ୍ପାନୀ ଚଳିତ ବର୍ଷ ଭାରତ ତଥା ବିଶ୍ୱର ଅନ୍ୟାନ୍ୟ ଦେଶରେ ନିର୍ବାଚନରେ ବିଭ୍ରାନ୍ତିକର ଏଆଇ ବିଷୟବସ୍ତୁ ଏବଂ ଡିପଫେକକୁ ରୋକିବାରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ (ଏମଏସସି)ରେ କମ୍ପାନୀଗୁଡିକ ୨୦୨୪ ନିର୍ବାଚନରେ ଏଆଇର ଜାଲିଆତି ବ୍ୟବହାରକୁ ମୁକାବିଲା କରିବା ପାଇଁ ଏକ ଟେକ୍ ଚୁକ୍ତି ସ୍ୱାକ୍ଷର କରିଥିଲେ। ଚଳିତବର୍ଷ ବିଶ୍ୱର ୪୦ରୁ ଅଧିକ ଦେଶରେ ଚାରି ବିଲିୟନରୁ ଅଧିକ ଲୋକ ଭୋଟ୍ ଦେବେ। ତେଣୁ ଟେକ୍ କମ୍ପାନୀଗୁଡିକ ଡିପଫେକ୍‌କୁ ନଇେ ବର୍ତ୍ତମାନ ବେଶ ସତର୍କ। ୨୦୨୪ ନିର୍ବାଚନରେ ଏଆଇର ଜାଲିଆତି ବ୍ୟବହାରକୁ ମୁକାବିଲା କରିବା ପାଇଁ ଟେକ୍ ଚୁକ୍ତି ହେଉଛି ଭୋଟରଙ୍କୁ ପ୍ରତାରଣା କରିବା ପାଇଁ ଡିଜାଇନ୍ ହୋଇଥିବା କ୍ଷତିକାରକ ଏଆଇ ଉତ୍ପାଦିତ ସାମଗ୍ରୀକୁ ପ୍ରତିହତ କରିବା ପାଇଁ ଟେକ୍ନୋଲୋଜି ନିୟୋଜନ କରିବାର ପ୍ରତିଶ୍ରୁତିର ଏକ ସେଟ୍। ଇଣ୍ଟରନେଟ୍‌ରେ ନକଲି ବିଷୟବସ୍ତୁ ବନ୍ଦ କରିବାରେ ଟେକ୍ କମ୍ପାନୀଗୁଡିକ ସାହାଯ୍ୟ କରିବେ। ଏହି ଚୁକ୍ତିରେ ଡିଜିଟାଲ୍ ବିଷୟବସ୍ତୁ ଅନ୍ତର୍ଭୂକ୍ତ ହୋଇଛି ଯେଉଁଥିରେ ଏଆଇ- ଉତ୍ପାଦିତ ଅଡିଓ, ଭିଡିଓ, ଏବଂ ଫଟୋ ସାମିଲ ହୋଇଛି ଯାହା ଗଣତାନ୍ତ୍ରିକ ନିର୍ବାଚନରେ ରାଜନୈତିକ ପ୍ରାର୍ଥୀ, ନିର୍ବାଚନ ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ହିତାଧିକାରୀଙ୍କ ରୂପ, ସ୍ୱର କିମ୍ବା କାର୍ଯ୍ୟକଳାପ ବିଷୟରେ ପ୍ରତାରଣାକାରୀ ଭାବରେ ପରିବର୍ତ୍ତନ କରିଥାଏ କିମ୍ବା ମିଥ୍ୟା ସୂଚନା ପ୍ରଦାନ କରିଥାଏ ।




### ଭାଇବ୍ରାଣ୍ଟ ଓଡିଶା କନ୍‌କ୍ଲେଭ -୨୦୨୪

# ‘ଅନୁକୂଳ ଓ ଉପଯୋଗୀ ନୀତି ରାଜ୍ୟର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଆଣିଛି’




ଭୁବନେଶ୍ୱର,୧୮।୨(ସମିସ)

ଓଡିଶାର ଅର୍ଥନୀତି ଏବେ ବେଶ୍ ସୁଦୃଢ ରହିଛି ଏବଂ ରାଜ୍ୟର ଅଭିବୃଦ୍ଧି ହାର ମଧ୍ୟ ବହୁତ ଉତ୍ସାହଜନକ ରହିଛି। ହେଲେ ଏହି ଅର୍ଥନୀତିର ସୁଫଳ କିଛି ଲୋକଙ୍କ ଭିତରେ ଯେମିତି ସୀମିତ ନ ରହି ସମାଜର ସବୁ ସ୍ତରର ଲୋକମାନଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟର ବିଶିଷ୍ଟ ଅର୍ଥନୀତିଜ୍ଞ, ଶିଳ୍ପ ବିଶେଷଜ୍ଞ, ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

ରବିବାର ଇଣ୍ଡସ୍ ଭ୍ୟାଲି ଟାଇମ୍ସ ପକ୍ଷରୁ ଆୟୋଜିତ ଭାଇବ୍ରାଣ୍ଟ ଓଡିଶା କନ୍‌କ୍ଲେଭ -୨୦୨୪ରେ ଭାଗ ନେଇ ବିଶେଷଜ୍ଞମାନେ କହିଛନ୍ତି ଯେ ରାଜ୍ୟର ଅର୍ଥନୀତି କିଭଳି ‘ସର୍ବବ୍ୟାପୀ’ ଏବଂ ‘ସମାବେଶୀ’ ହୋଇପାରିବ ସେ ନେଇ ସରକାର ଓ ବୁଦ୍ଧିଜୀବୀମାନେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏହି କନ୍‌କ୍ଲେଭରେ ଯୋଗଦେଇ ରାଜ୍ୟ ଉଚ୍ଚଶିକ୍ଷା ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ,ଏବେ ଧାରାବାହିକ ଭାବରେ ରାଜ୍ୟର ବାର୍ଷିକ ଅଭିବୃଦ୍ଧି ହାର ହାରାହାରି ୭ ପ୍ରତିଶତ ଉପରେ ରହୁଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏହିଅଭିବୃଦ୍ଧିର ସୁଫଳ ସରକାର ଜନସାଧାରଣଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଭିତ୍ତିଭୂମି ନିର୍ମାଣ ମାଧ୍ୟମରେ ଉପଲବ୍ଧ କରାଉଛନ୍ତି। ଏକ ସମୟ ଥିଲା ଯେତେବେଳେ ରାଜ୍ୟରେ ଯଥେଷ୍ଟ ପରିମାଣର ସେତୁ, ଭଲ ରାସ୍ତା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ନ ଥିଲା। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସରକାର ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା କରାଇପାରିଛନ୍ତି। ରାଜ୍ୟରେ ମାତ୍ର ତିନି ଗୋଟି ମେଡିକାଲ କଲେଜ ଥିଲା। ଏବେ ଏହି ସଂଖ୍ୟା ୧୭ରେ ପହଞ୍ଚିଛି। କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ କହିଲେ ନବୀନ ସରକାରଙ୍କ ଅଧୀନରେ ୨୪ ବର୍ଷ ମଧ୍ୟରେ ଓଡ଼ିଶା ଏକ ରାଜସ୍ୱ ନିଅଣ୍ଟ ଅର୍ଥନୀତିରୁ ଏକ ବଳକା ଅର୍ଥନୀତିରେ ପରିଣତ ହୋଇପାରିଛି। ରାଜ୍ୟର ରାଜନୈତିକ ସ୍ଥିରତା ଏବଂ ସକ୍ରିୟ ତଥା ଅନୁକୂଳ ଶିଳ୍ପ ନୀତି ଯୋଗୁଁ ଓଡିଶା ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥାନ ହୋଇପାରିଛି ବୋଲି ଶ୍ରୀ ଘଡାଇ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାମାଜିକ କର୍ମୀ ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇ)ର ସଭାପତି ଡ. ବ୍ରହ୍ମା ମିଶ୍ର ,ବିଶିଷ୍ଟ ଗବେଷକ ପ୍ରଫୁଲ୍ଲ କୁମାର ଧଳ ଓ ଅର୍ଥନୀତିଜ୍ଞ ଡ. ପ୍ରଭାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋହିତ ସାଗରରେ ୟେମେନର ହୁତି ବିଦ୍ରୋହୀଙ୍କ ଉତ୍ପାତ

### ପରିବହନଜନିତ ଖର୍ଚ୍ଚ ୭୦୦ ପ୍ରତିଶତ ବଢ଼ିଲା

**ନୂଆଦିଲ୍ଲୀ,୧୮।୨(ଏଜେନ୍ସି):** ଲୋହିତ ସାଗରରେ ୟେମେନର ହୁତି ବିଦ୍ରୋହୀଙ୍କ ଉତ୍ପାତ ଦିନକୁ ଦିନ ବଢିଚାଲିଛି। ଯାହାକୁ ନେଇ ଲୋହିତ ସାଗର ଦେଇ ଜାହାଜ ପରିବହନ କ୍ଷେତ୍ର ବେଶ ପ୍ରଭାବିତ ହୋଇଛି। ବିଶେଷକରି ଜାହାଜଗୁଡିକ ଉପରେ ବାରମ୍ବାର ଆକ୍ରମଣ ଯୋଗୁଁ ଏହି ରୁଟ୍ ଦେଇ ଜାହାଜ ଚଳାଚଳ ସମ୍ଭବ ହୋଇପାରୁନାହିଁ। ତେବେ ବିଭିନ୍ନ ଆରବ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସୁଥିବା ଜାହାଜ ଅନ୍ୟ ରୁଟ୍ ଦେଇ ଯାଉଥିବାମରୁ ପରିବହନ ଖର୍ଚ୍ଚ ବହୁଗୁଣିତ ହୋଇଛି। ହୁତି ସମସ୍ୟାକୁ ନେଇ ବର୍ତ୍ତମାନ ପରିବହନଜନିତ ବ୍ୟୟ ୬୦୦ ରୁ ୭୦୦ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ବୀମାଜନିତ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଏହାଛଡ଼ ଜାହାଜ କଣ୍ଟେନରର ମଧ୍ୟ ଅଭାବ ପରିଲକ୍ଷିତ ହୋଇଥିବା କୁହାଯାଇଛି। ଏଭଳି ସ୍ଥିତିରେ ଆନ୍ତର୍ଜାତିକ ପରିବହନ କ୍ଷେତ୍ର ସାମୂହିକ ଭାବେ ପ୍ରଭାବିତ ହୋଇଛି। ଭାରତରୁ ୟୁରୋପକୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ସାଧାରଣତଃ ଏହି ମାର୍ଗ ଦେଇ ଯାଇଥାଏ। ହୁତି ସମସ୍ୟା ପାଇଁ ଅନ୍ୟ ମାର୍ଗରେ ଯିବା ଦ୍ୱାରା ଠିକଣା ସମୟରେ କ୍ରେତା ସଂସ୍ଥାଙ୍କ ନିକଟରେ ମାଲ ପହଞ୍ଚିବା ସମ୍ଭବ ହେଉନାହିଁ। ଏହାବ୍ୟତୀତ କଣ୍ଟେନର ମୂଲ୍ୟ ମଧ୍ୟ ଅଧିକ ପଡୁଛି। ପୂର୍ବରୁ ୟୁରୋପକୁ ଯାଉଥିବା ଗୋଟିଏ କଣ୍ଟେନର ପାଇଁ ୪୦୦ ରୁ ୬୦୦ ଡଲାର ଦେବାକୁ ପଡୁଥିବା ବେଳେ ଏବେ ଏହି ମୂଲ୍ୟ ୪୦୦୦ ରୁ ୬୦୦୦ ଡଲାରରେ ପହଞ୍ଚିଛି। ଯାହାକୁ ନେଇ ଭାରତୀୟ ବୟନ ଶିଳ୍ପ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଛି ବୋଲି ବୟନ ସାମଗ୍ରୀ ରପ୍ତାନିକାରୀ କଲ୍ୟାଣ ସଂଘ ନିର୍ଦ୍ଦେଶକ ବିକାଶ ସିଂ ଚୌହାନ କହିଛନ୍ତି।

# ପିଆଜ ରପ୍ତାନୀ ଉପରୁ କଟକଣା ହଟିଲା

**ନୂଆଦିଲ୍ଲୀ ୧୮।୨(ଏଜେନ୍ସି):** କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ ଜାରି କରିଥିବା କଟକଣାକୁ ପ୍ରତ୍ୟାହାର କରିନେଇଛନ୍ତି। ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ପିଆଜ ରପ୍ତାନୀକୁ ଅନୁମୋଦନ ମିଳିଛି। ଦେଶରେ ବଢୁଥିବା ପିଆଜ ଦର ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏହାର ରପ୍ତାନୀ ଉପରେ ନିଷିଦ୍ଧାଦେଶ ଜାରି କରିଥିଲେ। ଏଥିପାଇଁ ସମୟସୀମା ୩୧ ମାର୍ଚ୍ଚ ୨୦୨୪ ରଖାଯାଇଥିଲା। ତେବେ ସମୟସୀମା ଶେଷ ହେବା ପୂର୍ବରୁ ଏହି କଟକଣା ପ୍ରତ୍ୟାହାର କରି ନିଆଯାଇଛି।



ଗୁଜରାଟ ଓ ମହାରାଷ୍ଟ୍ରର ପିଆଜ ଷ୍ଟକ୍‌କୁ ଦେଖି ସରକାର ରପ୍ତାନୀ କଟକଣା ନିଷ୍ପତ୍ତି ପ୍ରତ୍ୟାହାର କରି ନେଇଛନ୍ତି। କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ପିଆଜ ଚାଷୀଙ୍କ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ବିଚାରବିମର୍ଷ କରି ନିଶେଷଧାଦେଶ ହଟାଇବାକୁ ନିଷ୍ପତ୍ତି ହୋଇଛି। ପ୍ରଥମେ ଆସିଥିବା ରିପୋର୍ଟରେ ଆଶା କରାଯାଉଥିଲା ଯେ କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ ଜାରି କରିଥିବା କଟକଣା ହଟାଇ ପାରନ୍ତି। ଏହାର ମୁଖ୍ୟ କାରଣ ପିଆଜ ଆମଦାନୀ ହେଉଥିବା ସ୍ଥାନରେ ପିଆଜ ସମେତ ଅନ୍ୟ ପନିପରିବା ଦରରେ ଦେଖାଦେଇଥିବା ଦର ହ୍ରାସ ବୋଲି କୁହାଯାଇଛି। କମିଟି ବୈଠକରେ ପିଆଜ ରପ୍ତାନୀ କଟକଣା ହ୍ରାସ ସହ ୩ ଲକ୍ଷ ମେଟ୍ରିକ ଟନ ପିଆଜ ରପ୍ତାନୀକୁ ମଞ୍ଜୁରୀ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ପିଆଜ ଉତ୍ପାଦନରେ ହ୍ରାସ ଓ ଆକାଶ ଛୁଆଁ ମୂଲ୍ୟ ବୃଦ୍ଧିକୁ ଦେଖି କେନ୍ଦ୍ର ସରକାର ଗତ ଡିସେମ୍ବର ୮ରେ ପିଆଜ ରପ୍ତାନୀ ଉପରେ କଟକଣା ଜାରି କରିଥିଲେ। ଗତବର୍ଷ ଡିସେମ୍ବର ମାସରେ ଦେଶର ବଜାରରେ ପିଆଜ ଦର ବଢିବା ଆରମ୍ଭ ହୋଇଥିଲା ଓ ଦେଖୁ ଦେଖୁ କେଜି ପିଛା ଦର କିଲୋ ପିଛା ୧୦୦ ଟଙ୍କାକୁ ଛୁଇଁଥିଲା।




## ୱାକୋ ଇଣ୍ଡିଆ ଓପନ୍ ଅନ୍ତର୍ଜାତୀୟ କିକ୍ ବକ୍ସିଂ

# ୧୩ ସ୍ୱର୍ଣ୍ଣ ସମେତ ଓଡ଼ିଶାକୁ ୨୮ ପଦକ




**କଟକ,୧୮ ।୨(ସମିସ):** ୱାକୋ ଇଣ୍ଡିଆ ଓପନ୍ ଅନ୍ତର୍ଜାତୀୟ କିକ୍ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୨୮ ଟି ପଦକ ଜିତିଛି । ଏହା ଭିତରେ ୧୩ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଏବଂ ୮ ଟି କାଂସ୍ୟ ପଦକ ରହିଛି । କେନ୍ଦୁଝରର ଅଂଶୁମାନ ପ୍ରସାଦ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ୩୨ କେଜିରୁ କମ୍ ଓଜନ ବର୍ଗରେ ଅଂଶୁମାନ ଏହି ସଫଳତା ହାସଲ କରିଛନ୍ତି । କେନ୍ଦୁଝରର ଦିବ୍ୟାଂଶୀ ପଣ୍ଡା ୨ ରୌପ୍ୟ ପଦକ, ମହକମ ସିଂହ ଗୋଟିଏ ସ୍ୱର୍ଣ୍ଣ ଏବଂ କାଂସ୍ୟ, ହିମତ ସିଂହ କାଂସ୍ୟ, ଅନୀତା ଗୋପ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିପରି ସୁନ୍ଦରଗଡର ଆଶିଷ ଓରାମ ସ୍ୱର୍ଣ୍ଣ ଓ କାଂସ୍ୟ, ଅତୁଲ ଓରାମ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ, ପ୍ରତୀକ କୁମାର ରାୟ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ, ବିଲୁ ତିର୍କୀ ରୌପ୍ୟ ଏବଂ କାଂସ୍ୟ ପଦକ ଜିତିଛନ୍ତି । ଅନୁଗୁଳର ସୋମେଶ ସମୋତା ସ୍ୱର୍ଣ୍ଣ ଏବଂ କାଂସ୍ୟ, ସୁଚିସ୍ମିତା ଅମାନ୍ତ ରୌପ୍ୟ ଏବଂ କାଂସ୍ୟ ପଦକ, ସୁଚିସ୍ମିତା ସାମଲ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ, ମନୀଷା ବେହେରା ସ୍ୱର୍ଣ୍ଣ ଏବଂ କାଂସ୍ୟ ପଦକ, ମାନସ ରଞ୍ଜନ ଅମାନ୍ତ ସ୍ୱର୍ଣ୍ଣ ପଦକ, କୋରାପୁଟର ରେହାନ ଖାନ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ, କଟକର ବବି ପ୍ରତିହାରୀ ସ୍ୱର୍ଣ୍ଣ ଏବଂ କାଂସ୍ୟ ପଦକ ହାସଲ କରିଛନ୍ତି । ପ୍ରକାଶଯୋଗ୍ୟ, ଏହି ପ୍ରତିଯୋଗିତାରେ ୨୨ଟି ଦେଶର ପ୍ରାୟ ୨ହଜାର ପ୍ରତିଯୋଗୀ ଭାଗ ନେଇଛନ୍ତି ।

# ଆମେରିକାକୁ ସୁଟ୍‌ଆଉଟ୍ କଲା ଭାରତ

## ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍

**ରାଉରକେଲା,୧୮ ।୨(ସମିସ):** ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌ରେ ଭାରତ ଲେଗ୍‌ର ଅନ୍ତିମ ମୁକାବିଲାରେ ଘରୋଇ ଭାରତୀୟ ଦଳ ବିଜୟ ସହ ଅଭିଯାନ ଶେଷ କରିଛି । ରବିବାର ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମିନି ଟୁର୍ଣ୍ଣାମେଣ୍ଟର ଅନ୍ତିମ ମ୍ୟାଚ୍‌ରେ ଭାରତ ପେନାଲ୍ଟି ସୁଟ୍‌ଆଉଟରେ ଆମେରିକାରୁ ୨-୧ ଗୋଲରେ ପରାସ୍ତ କରିଛି । ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା । ୧୯ତମ ମିନିଟ୍‌ରେ ଦୀପିକା ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ । ସେହିପରି ୪୫ତମ ମିନିଟ୍‌ରେ ଆମେରିକାର ଆଶଲେ ସେସା ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ । ଫଳରେ ପେନାଲ୍ଟି ସୁଟ୍ ଆଉଟର ସହାୟତା ନିଆଯାଇଥିଲା ଓ ଶେଷରେ ଭାରତ ବାଜି ମାରିଥିଲା । ଏଥିସହ ଭାରତ ୮ଟି ମ୍ୟାଚ ଖେଳି ୨ ବିଜୟ, ଗୋଟିଏ ଡ୍ର, ୫ ପରାଜୟ ଓ ସୁଟ୍‌ଆଉଟ୍ ବୋନସ ସହ ୮ ଅଙ୍କ ହାସଲ କରି ତାଲିକାର ୫ମ ସ୍ଥାନରେ ରହିଛି । ସେହିପରି ଆମେରିକା ଗୋଟିଏ ଅଙ୍କ ପାଇ ୮ମ ସ୍ଥାନରେ ରହିଛି ।

### ଅଷ୍ଟ୍ରେଲିଆକୁ ହରାଇଲା ନେଦରଲାଣ୍ଡସ

ବିର୍ସା ମୁଣ୍ଡାରେ ରବିବାର ପ୍ରଥମ ମ୍ୟାଚ୍‌ରେ ନେଦରଲାଣ୍ଡସ ୩-୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ନେଦରଲାଣ୍ଡସ ଏଥିସହ ମୋଟ୍ ୧୨ଟି ମ୍ୟାଚ୍ ଖେଳି ୧୨ଟି ବିଜୟ ସହ ୩୬ ଅଙ୍କ ହାସଲ କରି ତାଲିକା ଶୀର୍ଷରେ ରହିଛି । ସେହିପରି ଅଷ୍ଟ୍ରେଲିଆ ୮ ମ୍ୟାଚ୍ ଖେଳି ୪ ବିଜୟ ଓ ୪ ପରାଜୟ ସହ ୧୨ ଅଙ୍କ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି ।

# ଓଏଫ୍‌ସିର ଏଆଇଏଫ୍‌ଏଫ୍ ଡି' ଲାଇସେନ୍ସ ପାଠ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର,୧୮ ।୨(ସମିସ):** ରାଜ୍ୟରେ ଫୁଟବଲ ପ୍ରଶିକ୍ଷଣ ନେଇ ପ୍ରତିଭାର ଚିହ୍ନଟ ଓ ଏହାର ବିକାଶ ନିମନ୍ତେ ପ୍ରଥମଥର ପାଇଁ ଏଠାରେ ଓଡ଼ିଶା ଏଫସି (ଓଏଫ୍‌ସି) ଆନୁକୂଲ୍ୟରେ ସର୍ବ ଭାରତୀୟ ଫୁଟବଲ ଫେଡେରେସନ (ଏଆଇଏଫ୍‌ଏଫ୍) ଡି' ଲାଇସେନ୍ସ ପାଠ୍ୟକ୍ରମ ଆୟୋଜିତ ହୋଇଛି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ଓ ରିଲାଏନ୍ସ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଓଏଫ୍‌ସି ଏହାକୁ ସଫଳତାର ସହ ଆୟୋଜନ କରିଛି । ୨୨ରୁ ୬୯ ବୟସ ମଧ୍ୟରେ ମୋଟ୍ ୧୮ ଜଣ ପ୍ରଶିକ୍ଷକ ଏହି ୫ ଦିନିଆ ପାଠ୍ୟକ୍ରମରେ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରେ ଜଣେ ମହିଳା ପ୍ରଶିକ୍ଷକ ମଧ୍ୟ ସାମିଲ ରହିଛନ୍ତି । ଏଆଇଏଫ୍‌ଏଫ୍ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ ପ୍ରଶିକ୍ଷକ ପିୟ ଦର୍ଶନ ଏହା ନେତୃତ୍ୱ ନେଇଥିଲେ । ରାଜ୍ୟରେ ଫୁଟବଲ ବିକାଶ ଆମର ମୂଳ ଲକ୍ଷ୍ୟ ବୋଲି ଓଏଫ୍‌ସି ଅଧ୍ୟକ୍ଷ ରାଜ ଅଠୱାଲ ଏହି ଅବସରରେ କହିଛନ୍ତି । ସେହିପରି ଓଏଫ୍‌ସି ବରିଷ୍ଠ ଦଳର ସହାୟକ କୋଚ୍ ସନ୍ତୋଷ କାଶ୍ୟପ୍ ମଧ୍ୟ ଛୋଟଛୋଟ ଏକାଡେମୀ ଚଳାଉଥିବା ପ୍ରଶିକ୍ଷକମାନଙ୍କୁ ଲାଇସେନ୍ସ ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ପାଠ୍ୟକ୍ରମ ଦ୍ୱାରା ଏହା ସମ୍ଭବ ହେବ ବୋଲି ସେ କହିଛନ୍ତି । ସେହିପରି କ୍ଲବର ୟୁଥ ଓ ଗ୍ରାସରୁଟ ମ୍ୟାନେଜର ବିଶେଷ କୁମାର ପଣ୍ଡା ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି ।

# କାରାଗାର ଅନ୍ତେବାସୀଙ୍କୁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ପ୍ରଶିକ୍ଷଣ




**ଭୁବନେଶ୍ୱର,୧୮ ।୨(ସମିସ):** ରାଜ୍ୟ ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସଆର ଚେସ୍ ପ୍ରଶିକ୍ଷଣ ସେଣ୍ଟର ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କୁ ଗୁଣାତ୍ମକ ଚେସ୍ ପ୍ରଶିକ୍ଷଣ ଦିଆଯାଉଛି । ଅନ୍ତେବାସୀମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଭାରତୀୟ ତୈଳ ନିଗମ ସହଯୋଗରେ ଏହି ପ୍ରଶିକ୍ଷଣ ଶିବିର ଚାଲୁ ରହିଛି । ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଏହି ଶିବିରର ଉଦ୍‌ଘାଟନ କରିଥିଲେ । ତୈଳ ନିଗମର ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ମୁଖ୍ୟ ମହା ପ୍ରବନ୍ଧକ ପୀୟୂଷ ମିତ୍ତଲ, ମାନବ ସମ୍ବଳ ମହା ପ୍ରବନ୍ଧକ ଡିପି ଶତପଥୀ, ଜିସି ପ୍ରଧାନ ଓ ଜେଲ ସୁପରଟେଣ୍ଡେଣ୍ଟ କୃଷ୍ଣଚନ୍ଦ୍ର ରାଉତ ଏହି ଅବସରରେ ଉପସ୍ଥିତ ଥିଲେ । ପ୍ରିଜନ ଟୁ ପ୍ରାଇଡ କାର୍ଯ୍ୟକ୍ରମରେ ଏସ୍ ଚେସ୍ ପକ୍ଷରୁ ଅଧ୍ୟକ୍ଷ ଶୁଭାସିସ୍ ପଟ୍ଟନାୟକ, ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଜାତୀୟ କୋଚ୍ ଅବିନାଶ ଦାସ, ସତ୍ୟଜିତ୍ ପଟ୍ଟନାୟକ, ସୁବାଶ ଚନ୍ଦ୍ର ଶତପଥୀ ଓ ମନୋଜ କୁମାର ରାୟ ପ୍ରଶିକ୍ଷଣ ଦେଉଛନ୍ତି । ତୈଳ ନିଗମ ବିରଷ୍ଠ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ● ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ

# ସମ୍ବଲପୁର ଓ କିଟ୍ ଗ୍ରୁପ୍ ଚାମ୍ପିଅନ

**ଭୁବନେଶ୍ୱର, ୧୮।୨ (ସମିସ):** ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ମିଳିତଭାବେ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆୟୋଜନ କରିଥିଲେ । ଏଥିରେ ଭାଗ ନେଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ୪ଟି ଗ୍ରୁପ୍ ଭାଗ କରାଯାଇଥିଲା । ଏହା ମଧ୍ୟରୁ ଗ୍ରୁପ୍-ସି'ରେ ସମ୍ବଲପୁର ଓ ଗ୍ରୁପ୍-ଡି'ରେ କିଟ୍ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଗ୍ରୁପ୍-ଏ'ରେ ମଗଧ ଓ ବି'ରେ ବର୍ଦ୍ଧମାନେ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି । ପ୍ରତ୍ୟେକ ଗ୍ରୁପ୍ ଚାମ୍ପିଅନ ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛି । ଏହା ଭୁବନେଶ୍ୱର କିଟ୍ ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ସୋମବାରଠାରୁ ଆରମ୍ଭ ହେବ ।

## ● ଅଡିଟ୍ ଓ ଏକାଉଣ୍ଟସ ପୂର୍ବାଞ୍ଚଳ ହକି

# ଓଡ଼ିଶା ଏଜିକୁ ଟାଇଟଲ୍




**ଭୁବନେଶ୍ୱର,୧୮ ।୨(ସମିସ):** କଳିଙ୍ଗ ହକି ଷ୍ଟାଡିୟମରେ ସ୍ଥାନୀୟ ରବିବାର ପ୍ରଧାନ ମହାଲେଖାକାର ଅଡିଟ୍ କାର୍ଯ୍ୟାଳୟ ଆନୁକୂଲ୍ୟରେ ଓ ଏଜି ରିକ୍ରେସନ କ୍ଲବ ସହଯୋଗରେ ଆୟୋଜିତ ଭାରତୀୟ ଅଡିଟ୍ ଓ ଏକାଉଣ୍ଟସ ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ଏଜି ଚାମ୍ପିଅନ ହୋଇଛି । ଓଡ଼ିଶା ଏଜି ଫାଇନାଲ ମୁକାବିଲାରେ ଗତଥରର ଚାମ୍ପିଅନ ପଶ୍ଚିମବଙ୍ଗ ଦଳକୁ ୯-୩ ଗୋଲ ବୃହତ୍ ବ୍ୟବଧାନରେ ପରାସ୍ତ କରି ଟାଇଟଲ ହାସଲ କରିଛି । ଓଡ଼ିଶା ଦଳର ପରିଚାଳକ ତାପସ ଦାସ ଓ ପ୍ରଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଖେଳାଳିଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ରେଫରୀ ଏଇ ନନ୍ଦକୁମାର, ଏସ୍‌ଏସ୍ ଯାଦବ, ବି. ନରସିଂହ ରାଓ ଓ ମହମ୍ମଦ ଇଲିୟାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନୀ ସମାରୋହରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କି ମୁଖ୍ୟ ଅତିଥି ରୂପେ ଓ ପ୍ରଧାନ ମହାଲେଖାକାର ରାଜ କୁମାର, ମହାଲେଖାକାର ବିଶ୍ୱନାଥ ସିଂ ଜାଦେନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଓ ଉପ- ବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ ।

# MATRIC MATE

BSE ODISHA MATRIC EXAM-2024

## SUBJECT : MATH

PROBABLE QUESTION PAPER

## OBJECTIVE

1. 24, 26, 21, 23, 35, 23, 26, 24, 22, 24 ତଥ୍ୟାବଳୀର ଗରିଷ୍ଠକ କେତେ ?
   (A) 23 (B) 24 (C) 22 (D) 26
2. କୌଣସି ତଥ୍ୟାବଳୀର ଗରିଷ୍ଠକ 35 ଓ ମାଧ୍ୟମାନ 30 ହେଲେ, ମଧ୍ୟମା କେତେ ହେବ ?
   (A) 30 (B) 31.6 (C) 40 (D) 55.7
3. 5, 8, 3, 7, 11, 27 ଓ 16 ଲବ୍ଧାଙ୍କ ଗୁଡିକର ମଧ୍ୟମା କେତେ ?
   (A) 10 (B) 9 (C) 8 (D) 7
4. a ସଂଖ୍ୟକ ବାଳକମାନଙ୍କର ମାଧ୍ୟମାନ ବୟସ 12 ବର୍ଷ ଓ b ସଂଖ୍ୟକ ବାଳିକାମାନଙ୍କର ମାଧ୍ୟମାନ ବୟସ 10 ବର୍ଷ ହେଲେ, ସମସ୍ତ ବାଳକ ବାଳିକାମାନଙ୍କର ମାଧ୍ୟମାନ ବୟସ କେତେ ବର୍ଷ ହେବ ?
   (A) $\frac{10a+12b}{a+b}$ (B) $\frac{10a+12b}{10+12}$ (C) $\frac{12a+10b}{a+b}$ (D) $\frac{12a+10b}{10+12}$
5. $x_1, x_2, x_3 \dots x_6$ ର ମାଧ୍ୟମାନ m ହେଲେ $\sum_{i=1}^{6}(x_i - m)$ କେତେ ?
   (A) 5m (B) 0 (C) 6m (D) m
6. (–2, –3) ବିନ୍ଦୁଟି କାର୍ଟେଜୀୟ ସମତଳର କେଉଁ ପାଦରେ ଅବସ୍ଥିତ ?
   (A) ଦ୍ୱିତୀୟ (B) ତୃତୀୟ (C) ଚତୁର୍ଥ (D) ପ୍ରଥମ
7. ଗୋଟିଏ ରେଖାଖଣ୍ଡର ମଧ୍ୟବିନ୍ଦୁର ସ୍ଥାନାଙ୍କ (0, 0) ଏବଂ ଏହାର ଏକ ପ୍ରାନ୍ତବିନ୍ଦୁର ସ୍ଥାନାଙ୍କ (2, 3) । ଅନ୍ୟ ପ୍ରାନ୍ତବିନ୍ଦୁର ସ୍ଥାନାଙ୍କ କେତେ ?
   (A) (–3, –2) (B) (–2, –3) (C) (2, 3) (D) (3, 2)
8. y = 5x + 2 ର y ଛେଦାଂଶ କେତେ ?
   (A) 2 (B) $\frac{2}{5}$ (C) $\frac{5}{2}$ (D) –2
9. (–2, 3) ଓ (5, –7) ବିନ୍ଦୁଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡକୁ 3 : 4 ଅନୁପାତରେ ଅନ୍ତର୍ବିଭକ୍ତ କରୁଥିବା ବିନ୍ଦୁର ସ୍ଥାନାଙ୍କ କେତେ ?
   (A) $\left(1, -\frac{9}{7}\right)$ (B) $\left(1, \frac{-7}{9}\right)$ (C) $\left(-\frac{7}{9}, 1\right)$ (D) $\left(\frac{7}{9}, -1\right)$
10. (2, 5), (–3, 5), (0, 5) ଶୀର୍ଷବିନ୍ଦୁ ତ୍ରିଭୁଜର କ୍ଷେତ୍ରଫଳ କେତେ ବର୍ଗ ଏକକ ହେବ ?
    (A) –5 (B) 3 (C) 0 (D) 10
11. ଆମ ଦେଶରେ ମୋଟରଯାନ ଆଇନ୍ କେବେଠାରୁ କାର୍ଯ୍ୟକାରୀ ହୋଇଛି ?
    (A) 1998 (B) 1989 (C) 1990 (D) 2019
12. ଆମ ରାଜ୍ୟରେ online ପ୍ରଦୂଷଣ ପ୍ରମାଣପତ୍ର କେବେଠାରୁ ଦିଆଯାଇଛି ?
    (A) October 1, 2019 (B) October 1, 2018 (C) October 1, 2019 (D) October 15, 2018
13. ନିଶାସକ୍ତ ହୋଇ ଗାଡି ଚଳାଇଲେ ଜୋରିମାନା ରାଶି କେତେ ଟଙ୍କା ଦେବାକୁ ପଡେ ?
    (A) 10,000 (B) 15,000 (C) 20,000 (D) 1,500
14. 10cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃ ର କେନ୍ଦ୍ରଠାରୁ ଉକ୍ତ ବୃ ର 16cm ଦୀର୍ଘ ଏକ ଜ୍ୟା ପ୍ରତି ଅଙ୍କିତ ଲମ୍ବର ଦୈର୍ଘ୍ୟ କେତେ ସେ.ମି ହେବ ?
    (A) 12 (B) 9 (C) 6 (D) 18
15. ABCD ବୃ ାନ୍ତଲିଖିତ ଚତୁର୍ଭୁଜରେ $m\angle A = 70^0, m\angle B = 120^0$ ହେଲେ $m\angle C$ ଓ $m\angle D$ ଅନ୍ତର କେତେ ହେବ ?
    (A) $35^0$ (B) $50^0$ (C) $60^0$ (D) $95^0$
16. ଦ ଚିତ୍ରରେ O ବୃ ର କେନ୍ଦ୍ର ଓ $m\widehat{AEB} = 100^0$ । $m\angle BDC =$ କେତେ ?
    
    
    (A) $40^0$ (B) $50^0$ (C) $60^0$ (D) $80^0$
17. ପାର୍ଶ୍ୱସ୍ଥ ଚିତ୍ରରେ AB ବ୍ୟାସ । $m\angle ADC = 140^0$ ହେଲେ $m\angle BAC =$ ______ ।
    
    
    (A) $40^0$ (B) $50^0$ (C) $60^0$ (D) କେଉଁଟି ନୁହେଁ
18. ଏକ ବୃ ାନ୍ତର୍ଲିଖିତ ଚତୁର୍ଭୁଜର ବାହୁମାନେ କେନ୍ଦ୍ରଠାରୁ ସମଦୂରବ ୀ ହେଲେ ଏହା ଏକ ------ ।
    (A) ଆୟତଚିତ୍ର (B) ବର୍ଗଚିତ୍ର (C) ରମ୍ବସ (D) କୌଣସିଟି ନୁହେଁ
19. ପାର୍ଶ୍ୱସ୍ଥ ଚିତ୍ରରେ $\overline{PS} \parallel \overline{QR}$ ହେଲେ $\angle RSM$ ପରିମାଣ କେତେ ?
    
    
    (A) $100^0$ (B) $110^0$ (C) $120^0$ (D) $140^0$
20. ଗୋଟିଏ ବୃ ରେ ଏକ ଚାପର ଡିଗ୍ରୀପରିମାପ ଏକ ସମକୋଣ ହେଲେ ସମ୍ପୃକ୍ତ ଜ୍ୟା ଓ ବ୍ୟାସାର୍ଦ୍ଧର ଦୈର୍ଘ୍ୟାନୁପାତ କେତେ ?
    (A) 1 : 2 (B) $\sqrt{3}:1$ (C) $1:\sqrt{2}$ (D) $\sqrt{2}:1$
21. ଗୋଟିଏ ସରଳ ପ୍ରିଜମ୍‌ର ଭୂମି $8\sqrt{2}$ ସେ.ମି ଦୀର୍ଘ କର୍ଣ୍ଣ ବିଶିଷ୍ଟ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ । ଏହାର ଉଚ୍ଚତା 10 ସେ.ମି ହେଲେ, ଆୟତନ କେତେ ଘନ ସେ.ମି ହେବ ?
    (A) $640\sqrt{2}$ (B) 640 (C) $320\sqrt{2}$ (D) 320
22. ଗୋଟିଏ ତ୍ରିଭୁଜାକୃତି ଭୂମି ବିଶିଷ୍ଟ ପ୍ରିଜିମ୍‌ର ଭୂମିର ବାହୁମାନଙ୍କର ଦୈର୍ଘ୍ୟ 6 ସେ.ମି, 8 ସେ.ମି ଏବଂ 10 ସେ.ମି । ପ୍ରିଜିମ୍‌ର ଉଚ୍ଚତା 20 ସେ.ମି ହେଲେ ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ସେ.ମି ?
    (A) 240 (B) 400 (C) 480 (D) 720
23. ଗୋଟିଏ ସିଲିଣ୍ଡରର ଉଚ୍ଚତା ଏହାର ଭୂମିର ବ୍ୟାସର ଦୁଇଗୁଣ ଏବଂ ଏହାର ଆୟତନ 539 ଘନ ସେ.ମି । ସିଲିଣ୍ଡରର ଭୂମିର ବ୍ୟାସ କେତେ ସେ.ମି ?
    (A) 10.5 (B) 7 (C) 3.5 (D) 14
24. $\cos(60^0 + A) + \cos(60^0 - A)$ ର ମାନ କେତେ ?
    (A) $\frac{\sqrt{3}}{2}\sin A$ (B) $\frac{\sqrt{3}}{2}\cos A$ (C) $\cos A$ (D) $2\sin A$
25. ଗୋଟିଏ କୋନ୍‌ର ଭୂମିର ବ୍ୟାସାର୍ଦ୍ଧ 6 ସେ.ମି ଏବଂ ଉଚ୍ଚତା 21 ସେ.ମି ହେଲେ ଏହାର ଘନଫଳ କେତେ ଘନ ସେ.ମି ?
    (A) 314 (B) 792 (C) 44 (D) 88
26. ଗୋଟିଏ ତଥ୍ୟାବଳୀର ମାଧ୍ୟମାନ ଓ ଗରିଷ୍ଠକ ଯଥାକ୍ରମେ 30.6 ଓ 30 ହେଲେ, ମଧ୍ୟମା କେତେ ହେବ ?
    (A) 20.4 (B) 25.5 (C) 30.4 (D) 35.6
27. 5 ଟି ସଂଖ୍ୟାର ମାଧ୍ୟମାନ 27, ଏଥିମଧ୍ୟରୁ ଗୋଟିଏ ସଂଖ୍ୟାକୁ ବାଦଦେଲେ ମାଧ୍ୟମାନ 25 ହୁଏ । ବାଦ୍ ପଡିଥିବା ସଂଖ୍ୟାଟି କେତେ ?
    (A) 35 (B) 10 (C) 27 (D) 18
28. ଭୁଲକ୍ରମେ 36 କୁ 63 ନେଇ 5 ଟି ସଂଖ୍ୟାର ମାଧ୍ୟମାନ 45 ହେଲା, ତେବେ 5 ଟି ସଂଖ୍ୟାର ପ୍ରକୃତ ମାଧ୍ୟମାନ କେତେ ?
    (A) 36.5 (B) 39.6 (C) 42 (D) 42.5
29. 45, 49, 52, 53, 67, 77, 81, 99 ତଥ୍ୟାବଳୀ ସହ 89 ତଥ୍ୟକୁ ନିଆଯାଏ ତେବେ ତଥ୍ୟାବଳୀର ମଧ୍ୟମାରେ କେତେ ବୃଦ୍ଧି ଘଟିବ ?
    (A) 8 (B) 7 (C) 6 (D) 5
30. $x_1, x_2, \dots x_n$ ର ମାଧ୍ୟମାନ M ହେଲେ $\sum_{i=1}^{n}(x_i - 5) = 60$ ଓ $\sum_{i=1}^{n}(x_i - 8) = 24$ ହେଲେ n ର ମାନ କେତେ ?
    (A) 5 (B) 8 (C) 10 (D) 12
31. ଯଦି x < 0, y > 0 ହୁଏ, ତେବେ ନିମ୍ନୋକ୍ତ କେଉଁ ବିନ୍ଦୁଟି ତୃତୀୟ ପାଦରେ ରହିବ ?
    (A) (–x, y) (B) (x, y) (C) (–x, –y) (D) (x, –y)
32. ଗୋଟିଏ ରେଖାଖଣ୍ଡର ମଧ୍ୟବିନ୍ଦୁର ସ୍ଥାନାଙ୍କ (5, 8) । ଯଦି ରେଖାଖଣ୍ଡର ଗୋଟିଏ ପ୍ରାନ୍ତବିନ୍ଦୁ (3, 5) ହୁଏ, ତେବେ ଅନ୍ୟ ପ୍ରାନ୍ତବିନ୍ଦୁର ସ୍ଥାନାଙ୍କ କେତେ ?
    (A) (6, 8) (B) (7, 11) (C) (3, 9) (D) (5, 11)
33. (0, 2) ଓ (2, 0) ବିନ୍ଦୁଦ୍ୱୟକୁ ଯୋଗକରୁଥିବା ରେଖାଖଣ୍ଡକୁ 3 : 2 ଅନୁପାତରେ ଅନ୍ତର୍ବିଭକ୍ତ କରୁଥିବା ବିନ୍ଦୁର ସ୍ଥାନାଙ୍କ କେତେ ?
    (A) $\left(\frac{2}{3}, \frac{4}{3}\right)$ (B) $\left(1, \frac{5}{3}\right)$ (C) $\left(\frac{6}{5}, \frac{4}{5}\right)$ (D) (0, 0)
34. (2, 3), (0, 5) ଓ (1, y) ସ୍ଥାନାଙ୍କ ବିଶିଷ୍ଟ ବିନ୍ଦୁତ୍ରୟ ଏକାରେଖୀୟ ରହିଲେ y ର ମାନ କେତେ ?
    (A) –2 (B) 4 (C) 6 (D) –4
35. ଗୋଟିଏ ତ୍ରିଭୁଜର ଶୀର୍ଷବିନ୍ଦୁମାନଙ୍କର ସ୍ଥାନାଙ୍କ ଯଥାକ୍ରମେ (1, 3) (–7, 6) ଓ (5, –1) ହେଲେ ତ୍ରିଭୁଜଟିର କ୍ଷେତ୍ରଫଳ କେତେ ?
    (A) 8 (B) 10 (C) 12 (D) 6
36. ଜାତୀୟ ନିରାପ ା ପରିଷଦ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ପିଛା କରିବା ଦୂରତା ଅତିକମ୍‌ରେ କେତେ ହେବା ଦରକାର ?
    (A) 2 ସେକେଣ୍ଡ (B) 4 ସେକେଣ୍ଡ (C) 3 ସେକେଣ୍ଡ (D) 10 ସେକେଣ୍ଡ
37. ପୁରୁଣା ଗାଡି ପାଇଁ ପ୍ରଦୁଷଣ ପ୍ରମାଣପତ୍ର କେତେ ଦିନ ପାଇଁ ବୈଧ ଅଟେ ?
    (A) 6 month (B) 2 month (C) 8 month (D) 9 month
38. ବିନା ଲାଇସେନ୍ସରେ ଗାଡି ଚଳାଇଲେ ଜୋରିମାନା ରାଶି କେତେ ଟଙ୍କା ଦେବାକୁ ପଡେ ?
    (A) 9000 (B) 2000 (C) 5000 (D) 10000
39. ଗୋଟିଏ ସରଳ ତ୍ରିଭୁଜାକାର ଭୂମି ବିଶିଷ୍ଟ ପ୍ରିଜମର ଭୂମିର ବାହୁମାନଙ୍କର ଦୈର୍ଘ୍ୟ 15m, 15m ଓ 24m । ପ୍ରିଜମର ଉଚ୍ଚତା 18m ହେଲେ ଏହାର ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ମିଟର ହେବ ?
    (A) 972 (B) 1024 (C) 1232 (D) 784
40. ଗୋଟିଏ ସିଲିଣ୍ଡରର ଭୂମିର କ୍ଷେତ୍ରଫଳ 1386 ବର୍ଗ ସେ.ମି । ଏହାର ଉଚ୍ଚତା 36cm ହେଲେ ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ସେ.ମି ?
    (A) 6568 (B) 3724 (C) 7524 (D) 8281

## SUBJECTIVE

1. ସୋପାନ ବିଚ୍ୟୁତି ପ୍ରଣାଳୀ ନିମ୍ନ ସାରଣୀର ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ ସ୍ଥିର କର ।

| ସଂଭାଗ | 20 – 30 | 30 – 40 | 40 – 50 | 50 – 60 | 60 – 70 | 70 – 80 |
|---|---|---|---|---|---|---|
| ବାରମ୍ବାରତା (f) | 10 | 6 | 8 | 12 | 5 | 9 |

କିମ୍ବା ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ | 0 – 8 | 8 – 16 | 16 – 24 | 24 – 32 | 32 – 40 | 40 – 48 |
|---|---|---|---|---|---|---|
| ବାରମ୍ବାରତା (f) | 6 | 11 | 16 | 26 | 18 | 13 |

2. A (p + 1, 1), B(2p + 1, 3) ଓ (2p + 2, 2p) ବିନ୍ଦୁତ୍ରୟ ଏକ ରେଖୀୟ ହେଲେ p ର ମାନ ସ୍ଥିର କର ।

କିମ୍ବା x ର କେଉଁ ମାନ ପାଇଁ C(x, 3) ବିନ୍ଦୁ, A (2, 4), B (3, 5) ବିନ୍ଦୁଦ୍ୱୟଠାରୁ ସମାନ ଦୂରରେ ରହିବ ?

3. ଏକ ବୃତ୍ତାନ୍ତ ଲିଖିତ ଚତୁର୍ଭୁଜର ବିପରୀତ କୋଣମାନ ପରସ୍ପର ପରିପୂରକ ପ୍ରମାଣ କର ।
4. A ଓ B କେନ୍ଦ୍ର ବିଶିଷ୍ଟ ଦୁଇଟି ବୃ ପରସ୍ପରକୁ P ଓ Q ବିନ୍ଦୁରେ ଛେଦକରନ୍ତି । P ମଧ୍ୟଦେଇ $\overline{AB}$ ସହିତ ସମାନ୍ତର ସରଳରେଖା ବୃ ଦ୍ୱୟକୁ M ଓ N ବିନ୍ଦୁରେ ଛେଦକରେ । ପ୍ରମାଣ କର ଯେ MN = 2AB ।

OR ABCD ଏକ ବୃତ୍ତାର୍ନ୍ତଲିଖିତ ଚତୁର୍ଭୁଜ । AD = BC ହେଲେ ପ୍ରମାଣ କରଯେ AC = BD ଏବଂ $\overline{AB} \parallel \overline{CD}$ ।

**Answer:** 1. (B), 2. (B), 3. (C), 4. (C), 5. (B), 6. (B), 7. (B), 8. (A), 9. (A), 10. (C), 11. (B), 12. (C), 13. (A), 14. (C), 15. (B), 16. (A), 17. (B), 18. (B), 19. (B), 20. (D), 21. (D), 22. (C), 23. (B), 24. (C), 25. (B), 26. (C), 27. (A), 28. (B), 29. (B), 30. (D), 31. (D), 32. (B), 33. (C), 34. (B), 35. (B), 36. (C), 37. (A), 38. (C), 39. (A), 40. (C)

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
**SARASWATI VIDYA MANDIR**
Neelakantha Nagar, Berhampur, GM.

ଗତ ଦୁଇ ମାସ ଧରି ଏହି ସ୍ତମ୍ଭରେ CBSE Board Class 10th ଏବଂ BSE Odisha Class 10th Board Exam 2023-24ର ପ୍ରଶ୍ନୋତ୍ତରୀ ମାର୍ଗଦର୍ଶିକା ନିୟମିତ ପ୍ରକାଶ ପାଉଥିଲା । ଆଶା କରୁଛୁ ଆମର ଏହି ପ୍ରୟାସ ପରୀକ୍ଷାର୍ଥୀମାନଙ୍କୁ କିଛି ମାତ୍ରାରେ ସହାୟକ ହୋଇଥିବ । ପରୀକ୍ଷାରେ ପିଲାମାନଙ୍କର ମନୋନିବେଶକୁ ଦୃଷ୍ଟିରେ ରଖି ଆଜିଠାରୁ ଏହି ସ୍ତମ୍ଭକୁ ଏଥର ପାଇଁ ସ୍ଥଗିତ ରଖୁଛୁ । ଏଥି ସହିତ ଦଶମ ବୋର୍ଡ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ସଫଳତା ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ।

ଶୁଭେଚ୍ଛା ସହ: 'ସକାଳ' ପରିବାର



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୯୧- ଅମୃତ ବଜାର ପତ୍ରିକାର ଦୈନିକ ପ୍ରକାଶନ ଆରମ୍ଭ ହେଲା।
- ୧୯୧୫- ଗୋପାଳ କୃଷ୍ଣ ଗୋଖ୍‌ଲେଙ୍କ ଦେହାନ୍ତ।
- ୧୯୮୬- ଦେଶରେ ପ୍ରଥମ କରି କମ୍ପ୍ୟୁଟରୀକୃତ ରେଳ ଆରକ୍ଷଣ ଟିକେଟର ଆରମ୍ଭ ହେଲା।
- ୧୯୯୩- ହାଇତି ନିକଟରେ ୧୫୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଜାହାଜ ସମୁଦ୍ରରେ ବୁଡ଼ି ଯାଇଥିଲା।

# ମୃତକଙ୍କ ସହ ନିକଟତର କରାଉଛି 'ଘୋଷ୍ଟ ବଟ୍'



ଚୀନ୍‌ରେ ଲୋକମାନେ ମୃତ ଲୋକଙ୍କୁ ମନେ ରଖିବା ପାଇଁ ଏକ ନିଆରା ତରିକା ଆପଣାଇଛନ୍ତି। ଏଠାରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ମାଧ୍ୟମରେ ମୃତ ଲୋକଙ୍କ ଜୀବନ୍ତ ଅବତାର ତିଆରି କରାଯାଉଛି। ମୃତକଙ୍କୁ ପୁନର୍ଜୀବିତ କରିବାର ଏହି ନିଆରା ଉପାୟ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କେବଳ ସେତିକି ନୁହେଁ, ଏହି ମୃତ ଏଆଇ ଅବତାର ସହ ସେମାନଙ୍କ ପ୍ରିୟଜନ ଘଣ୍ଟା ଘଣ୍ଟା କଥାବାର୍ତ୍ତା କରିବା ସହ ନିଜ ମନକଥାକୁ ସେମାନଙ୍କ ସେୟାର୍ କରୁଛନ୍ତି। ଏହା ଏକପ୍ରକାରର ହିଲିଂ ସେବା ହୋଇଥିବା ବେଳେ ଏହା 'ଘୋଷ୍ଟ ବଟ୍' ନାଁରେ ପରିଚିତ। ଏଭଳି ଏକ ସେବା ପ୍ରଦାନ କରୁଛି ଏଆଇ ଫାର୍ମ 'ସୁପର୍ ବ୍ରେନ୍'। ଜିଆଙ୍ଗ୍‌ସୁ ଅଞ୍ଚଳରେ ଏହି ଫାର୍ମକୁ ୨୦୨୩ ମେ' ମାସରେ ପ୍ରତିଷ୍ଠା କରାଯାଇଥିଲା। 'ଘୋଷ୍ଟ ବଟ୍' ମାଧ୍ୟମରେ କିଏ ନିଜ ମୃତ ପ୍ରେମିକ-ପ୍ରେମିକାଙ୍କ ସ୍ୱରୂପ ତିଆରି କରୁଛନ୍ତି ତ ଆଉ କିଏ ମୃତ ପୁଅ, ଝିଅ ତଥା ବୁଢ଼ା ବାପା ମାଆଙ୍କ ସ୍ୱରୂପ ତିଆରି କରୁଛନ୍ତି। ଏହି ଫାର୍ମର ପ୍ରତିଷ୍ଠାତା ଝାଙ୍ଗ୍ ଜେବେଇ କହନ୍ତି, ଏହି ଟେକ୍‌ନିକ୍ ଦ୍ୱାରା ମୃତଜନଙ୍କ ସହ ନିକଟତର ହେବାର ଏବଂ ସେମାନଙ୍କୁ ଅନୁଭବ କରିବାର ଲୋକଙ୍କୁ ସୁଯୋଗ ଦିଆଯାଉଛି। ସେହିପରି ଏହାକୁ ତିଆରି କରିବା ପାଇଁ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ କରିବାକୁ ପଛାଉ ନାହାନ୍ତି। ଏନେଇ ୩୦ ସେକେଣ୍ଡର ଏକ ଅଡିଓ ଭିଜୁଆଲ କଣ୍ଟେଣ୍ଟ ତିଆରି କରାଯାଉଛି। ଅବଶ୍ୟ ଏବେ ସୁଦ୍ଧା ଯେତେ ବି କଣ୍ଟେଣ୍ଟ ତିଆରି କରାଯାଇଛି, ସେଥିରୁ ଅଧାରୁ ଅଧିକ ନିଜ ସନ୍ତାନକୁ ହରାଇଥିବା ବୟସ୍କ ମାତାପିତା। ତେବେ ଏଆଇ ହିଲିଂ ଚାଟ୍‌ବକ୍ସ ତିଆରି କରିବା ପାଇଁ ମୃତକଙ୍କ ସ୍ୱରର କ୍ଲୋନ୍ ତିଆରି କରାଯାଏ। ପ୍ରଥମତଃ ଡିଜିଟାଲ ଚିତ୍ର ଏକ ଥ୍ରୀଡି ହ୍ୟୁମାନ ମଡେଲ ତିଆରି କରେ ଏବଂ ତା'ସହ ଏକ ଚମତ୍କାର କଣ୍ଟେଣ୍ଟ ମଧ୍ୟ ତିଆରି କରିଥାଏ। ଏଥିପାଇଁ ମୃତକଙ୍କ ଫଟୋ, ଭିଡିଓ, ଅଡିଓ ରେକର୍ଡିଂର ଆବଶ୍ୟକତା ପଡ଼ିଥାଏ। ସେହିପରି ମୃତକଙ୍କ ସମ୍ପର୍କିତ ଅଧିକ ତଥ୍ୟ ଏହାକୁ ଆହୁରି ଅଧିକ ଜୀବନ୍ତ ଓ ସୁନ୍ଦର କରିଥାଏ। ଅନ୍ୟପଟେ ଏହି ଫାର୍ମ ୬୦୦ରୁ ଅଧିକ ଲୋକଙ୍କୁ ଏହି ସେବା ପ୍ରଦାନ କରିସାରିଲାଣି।

# 'ବେବି ଜନ୍'ରେ ରକ୍ତମୁଖା ବରୁଣ

ବଲିଉଡ୍ ଅଭିନେତା ବରୁଣ ଧୱନ୍ ଏବେ ତାଙ୍କର ଆଗାମୀ ଫିଲ୍ମ 'ବେବି ଜନ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଇତିମଧ୍ୟରେ ଫିଲ୍ମର ଟିଜର୍ ଜାରି କରାଯାଇଛି। ଏହାସହିତ ଫିଲ୍ମର ପୋଷ୍ଟର ମଧ୍ୟ ସାମ୍ନାକୁ ଆସିଛି। ଏଥିରେ ବରୁଣ ଭୟାନକ ଲୁକ୍‌ରେ ଦେଖାଯାଉଛନ୍ତି। 'ବଦଲାପୁର', 'କଳଙ୍କ', 'ଦିଲ୍‌ୱାଲେ' ପରେ ପୁଣି ଥରେ ଏହି ଫିଲ୍ମ ମାଧ୍ୟମରେ ବରୁଣ ଦମ୍‌ଦାର୍ ଆକ୍ସନ୍ କରୁଥିବାର ଦେଖାଯିବେ। ବରୁଣ ନିଜେ ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଫିଲ୍ମର ପୋଷ୍ଟର ସେୟାର୍ କରିଥିଲେ। ପୋଷ୍ଟରରେ ତାଙ୍କର ମୁହଁର ଗୋଟିଏ ପାର୍ଶ୍ୱ ହିଁ ଦେଖାଯାଉଛି। ଏହାସହିତ ତାଙ୍କ ଶରୀରରେ ରକ୍ତଛିଟା ଦେଖିବାକୁ ମିଳିଛି। ବରୁଣଙ୍କ ପ୍ରଚ୍ଛଦପଟରେ ଏକ ଭିଲିଆନ୍ ମଧ୍ୟ ଦେଖିବାକୁ ମିଳୁଛି। ପ୍ରଥମେ ଏହି ଫିଲ୍ମର ନାମ 'ଭିଡି ୧୮' ହେବ ବୋଲି କୁହାଯାଉଥିଲା। ପୋଷ୍ଟରରୁ ଫିଲ୍ମର ନାମ 'ବେବି ଜନ୍' ବୋଲି ସ୍ପଷ୍ଟ ହୋଇଛି। ସାଉଥ୍‌ର ଆଗଧାଡ଼ିର



ନିର୍ଦ୍ଦେଶକ ଏଟ୍‌ଲି କୁମାର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ବରୁଣଙ୍କ ସହ କୀର୍ତ୍ତି ସୁରେଶ ଓ ବାମିକା ଗବ୍ବି ଦେଖାଯିବେ। କୀର୍ତ୍ତି ସୁରେଶ ଏହି ଫିଲ୍ମ ମାଧ୍ୟମରେ ବଲିଉଡ୍ ଡେବ୍ୟୁ କରିବେ। ଏହି ଫିଲ୍ମ ଆସନ୍ତା ମେ' ୩୧ରେ ପରଦାକୁ ଆସିବ।

# ଲବଣ ମହଲ



ଦକ୍ଷିଣ ଆମେରିକାର ଆଣ୍ଡିଜ୍ ପର୍ବତରେ ଲୁଣରେ ନିର୍ମିତ ଏକ ହୋଟେଲ ରହିଛି। ଏହାର ନାମ ପାଲାସିଓ ଡି ସାଲ। ସ୍ଥାନୀୟ ଭାଷାରେ ଏହାର ଅର୍ଥ ଲବଣ ମହଲ। ବାହାରକୁ ଏହା ବରଫରେ ତିଆରି ହୋଟେଲ ଭଳି ଦୃଶ୍ୟମାନ ହେଉଥିଲେ ବି ଏହା ସମ୍ପୂର୍ଣ୍ଣ ଭାବେ ଲୁଣରେ ତିଆରି। ହୋଟେଲ ବ୍ୟବସାୟୀ ଜୁଆନ୍ କ୍ୱେସାଦା ଭାଲ୍‌ଦା ୧୯୯୮ରେ ଏହି ହୋଟେଲଟିକୁ ତିଆରି କରିଥିଲେ। ହୋଟେଲର ଛାତଠୁ ଆରମ୍ଭ କରି କାନ୍ଥ, କବାଟ, ଫର୍ଣ୍ଣିଚର, ଝରକା, ମୂର୍ତ୍ତି ଆଦି ଲୁଣରେ ନିର୍ମାଣ ହୋଇଛି। କେବଳ ସେତିକି ନୁହେଁ, ଏଠାରେ ପରଷା ଯାଉଥିବା ଖାଦ୍ୟ ମଧ୍ୟ ସମ୍ପୂର୍ଣ୍ଣ ଲୁଣରେ ତିଆରି କରାଯାଇଥାଏ। ଏଠାରେ ଗ୍ରାହକଙ୍କୁ ଲୁଣିଆ ଖାଦ୍ୟ ପରଷାଯାଏ। ଏହାର ବାହାର ପାର୍ଶ୍ୱ, ଏପରିକି ହୋଟେଲ ଛାତର ଉପରିଭାଗ ମଧ୍ୟ ଲୁଣରେ ତିଆରି ହୋଇଛି। ଏହି ହୋଟେଲର ପ୍ରତିଟି ବଖରା ଲୁଣ ଇଟାରେ ନିର୍ମିତ ହୋଇଛି। ଅନ୍ୟପଟେ ହୋଟେଲ କୋଠରିଗୁଡ଼ିକର ଚଟାଣ ଲୁଣରେ ଆଚ୍ଛାଦିତ ଥିବାବେଳେ କେବଳ ଲୁଣ ଆସ୍ତରଣର ସୋଫାଗୁଡ଼ିକ ଆଖିକୁ ଦୃଶ୍ୟମାନ ହୋଇଥାଏ। ତେବେ ରୋଚକୀୟ କଥା ହେଉଛି, ଏଠାରେ ପର୍ଯ୍ୟଟକଙ୍କୁ ସ୍ୱାର ଅନୁଭୂତି ଦେବାପାଇଁ ସଲ୍ଟ ୱାଟର୍ ବାଥ୍ ବ୍ୟବସ୍ଥା କରାଯାଇଛି।

# ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଲାଭଦାୟକ 'ଆଇସୋମେଟ୍ରିକ୍ ବ୍ୟାୟାମ'

ସମ୍ପ୍ରତି ରକ୍ତଚାପ, ମଧୁମେହକୁ ନିୟନ୍ତ୍ରଣରେ ରଖିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାର ଔଷଧ ଖାଇବା ସହ ଘରୋଇ ଉପଚାର ମଧ୍ୟ କରିଥାନ୍ତି। ଏଭଳି କ୍ଷେତ୍ରରେ ବୈଜ୍ଞାନିକମାନେ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଏକ ନିଆରା ଓ ପ୍ରଭାବୀ ଉପାୟ ଖୋଜି ପାଇଛନ୍ତି। ବ୍ରିଟିଶ ଜର୍ଣ୍ଣାଲ ଅଫ୍ ରିପୋର୍ଟରେ ପ୍ରକାଶିତ ଏକ ଗବେଷଣାରୁ ଜଣାପଡ଼ିଛି ରକ୍ତଚାପକୁ ହ୍ରାସ କରିବାରେ ସାହାଯ୍ୟ କରିବ 'ଆଇସୋମୋଟ୍ରିକ୍ ବ୍ୟାୟାମ।' କାନ୍ଥ ସାହାଯ୍ୟରେ ଚୌକି ଭଳି ବସିବା ହେଉଛି ଆଇସୋମେଟ୍ରିକ୍ ବ୍ୟାୟାମ। ଅନ୍ୟ ବ୍ୟାୟାମ ତୁଳନାରେ ଏହା ରକ୍ତଚାପକୁ ଭଲଭାବେ ନିୟନ୍ତ୍ରିତ କରିଥାଏ। ଗବେଷଣାରୁ ଜଣାଯାଇଛି ଯେ, ସପ୍ତାହରେ କେବଳ ତିନିଥର ୮-୮ ମିନିଟ୍ ଆଇସୋମେଟ୍ରିକ୍ ବ୍ୟାୟାମ କରିବା ରକ୍ତଚାପ ରୋଗୀଙ୍କ ପାଇଁ ଲାଭପ୍ରଦ। ବିଶେଷଜ୍ଞଙ୍କ ଅନୁସାରେ, ନିୟମିତ ଯେକୌଣସି ବ୍ୟାୟାମ ଦ୍ୱାରା ଉଚ୍ଚ ରକ୍ତଚାପକୁ ଠିକ୍ କରିବା ଯଦିଓ ସମ୍ଭବ, ତଥାପି ଯେଉଁମାନେ ରକ୍ତଚାପ ପାଇଁ ନିୟମିତ ଔଷଧ ଖାଉଛନ୍ତି, ସେମାନେ ଅନ୍ୟାନ୍ୟ ବ୍ୟାୟାମ ସହିତ ଆଇସୋମେଟ୍ରିକ୍ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏହି ବ୍ୟାୟାମ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ।



# କେଉଁ ଶିବଲିଙ୍ଗ ପୂଜାରୁ କ'ଣ ଫଳ



**ସନାତନ ଧର୍ମଧାରାରେ କାହିଁ କେଉଁ କାଳରୁ ଶିବଲିଙ୍ଗର ପୂଜା ପ୍ରଚଳିତ। ଶିବଲିଙ୍ଗ ହେଉଛି ଦେବଦେବ ମହାଦେବଙ୍କ ନିର୍ଗୁଣ ବ୍ରହ୍ମସତ୍ତାର ପ୍ରତୀକ ବା ନିରାକର ସ୍ୱରୂପ। ଆମେ ମୁଖ୍ୟତଃ ଶିଳା ଶିବଲିଙ୍ଗ ପୂଜା ଦେଖିବାକୁ ପାଇଥାଉ। କିନ୍ତୁ ବିଶେଷ କ୍ଷେତ୍ରରେ ଫଳପ୍ରାପ୍ତି ପାଇଁ ଭକ୍ତମାନେ ତାଙ୍କୁ ଅନ୍ୟାନ୍ୟ ସ୍ୱରୂପରେ ପୂଜା କରିଥାନ୍ତି। ତେବେ କେଉଁ ଶିବଲିଙ୍ଗକୁ ପୂଜିଲେ, କେଉଁ ଫଳ ମିଳେ, ସେ ସମ୍ପର୍କରେ ଜାଣିବା।**

- ଫୁଲରେ ତିଆରି ଶିବଲିଙ୍ଗକୁ ପୂଜା କରିବା ଦ୍ୱାରା ଭୂମି ଓ ଭବନ ପ୍ରାପ୍ତି ହୁଏ।
- ରୁପା ଶିବଲିଙ୍ଗକୁ ପୂଜା କରିବା ଦ୍ୱାରା ପିତୃଦୋଷରୁ ମୁକ୍ତି ମିଳେ। ଏଣୁ ପିତୃ ଦୋଷରୁ ମୁକ୍ତି ପାଇବା ପାଇଁ ଏହି ଶିବଲିଙ୍ଗରେ ଅଭିଷେକ କରିବା ଶୁଭ।
- ବିଭିନ୍ନ ପ୍ରକାର କଥାକୁ ନେଇ ଚିନ୍ତିତ ଥିଲେ, ପିତ୍ତଳ ଶିବଲିଙ୍ଗକୁ ଅଭିଷେକ କରାଇବା ଉଚିତ। ଏହା ଦ୍ୱାରା ସୁଖ ପ୍ରାପ୍ତି ହୁଏ।
- ସ୍ଫଟିକ ଶିବଲିଙ୍ଗକୁ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରା ହେଉଥିବା ବିଶ୍ୱାସ କରାଯାଏ।
- ତେବେ ନୀତିନିୟମରେ ଏହି ସମସ୍ତ ଶିବଲିଙ୍ଗକୁ ପୂଜିବା ଦ୍ୱାରା ମାନସିକ ପୂରଣ ହୁଏ।

# ବହିରେ ମୟୂର ଚୂଳ



**ହିନ୍ଦୁ ଧର୍ମରେ ମୟୂର ଚୂଳକୁ ଶୁଭ ବୋଲି ବିବେଚନା କରାଯାଏ। ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟ ମୟୂର ଚୂଳ ବା ମୟୂର ଚନ୍ଦ୍ରିକା। ଏହାବାଦ୍ ମା' ସରସ୍ୱତୀ, ମା' ଲକ୍ଷ୍ମୀ, ଦେବରାଜ ଇନ୍ଦ୍ର, କାର୍ତ୍ତିକେୟ, ଗଣେଶଙ୍କର ମଧ୍ୟ ପ୍ରିୟ ହେଉଛି ମୟୂର ଚୂଳ। କୁହାଯାଏ, ଘରେ ମୟୂର ଚୂଳ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ। ତା'ସହ ବହିରେ ମଧ୍ୟ ମୟୂର ଚୂଳକୁ ରଖାଯାଏ। ଏଥିରୁ ମିଳୁଥିବା ଫଳ ବିଷୟରେ ଜାଣିବା।**

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ବହିରେ ମୟୂର ଚୂଳ ରଖିବା ଶୁଭ। ଏହାଦ୍ୱାରା ଛାତ୍ରଙ୍କ ମନ ପଢ଼ାରେ ଲାଗିଥାଏ। ଏହା ଦ୍ୱାରା ଜ୍ଞାନ ବଢ଼େ ଓ ଅଜ୍ଞାନତା ଦୂର ହୁଏ।
- ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କର ଆଶୀର୍ବାଦ ପ୍ରାପ୍ତି ହୁଏ।
- ସକାରାତ୍ମକ ଶକ୍ତି ସଞ୍ଚାର ହୁଏ ଏବଂ ଏକାଗ୍ରତା ବୃଦ୍ଧି ପାଏ।

# ସ୍ମୃତି

## ଗୀତାବାଣୀ

ଶ୍ରେୟାନ୍ ଦ୍ରବ୍ୟମୟାଦ୍‌ଯଜ୍ଞାଜ୍‌ଜ୍ଞାନଯଜ୍ଞଃ ପରନ୍ତପ।
ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥୩୩॥



ହେ ପରନ୍ତପ ଅର୍ଜୁନ! ଦ୍ରବ୍ୟମୟ ଯଜ୍ଞଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ। ସମସ୍ତ କର୍ମ ଓ ପଦାର୍ଥ ଜ୍ଞାନ (ତତ୍ତ୍ୱଜ୍ଞାନ)ରେ ସମାପ୍ତ ବା ଲୀନ ହୋଇଯାଏ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୩୩)

# ମାଘ ପୂର୍ଣ୍ଣିମା



**ଶେଷ ହେବାକୁ ଯାଉଛି ପବିତ୍ର ମାଘ ମାସ। ଆଉ ଦିନ କେଇଟାରେ ପଡ଼ିବ ମାଘ ପୂର୍ଣ୍ଣିମା। ମାଘବ୍ରତ ସମାପନର ଦିନ। ଏହି ପୂର୍ଣ୍ଣିମାର ଅନ୍ୟ ନାମ ଅଗିରା ବା ଅଗି ଜଳା ପୂର୍ଣ୍ଣିମା। ବିଭିନ୍ନ ସ୍ଥାନରେ ନିଆଁ ଜାଳି ଶୀତକୁ ବିଦାୟ ଦିଆଯାଇଥାଏ। ଏହିଦିନ ଦାନ, ଜପ, ତପ କରିବା ଦ୍ୱାରା ଶୁଭଫଳ ମିଳିଥାଏ। ତେବେ ପୌରାଣିକ ଆଖ୍ୟାନୁସାରେ, ମାଘ ସ୍ନାନ କରୁଥିବା ଲୋକଙ୍କୁ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତି ହୁଏ।**



**ବିଶେଷତ୍ୱ:** ପୌରାଣିକ କଥାନୁସାରେ, ମାଘ ମାସରେ ଦେବତାମାନେ ପୃଥିବୀପୃଷ୍ଠକୁ ଆସନ୍ତି। ତା'ସହ ମନୁଷ୍ୟ ରୂପ ଧାରଣ କରି ପ୍ରୟାଗରେ ସ୍ନାନ, ଦାନ ଓ ଜପ କରନ୍ତି। ସେଥିପାଇଁ ଏହିଦିନ ପ୍ରୟାଗରେ ଗଙ୍ଗା ସ୍ନାନ କରିବା ଖୁବ୍ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଏପରି କରିବା ଦ୍ୱାରା ସମସ୍ତ ମନସ୍କାମନା ପୂର୍ଣ୍ଣ ହେବା ସହ ମୋକ୍ଷ ପ୍ରାପ୍ତି ହୁଏ।

**ପିତୃପୁରୁଷଙ୍କୁ ଶ୍ରାଦ୍ଧ:** ଏହିଦିନ ଭଗବାନ ବିଷ୍ଣୁଙ୍କ ପୂଜା କରିବା, ପିତୃପୁରୁଷଙ୍କ ଶ୍ରାଦ୍ଧ ଦେବା ଏବଂ ଗରିବଙ୍କୁ ଦାନ ଦେବା ଅତ୍ୟନ୍ତ ଶୁଭ। ମାଘ ପୂର୍ଣ୍ଣମୀ ଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ପବିତ୍ର ନଦୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ଉଚିତ। ତା'ସହ ମଧ୍ୟାହ୍ନ କାଳରେ ଗରିବ ଓ ବ୍ରାହ୍ମଣଙ୍କୁ ଭୋଜନ ଦେଇ ଦାନ-ଦକ୍ଷିଣା ଦେବା ଦରକାର। ବିଶେଷକରି କଳା ରାଶି ଦାନ ଦେବା ଭଲ। ଏହାସହ ଏହି କଳା ରାଶିରେ ଯଜ୍ଞ ଓ ପିତୃପୁରୁଷଙ୍କ ଶ୍ରାଦ୍ଧ ଦେବାକୁ ଉତ୍ତମ ବୋଲି କୁହାଯାଇଛି।

**ଅଶ୍ୱତ୍ଥ ବୃକ୍ଷର ପୂଜା:** ହିନ୍ଦୁ ମାନ୍ୟତାନୁସାରେ, ଅଶ୍ୱତ୍ଥ ବୃକ୍ଷରେ ସମସ୍ତ ଦେବୀ-ଦେବତା ବାସ କରନ୍ତି। ଏଣୁ ଏହି ଗଛକୁ ପୂଜା କରିବା ଦ୍ୱାରା ସମସ୍ତ ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ତେବେ ମାଘ ପୂର୍ଣ୍ଣମୀରେ ଅଶ୍ୱତ୍ଥ ଗଛକୁ ପୂଜା କରିବାର ବିଶେଷ ମହତ୍ତ୍ୱ ଅଛି। ସନ୍ଧ୍ୟାରେ ଏହି ବୃକ୍ଷକୁ ପୂଜା କରି ଏହାର ଚାରିପାଖେ ପରିକ୍ରମା କରିବା ଉଚିତ। ଏହା ଦ୍ୱାରା ଧନଦାତ୍ରୀ ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଏହାଦ୍ୱାରା ଆର୍ଥିକ ସ୍ଥିତିରେ ସୁଧାର ପରିଲକ୍ଷିତ ହେବା ସହ ଧନଲାଭ ଯୋଗ ସୃଷ୍ଟି ହୁଏ। କେବଳ ସେତିକି ନୁହେଁ, ଘରୁ ନକାରାତ୍ମକ ଶକ୍ତି ବି ଦୂର ହୁଏ।

# ପାପୁଲି ରଙ୍ଗରୁ ଭଲମନ୍ଦ



**ହିନ୍ଦୁ ଧର୍ମର ବିଭିନ୍ନ ଶାସ୍ତ୍ର ମଧ୍ୟରୁ ଅନ୍ୟତମ ହସ୍ତରେଖା ଶାସ୍ତ୍ର। ଏହି ଶାସ୍ତ୍ର ମାଧ୍ୟମରେ ହାତ ରେଖାରୁ ବିଭିନ୍ନ ଲକ୍ଷଣ ଜାଣି ହୁଏ।**

- ହସ୍ତରେଖା ଶାସ୍ତ୍ରରେ କୁହାଯାଇଛି, ଯେଉଁ ଲୋକଙ୍କ ପାପୁଲି ହଳଦିଆ, ସେମାନେ ରୋଗାକ୍ରାନ୍ତ ହୋଇଥାନ୍ତି। ଏଭଳି ଲୋକ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୋଗରେ ପୀଡ଼ିତ ହୋଇଥାନ୍ତି। ତା'ସହ ଏମାନଙ୍କ ସ୍ୱଭାବ ମଧ୍ୟ ଚିଡ଼ଚିଡ଼ା ଏବଂ ଏମାନଙ୍କ ଜୀବନରେ ଆର୍ଥିକ ଉନ୍ନତି ପରିଲକ୍ଷିତ ହୋଇ ନ ଥାଏ।
- କିଛି ଲୋକଙ୍କ ପାପୁଲି ନାଲି ବା ଲାଲ୍ ରଙ୍ଗର ହୋଇଥାଏ। ଏଭଳି ଲୋକ ଆତ୍ମବିଶ୍ୱାସୀ ହୋଇଥାନ୍ତି। ତା'ସହ ଏଭଳି ବ୍ୟକ୍ତିବିଶେଷ ତରବରିଆ ଭାବେ କୌଣସି ନିଷ୍ପତ୍ତି ନେଇ ନ ଥାନ୍ତି।
- ବିଜ୍ଞାନ ଅନୁସାରେ, ଧଳା ବା ଛେତା ପାପୁଲି ରକ୍ତହୀନତାକୁ ଦର୍ଶାଏ। ମାନସିକ ସ୍ତରରେ ଏଭଳି ଲୋକ ଦୁର୍ବଳ ହୋଇଥାନ୍ତି। ଏମାନେ ଅନ୍ୟ ଉପରେ ଭରସା କରିଯାନ୍ତି। ଅନ୍ୟସହ କୌଣସି କଥା ଆଲୋଚନା କରିବାକୁ ଏପ୍ରକାର ଲୋକ ଭଲପାଆନ୍ତି ନାହିଁ।
- ସେହିପରି କିଛି ଲୋକଙ୍କ ପାପୁଲି ଗୋଲାପି ଦେଖାଯାଏ। ଏଭଳି ଲୋକ ଜୀବନରେ ସୁଖ ସମ୍ପନ୍ନତା ପାଇଥାନ୍ତି। ସମାଜରେ ମାନ ସମ୍ମାନ ପ୍ରାପ୍ତି କରନ୍ତି। ଏଭଳି ଲୋକଙ୍କୁ କ୍ୟାରିୟରରେ ବି ସର୍ବଦା ସଫଳତା ମିଳିଥାଏ। ଏହାସହ ଗୋଲାପି ପାପୁଲିର ଲୋକଙ୍କ ରୁଚି ଆଧ୍ୟାତ୍ମିକ ପ୍ରତି ରହିଥାଏ।

# ମଙ୍ଗଳ ଦୋଷ ଦୂର କରିବାର ଉପାୟ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କୁଣ୍ଡଳୀରେ ମଙ୍ଗଳ ଦୋଷ ଥିଲେ ଜୀବନରେ ଅନେକ ସମସ୍ୟା ଦେଖା ଦିଏ। ଏହା ଦ୍ୱାରା ଶାରୀରିକ କଷ୍ଟ, ଆର୍ଥିକ କ୍ଷତି, ବୈବାହିକ ଜୀବନରେ ସମସ୍ୟା ଦେଖାଦେବା ତଥା ବିଳମ୍ବିତ ବିବାହ ଆଦି ସମସ୍ୟା ଉପୁଜେ। ତେବେ ମଙ୍ଗଳ ଦୋଷକୁ ଦୂର କରିବା ପାଇଁ ଜ୍ୟୋତିଷ ଶାସ୍ତ୍ରରେ କିଛି ପ୍ରତିକାର ବ୍ୟବସ୍ଥା ରହିଛି।**



- ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି, ମଙ୍ଗଳ ଗ୍ରହକୁ ପୂଜା କରିବା ଦ୍ୱାରା ମଙ୍ଗଳ ଦୋଷର ପ୍ରଭାବ କମ୍ ହୋଇଥାଏ। ମଙ୍ଗଳବାର ହନୁମାନଙ୍କ ପୂଜା କରିବା ଦ୍ୱାରା ଏହାର ପ୍ରଭାବ କମ୍ ହୋଇଥାଏ।
- ଲାଲ୍ ରଙ୍ଗ ମଙ୍ଗଳ ଗ୍ରହକୁ ପ୍ରତିନିଧିତ୍ୱ କରେ। ସେଥିପାଇଁ ମଙ୍ଗଳ ଦୋଷରୁ ମୁକ୍ତି ପାଇବା ପାଇଁ ଲାଲ୍ ରଙ୍ଗ ବସ୍ତ୍ର ପିନ୍ଧିବା ଶୁଭ।
- ସେହିପରି ନାଲି ରଙ୍ଗ ବସ୍ତ୍ର ମଧ୍ୟ ମଙ୍ଗଳବାର ଦାନ କରିପାରିବେ।
- ମଙ୍ଗଳ ଗ୍ରହକୁ ଶାନ୍ତ କରିବା ପାଇଁ ଯଜ୍ଞ ବି କରିପାରିବେ।
- ଏହାବାଦ୍ ପ୍ରତି ମଙ୍ଗଳବାର ଦିନ ମଙ୍ଗଳ ଗ୍ରହ ସ୍ତୋତ୍ର ପାଠ କରିବା ଉଚିତ।

## ଜୟସ୍ୱାଲଙ୍କ ଦ୍ୱିଶତକ, ଜାଡେଜା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

# ଇଂଲଣ୍ଡକୁ ୪୩୪ ରନ୍‌ରେ ହରାଇଲା ଭାରତ



**ରାଜକୋଟ, ୧୮।୨(ଏଜେନ୍ସି)**

ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ (୨୧୪*)ଙ୍କ ଦ୍ୱିଶତକ ଓ ବାମହାତି ସ୍ପିନର ରବିନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଭାରତ ୪୩୪ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଭାରତ ଖେଳିଥିବା ୫୭୭ଟି ଟେଷ୍ଟରେ ଏହା ରନ୍ ବ୍ୟବଧାନରେ ସର୍ବବୃହତ୍ ବିଜୟ। ଏହି ବିଜୟ ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଝାଡଖଣ୍ଡର ରାଞ୍ଚିରେ ଫେବୃଆରୀ ୨୩ରୁ ଆରମ୍ଭ ହେବ। ଏହି ଟେଷ୍ଟରେ ସ୍ଥାନୀୟ ଖେଳାଳି ରବିନ୍ଦ୍ର ଜାଡେଜାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ଭାରତର ପ୍ରଥମ ପାଳିରେ ୧୧୦ ରନ୍ କରିବା ସହ ଇଂଲଣ୍ଡର ଦ୍ୱିତୀୟ ପାଳିରେ ଯାଦୁକରୀ ବୋଲିଂ କରି ୫ ୱିକେଟ ଅକ୍ତିଆର କରିବା ସହ ଭାରତକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ। ବ୍ୟାଟିଂରେ ସେ ମଧ୍ୟ ପ୍ରଥମ ପାଳିରେ ୧୧୨ ରନ୍ କରିବା ସହ ଇଂଲଣ୍ଡ ପ୍ରଥମ ପାଳିରେ ୨ଟି ୱିକେଟ ନେଇଥିଲେ। ଏହା ପୂର୍ବରୁ ହାଇଦରାବାଦ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଇଂଲଣ୍ଡ ଓ ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଏହି ଟେଷ୍ଟରେ ଭାରତର ବିଜୟ ପ୍ରତିପକ୍ଷ ଇଂଲଣ୍ଡ ଦଳର ବାଜବଲ ଖେଳ ଶୈଳୀ ଉପରେ ଆଘାତ ଦେଇଛି।

### ଘରୋଇ ମାଟିରେ ଜାଡେଜାଙ୍କୁ ୫ ୱିକେଟ

ଜୟସ୍ୱାଲଙ୍କ ଅପରାଜିତ ୨୧୪ ଓ ସର୍ଫରାଜଙ୍କ ଦ୍ରୁତ ୬୮ ରନ ବଳରେ ଭାରତ ୪ ୱିକେଟରେ ୪୩୦ ରନ୍ କରି ଦ୍ୱିତୀୟ ପାଳି ଘୋଷଣା କରିଥିଲା। ଏହା ଫଳରେ ପ୍ରଥମ ପାଳିରେ ୧୨୬ ରନ୍ ଅଗ୍ରଣୀକୁ ମିଶାଇ ଭାରତ ପ୍ରତିପକ୍ଷ ଇଂଲଣ୍ଡ ଆଗରେ ୫୫୭ ରନ୍‌ର ଅତ୍ୟନ୍ତ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡ ଦ୍ୱିତୀୟ ପାଳିରେ ଭାରତୀୟ ସ୍ପିନରଙ୍କ ଚାପକୁ ମୁକାବିଲା କରି ନ ପାରି ଆତ୍ମସମର୍ପଣ କରିଦେଇଥିଲା। ବାଜ୍‌ବଲ ଶୈଳୀ ବା ଆକ୍ରମଣାତ୍ମକ କ୍ରିକେଟ ଖେଳି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଇଂଲଣ୍ଡଠାରୁ ଏପରି ଦୟନୀୟ ପ୍ରଦର୍ଶନ ଆଶା କରଯାଉ ନ ଥିଲା। ଭାରତ ପକ୍ଷରୁ ରବିନ୍ଦ୍ର ଜାଡେଜା ତାଙ୍କ ବାମହାତୀ ସ୍ପିନ୍ ବୋଲିଂରେ ଇଂଲଣ୍ଡ ବ୍ୟାଟରଙ୍କୁ ଚକ୍‌ମା ଦେଖାଇ ସର୍ବାଧିକ ୫ଜଣଙ୍କୁ ଆଉଟ କରିଥିଲେ। ଅନ୍ୟତମ ବାମହାତୀ ସ୍ପିନର କୁଲଦୀପ ଯାଦବ ୨ଟି, ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ ବୁମ୍‌ରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଇଂଲଣ୍ଡ ଦଳ ଲଢ଼େଇ ଆରମ୍ଭ କରିବା ପୂର୍ବରୁ ଅଳ୍ପ ରନ୍ ମଧ୍ୟରେ ଦୁଇ ଓପନରଙ୍କୁ ହରାଇଥିଲା। ଏହା ପରେ ଦଳର ୩ ଜଣ ପ୍ରମୁଖ ବ୍ୟାଟର ଓଲି ପୋପ୍ (୩), ଜୋ ରୁଟ୍ (୭) ଓ ଜନି ବେୟାରଷ୍ଟୋ (୪)ଙ୍କୁ ଆଉଟ କରି ଜାଡେଜା ଇଂଲଣ୍ଡର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଅଭିଜ୍ଞ ଅଧିନାୟକ ତଥା ଏଠାରେ ୧୦୦ତମ ଟେଷ୍ଟ ଖେଳିଥିବା ବେନ୍ ଷ୍ଟୋକ୍ସ (୧୫)ଙ୍କୁ ଆଉଟ କରି କୁଲଦୀପ ବଡ଼ ସଫଳତା ପାଇବା ପରେ ଟମ୍ ହର୍ଟଲୀଙ୍କୁ ଅଶ୍ୱିନ ପାଭିଲିଅନ ଫେରାଇଦେଇଥିଲେ। ଶେଷରେ ଇଂଲଣ୍ଡ ପକ୍ଷରୁ ସ୍ପିନରଙ୍କୁ ଭଲ ଖେଳୁଥିବା ବେନ ଫୋକ୍ସ ଓ ଶେଷ ଭାଗରେ ଦ୍ରୁତ ରନ୍ ସଂଗ୍ରହ କରିଥିବା ମାର୍କ ଉଡ୍ (୧୫ ବଲ୍‌ରେ ୩୩ ରନ୍, ୬ ଚୌକା, ୧ ଛକା)ଙ୍କୁ ଆଉଟ କରି ଜାଡେଜା ଭାରତର ବିଜୟ ମୁଣ୍ଡି ମାରିଥିଲେ। ଚତୁର୍ଥ ଦିନ ଶେଷଭାଗରେ ଇଂଲଣ୍ଡ ୩୯.୪ ଓଭରରେ ମାତ୍ର ୧୨୨ ରନ୍ କରି ଅଲଆଉଟ ହୋଇଯାଇଥିଲା।

### କ୍ରମାଗତ ଦ୍ୱିତୀୟ ଦ୍ୱିଶତକ

ପୂର୍ବରୁ ସକାଳେ ଭାରତ ତାହାର ଅସମାପ୍ତ ଦ୍ୱିତୀୟ ପାଳି ୨ ୱିକେଟରେ ୧୯୬ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ୬୫ ରନ୍‌ରେ ଅପରାଜିତ ଥିବା ଶୁବମାନ ଗିଲ୍ ୯୧ ରନ୍ କରିଥିବାବେଳେ ରନ୍‌ଆଉଟ ହୋଇଯାଇଥିଲେ। ଅନ୍ୟପଟେ କୁଲଦୀପ ୯୧ଟି ବଲ୍ ଖେଳି ୨୭ ରନ୍ କରିଥିଲେ। ଏମାନଙ୍କ ଆଉଟ ପରେ ଗତକାଲି ୧୦୪ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିବା ଜୟସ୍ୱାଲ ବ୍ୟାଟିଂ କରିବାକୁ ଆସିଥିଲେ। ତାଙ୍କ ସହ ପଦାର୍ପଣକାରୀ ସର୍ଫରାଜ ଯୋଗ ଦେବା ପରେ ଭାରତର ରନହାର ବୃଦ୍ଧି ପାଇଥିଲା। ଏମାନେ ବ୍ୟକ୍ତିଗତ ଲ୍ୟାଣ୍ଡମାର୍କ ଅତିକ୍ରମ କରିବା ସହ ରୋହିତ ଶର୍ମା ପାଳି ଘୋଷଣା କରିଲାବେଳକୁ ଅବିଭକ୍ତ ୫ମ ୱିକେଟ ଯୋଡ଼ିରେ ୧୫୮ ବଲରୁ ୧୭୨ ରନ୍ ଉଠାଇଥିଲେ। ଏହି ଟେଷ୍ଟରେ ପଦାର୍ପଣ କରିଥିବା ସର୍ଫରାଜ ଖାନ୍ ପ୍ରଥମ ପାଳିରେ ୬୨ ଓ ଦ୍ୱିତୀୟ ପାଳିରେ ଅପରାଜିତ ରହି ୬୮ ରନ୍ କରିଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଚମତ୍କାର ବ୍ୟାଟିଂ କରି ୨୧୪ ରନ୍‌ରେ ଅପରାଜିତ ରହିଥିଲେ। ସେ ମାତ୍ର ୨୩୬ ବଲ୍‌ରୁ ୧୪ ଚୌକା ଓ ୧୨ ଛକା ସହ ଏହି ସ୍କୋର କରିଥିଲେ। ଜେମ୍ସ ଆଣ୍ଡରସନଙ୍କ ଗୋଟିଏ ଓଭରରେ ସେ ୩ଟି ଛକା ସହ ୨୧ ରନ୍ ଉଠାଇଥିଲେ। ଚଳିତ ସିରିଜ୍‌ରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ଦ୍ୱିଶତକ ଓ ତାଙ୍କ ଜୀବନର ତୃତୀୟ ଟେଷ୍ଟ ଶତକ। ଏହା ସହ ଚଳିତ ସିରିଜ୍‌ରେ ମଧ୍ୟ ସେ ଭାରତ ପକ୍ଷରୁ ସର୍ବାଧିକ ୫୪୫ ରନ୍ କରିବାରେ ସମର୍ଥ ହୋଇଛନ୍ତି। ଏହି ଯୁବ ଖେଳାଳିଙ୍କ ବ୍ୟାଟିଂ ଲାଗି ଭାରତ ଦୁଇଟି ଟେଷ୍ଟରେ ବିପର୍ଯ୍ୟୟରୁ ରକ୍ଷା ପାଇପାରିଛି।

## ଭାରତର ରେକର୍ଡ ବିଜୟ

**ରାଜକୋଟ, ୧୮।୨(ଏଜେନ୍ସି):** ଇଂଲଣ୍ଡକୁ ୪୩୪ ରନ୍‌ରେ ହରାଇ ଏଠାରେ ଭାରତ ଟେଷ୍ଟ ଇତିହାସରେ ସର୍ବବୃହତ ରନ୍ ବ୍ୟବଧାନରେ ବିଜୟ ହାସଲ କରିଛି। ଏହା ପୂର୍ବରୁ ୨୦୨୧ରେ ନ୍ୟୁଜିଲାଣ୍ଡକୁ ୩୭୨ ରନ୍‌ରେ ହରାଇ ଭାରତ ଏହି ରେକର୍ଡର ଅଧିକାରୀ ହୋଇଥିଲା। ଅନ୍ୟପକ୍ଷରେ ଇଂଲଣ୍ଡର ଏହା ଦ୍ୱିତୀୟ ବୃହତ୍ତମ ପରାଜୟ। ଅଷ୍ଟ୍ରେଲିଆ ନିକଟରୁ ୫୬୨ ରନ୍‌ରେ ହାରି ଇଂଲଣ୍ଡ ସବୁଠାରୁ ନିକୃଷ୍ଟତମ ପରାଜୟ ବରଣ କରିଥିଲା।

**ଶତକ ଓ ୫ ୱିକେଟ:** ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ରବିନ୍ଦ୍ର ଜାଡେଜା ଭାରତର ପ୍ରଥମ ପାଳିରେ ୧୧୨ ରନ୍ କରିଥିଲାବେଳେ ଇଂଲଣ୍ଡର ଦ୍ୱିତୀୟ ପାଳିରେ ୫ ୱିକେଟ ନେଇଥିଲେ। ଗୋଟିଏ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ଗୋଟିଏ ପାଳିରେ ୫ ୱିକେଟ ନେବା ଜଣେ ଭାରତୀୟଙ୍କ ପକ୍ଷେ ଏହା ୭ମ ଅବସର। ଏହା ପୂର୍ବରୁ ଜାଡେଜା ମୋହାଲିରେ ମଧ୍ୟ ଏପରି ସଫଳତା ପାଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ (୩ଥର), ବିନୁ ମଙ୍କଡ ଓ ପଲି ଉମ୍ରିଗର ଅନ୍ୟ ଭାରତୀୟ ଖେଳାଳି ଭାବେ ଏହି ସଫଳତା ପାଇଛନ୍ତି।

**ରେକର୍ଡ ୪୮ ଛକା:** ଇଂଲଣ୍ଡ ବିପକ୍ଷ ଏହି ସିରିଜ୍‌ରେ ଭାରତୀୟ ବ୍ୟାଟରମାନେ ୪୮ଟି ଛକା ମାରିସାରିଲେଣି। ଯେ କୌଣସି ଦ୍ୱିପାକ୍ଷିକ ସିରିଜ୍‌ରେ ଏହା ବିଶ୍ୱରେ ସର୍ବାଧିକ। ପୂର୍ବରୁ ୨୦୧୯-୨୦ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ୪୭ଟି ଛକା ମାରି ଭାରତ ଏହି ରେକର୍ଡର ଅଧିକାରୀ ଥିଲା।

**ଗୋଟିଏ ପାଳିରେ ୧୨ ଛକା :** ଏହି ମ୍ୟାଚ୍‌ରେ ଅପରାଜିତ ୨୧୪ ରନ୍ କରିଥିବା ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୧୨ଟି ଛକା ମାରିଛନ୍ତି। ଏହା ଫଳରେ ସେ ଗୋଟିଏ ପାଳିରେ ୱାସିମ୍ ଆକ୍ରମ ଜିମ୍ବାୱେ ବିପକ୍ଷରେ ମାରିଥିବା ୧୨ଟି ଛକାର ବିଶ୍ୱରେକର୍ଡ ସହ ସମକକ୍ଷ ହୋଇପାରିଛନ୍ତି।

୨୨ ବର୍ଷ ଓ ୫୨ ଦିନରେ ଦ୍ୱିଶତକ ହାସଲ କରି ଜୟସ୍ୱାଲ ବିଶ୍ୱରେ ତୃତୀୟ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ସେ ମଧ୍ୟ ଭାରତର ତୃତୀୟ ତଥା ବିଶ୍ୱର ଏକାଦଶ ବ୍ୟାଟର ଭାବେ ଟେଷ୍ଟ କ୍ରିକେଟରେ କ୍ରମାଗତ ଦ୍ୱିଶତକ ହାସଲ କରିଛନ୍ତି।

**ପଦାର୍ପଣରେ ଡବଲ ଅର୍ଦ୍ଧଶତକ :** ଏଠାରେ ଜୀବନର ପ୍ରଥମ ଟେଷ୍ଟ ଖେଳିଥିବା ସର୍ଫରାଜ ଖାନ୍ ପ୍ରଥମ ପାଳିରେ ୬୨ ଓ ଦ୍ୱିତୀୟ ପାଳିରେ ଅପରାଜିତ ୬୮ ରନ୍ କରିଛନ୍ତି। ଏପରି ସଫଳତା ପାଇବାରେ ସେ ଭାରତର ଚତୁର୍ଥ ଖେଳାଳି। ତାଙ୍କ ପୂର୍ବରୁ ୧୯୩୪ରେ ଦିଲୱାର ହୁସେନ ବନାମ ଇଂଲଣ୍ଡ, ୧୯୭୧ରେ ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ୍ ଓ ୨୦୨୧ରେ ଶ୍ରେୟସ ଆୟର ବନାମ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି :** ୪୪୫ (ରୋହିତ ଶର୍ମା-୧୩୧, ରବିନ୍ଦ୍ର ଜାଡେଜା-୧୧୨, ସର୍ଫରାଜ ଖାନ୍-୬୨, ମାର୍କ ଉଡ୍-୪/୧୧୪)।

**ଇଂଲଣ୍ଡ ପ୍ରଥମ ପାଳି :** ୩୧୯ (ବେନ୍ ଡକେଟ-୧୫୩, ବେନ୍ ଷ୍ଟୋକ୍ସ-୪୧, ମହମ୍ମଦ୍ ସିରାଜ-୪/୮୪, ରବିନ୍ଦ୍ର ଜାଡେଜା-୨/୫୧, କୁଲଦୀପ ଯାଦବ-୨/୭୭)।

**ଭାରତ ଦ୍ୱିତୀୟ ପାଳି :** ୪୩୦/୪, ପାଳି ଘୋଷିତ (ଯଶସ୍ୱୀ ଜୟସ୍ୱାଲ-୨୧୪*, ଶୁବମାନ ଗିଲ-୯୧, ସର୍ଫରାଜ ଖାନ୍-୬୮*)।

**ଇଂଲଣ୍ଡ ଦ୍ୱିତୀୟ ପାଳି :** ୧୨୨ (ମାର୍କ ଉଡ୍-୩୩, ଟମ୍ ହର୍ଟଲୀ-୧୬, ରବିନ୍ଦ୍ର ଜାଡେଜା-୫/୪୧, କୁଲଦୀପ ଯାଦବ-୨/୧୯)।

## ବାରବାଟୀର ନବକଳେବର; ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ

**କଟକ,୧୮।୨(ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମ ନୂଆ ରୂପ ନେବ। ଏଥି ନିମନ୍ତେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ରାଜ୍ୟର ଏକମାତ୍ର ଏହି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ନବକଳେବର ନିମନ୍ତେ ଆସନ୍ତା ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହାଛଡ଼ା ୪୨ଟି ନୂତନ କ୍ରିକେଟ ଏକାଡେମୀ ମଧ୍ୟ ସେହିଦିନ ଉଦ୍‌ଘାଟିତ ହେବ ବୋଲି ସୂଚନା ମିଳିଛି। ପ୍ରକାଶଥାଉକି, ବାରବାଟୀ ଷ୍ଟାଡିୟମକୁ ନୂଆ ରୂପ ଦେବା ନିମନ୍ତେ ଉଦ୍ୟମ କରାଯାଉଛି। ଓସିଏର ଗତ ବାର୍ଷିକ ସାଧାରଣ ବୈଠକରେ ଏ ବାବଦରେ ଘୋଷଣା କରାଯାଇଥିଲା। ୭୦ବର୍ଷର ପୁରୁଣା ବାରବାଟୀ ଷ୍ଟାଡିୟମ। ନବକଳେବର ନିମନ୍ତେ ଆବଶ୍ୟକ ପଡ଼ିଲେ ବିଭିନ୍ନ ଗ୍ୟାଲେରୀକୁ ଭାଙ୍ଗି ଦିଆଯିବ। ନବୀକରଣର ପ୍ରିଲିମିନାରୀ ପ୍ରୋଜେକ୍ଟ ରିପୋର୍ଟ (ପିପିଆର) ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାଖଲ କରାଯିବ ବୋଲି ବୈଠକରେ କୁହାଯାଇଥିଲା। ଅନୁମତି ମିଳିବା ପରେ ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଇତି ମଧ୍ୟରେ ଏ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ଷ୍ଟାଡିୟମର ନବୀକରଣ ନିମନ୍ତେ ମୋଟ କେତେ ଟଙ୍କା ଖର୍ଚ୍ଚ କରାଯିବ ତାହା ସ୍ପଷ୍ଟ ହୋଇପାରିନାହିଁ।

● ରଣଜୀ ଟ୍ରଫିରେ ଜାମଳା ଭଞ୍ଜନଙ୍କୁ ୩ ୱିକେଟ

## ଧୂଲ ଓ ସିନ୍ଧୁଙ୍କ ଶତକ: ଦିଲ୍ଲୀ ପାଳି ଅଗ୍ରଣୀ

**କଟକ,୧୮।୨(ସମିସ)**



ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ଦିଲ୍ଲୀ ବିପକ୍ଷ ରଣଜୀ ମ୍ୟାଚ୍‌ର ଫଳାଫଳ ଅମୀମାଂସିତ ଆଡକୁ ଗତି କରୁଛି। ଓଡ଼ିଶାର ପ୍ରଥମ ପାଳି ୪୪୦ରନ ଜବାବରେ ଘରୋଇ ଦିଲ୍ଲୀ ସମସ୍ତ ୱିକେଟ ହରାଇ ୪୫୧ରନ କରିଛି। ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଥିବା ଦିଲ୍ଲୀ ୩ ପଏଣ୍ଟ ନିଶ୍ଚିତ କରିଛି। ଦିଲ୍ଲୀର ଯଶ ଧୂଲ(୧୧୨ରନ) ଏବଂ ଜଣ୍ଟି ସିନ୍ଧୁ(୧୦୫ରନ) ଶତକୀୟ ଇନିଂସ ଖେଳିଥିବା ବେଳେ ଓଡ଼ିଶା ପକ୍ଷରୁ ଜାମଳା ଭଞ୍ଜନ ମହାପାତ୍ରଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଛି। ସୋମବାର ହେଉଛି ମ୍ୟାଚ୍‌ର ଅନ୍ତିମ ଦିବସ। ତେବେ ଚଳିତ ରଣଜୀ ଟ୍ରଫିରେ ନକ୍‌ଆଉଟ ପର୍ଯ୍ୟାୟରୁ ବାଦ ପଡ଼ି ସାରିଥିବା ଉଭୟ ଓଡ଼ିଶା ଏବଂ ଦିଲ୍ଲୀ ନିମନ୍ତେ ଉକ୍ତ ମ୍ୟାଚ୍‌ର ଫଳାଫଳ ଏତେ ଗୁରୁତ୍ୱ ବହନ କରୁନାହିଁ।

ଅସମାପ୍ତ ପ୍ରଥମ ପାଳି ୧୮୭/୨ରୁ ରବିବାରର ଖେଳ ଆରମ୍ଭ କରିଥିଲା ଘରୋଇ ଦିଲ୍ଲୀ ଦଳ। ଆଇପିଏଲ ତାରକା ଯଶ ଧୂଲ ୫୭ରନ ଏବଂ ଆୟୁଷ ବଦୋନୀ ୧୫ରନରେ ଅପରାଜିତ ଥିଲେ। ଦଳୀୟ ସ୍କୋରରେ ଆଉ ୩୦ରନ ଯୋଡ଼ି ହେବା ପରେ ୩ୟ ୱିକେଟର ପତନ ଘଟିଥିଲା। ବଦୋନୀଙ୍କୁ ୨୨ରନରେ ବିପ୍ଳବ ସାମନ୍ତରାୟ ଆଉଟ କରିଥିଲେ। ପରେ କ୍ରିଜକୁ ଆସିଥିବା ଅଧିନାୟକ ହିମତ ସିଂହ ଅଧିକ ସମୟ ତିଷ୍ଠି ପାରିନଥିଲେ। ୬ରନ କରିଥିବା ବେଳେ ସେ ବିପ୍ଳବଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରର ୫ମ ଶତକ ହାସଲ କରିବା ସହ ଯଶ ୧୧୨ରନରେ ପାଭିଲିୟନ ଫେରିଥିଲେ। ୨୬୬ରନରେ ଦଳ ୫ଟି ୱିକେଟ ହରାଇଥିଲା। ମାତ୍ର ୬ଷ୍ଠ ୱିକେଟ ଭାଗୀଦାରିରେ ଦିଲ୍ଲୀ ଦଳ ୧୪୭ରନ ସଂଗ୍ରହ କରି ପାଳି ଅଗ୍ରଣୀର ନିକଟତର ହୋଇଥିଲା। ଜଣ୍ଟି ସିନ୍ଧୁ ଏବଂ କ୍ଷୀତିଶ ଶର୍ମା ୪୫ଓଭର ଧରି ଓଡ଼ିଶା ବୋଲରଙ୍କୁ ସତର୍କତାର ସହ ଖେଳି ଦଳୀୟ ସ୍କୋରକୁ ୪୦୦ ପାର୍ କରାଇଥିଲେ। କ୍ଷୀତିଶଙ୍କୁ ୬୪ରନରେ କ୍ଲିନ ବୋଲ୍ଡ କରି ଓଡ଼ିଶା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍‌ଥ୍ରୁ ଦେଇଥିଲେ ଜାମଳା ଭଞ୍ଜନ ମହାପାତ୍ର। ଓଡ଼ିଶାର ସ୍ପିନ୍ ଆଟାକ ସମ୍ମୁଖରେ ଦିଲ୍ଲୀର ନିମ୍ନକ୍ରମର ବ୍ୟାଟରମାନେ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲେ। ଗୋଟିଏ ପାର୍ଶ୍ୱରୁ ଜଣ୍ଟି ୧୦୫ରନରେ ଅପରାଜିତ ଥିବା ବେଳେ ଦିଲ୍ଲୀର ଇନିଂସ ୪୫୧ରନରେ ସୀମିତ ରହିଥିଲା। କିନ୍ତୁ ସେ ଦିଲ୍ଲୀକୁ ପ୍ରଥମ ପାଳି ଅଗ୍ରଣୀ କରାଇବାରେ ସମର୍ଥ ହୋଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିବା ଜାମଳା ୩ଟି ୱିକେଟ ଦଖଲ କରିଛନ୍ତି। ବିପ୍ଳବ, ଗୋବିନ୍ଦ ଏବଂ ସୁନୀଲଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା।

● ସିକେ ନାଇଡୁ ଟ୍ରଫି

## ଓଡ଼ିଶା ୧୦୫ରେ ଅଲଆଉଟ୍

**କଟକ,୧୮।୨(ସମିସ):** ଚଳିତ ୨୩ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ରବିବାରଠାରୁ ଅନ୍ତିମ ଲିଗ ମ୍ୟାଚ୍ ଆରମ୍ଭ ହୋଇଛି। ପଞ୍ଜାବ ବିପକ୍ଷ ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଓଡ଼ିଶା ମାତ୍ର ୧୦୫ରନରେ ଅଲଆଉଟ ହୋଇଥିଲା। ବିଶ୍ୱ ବିଭବ ମୁଦୁଲି ସର୍ବାଧିକ ୩୮ରନ କରିଥିବା ବେଳେ ଅଧିନାୟକ ଅନୀଲ ପରିଡା ୧୮ରନ, ୱିକେଟ ସାଓନ ପହରିୟା ୧୬ରନ, ଶାଶ୍ୱତ ମହାନ୍ତି ୧୧ରନ କରିଥିଲେ। ପଞ୍ଜାବ ପକ୍ଷରୁ କ୍ରୀଶ ଭଗତ ଏବଂ ଇମନଜୋତ ସିଂହ ଚହଲ ୫ଟି ଲେଖାଏ ୱିକେଟ ଭାଗ ବାଣ୍ଟି ନେଇଥିଲେ। ଜବାବରେ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ପଞ୍ଜାବ ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୩ ୱିକେଟ ବିନିମୟରେ ୯୨ରନ କରିଛି। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୩ଟି ଯାକ ୱିକେଟ ଅକ୍ତିଆର କରିଛନ୍ତି।

● ତୁର୍କୀସ ମହିଳା କପ୍ ଫୁଟବଲ

## ଜାତୀୟ ଦଳରେ ପ୍ୟାରୀ ଓ ଜୁଲି





**କଟକ,୧୮।୨(ସମିସ):** ତୁର୍କୀସ ମହିଳା କପ୍ ନିମନ୍ତେ ଘୋଷିତ ଭାରତୀୟ ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ଫରୱାର୍ଡ ପ୍ୟାରୀ ଖାଖା ଏବଂ ଡିଫେଣ୍ଡର ଜୁଲି କିସାନ। ପ୍ୟାରୀ ଏବଂ ଜୁଲି ପୂର୍ବରୁ ମଧ୍ୟ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ଦୁଇ ଖେଳାଳିଙ୍କୁ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉକି, ଆସନ୍ତା ୨୧ ତାରିଖରୁ ତୁର୍କୀସ ମହିଳା କପ୍ ଆରମ୍ଭ ହେବ। ତୁର୍କୀର ଆଲାନ୍ୟା ସହରରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାରତ ସମେତ ଇଷ୍ଟୋନିଆ, ହଂକଂ, କୋସୋଭୋ ଭାଗ ନେବେ। ୨୧ ତାରିଖରେ ଇଷ୍ଟୋନିଆ ବିପକ୍ଷରେ ଭାରତ ପ୍ରଥମ ମ୍ୟାଚ ଖେଳିବ।

ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍

# ପ୍ରଥମଥର ସ୍ୱର୍ଣ୍ଣ ଜିତିଲା ଭାରତୀୟ ମହିଳା ଦଳ

**ଶାହା ଆଲାମ,୧୮।୨(ଏଜେନ୍ସି)**




ମାଲେସିଆର ଶାହା ଆଲାମରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍‌ର ୫ମ ସଂସ୍କରଣରେ ଭାରତୀୟ ମହିଳା ଦଳ ପ୍ରଥମଥର ପାଇଁ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୩-୨ରେ ଥାଇଲାଣ୍ଡକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ଏଥିସହ ପ୍ରଥମଥର ପାଇଁ କୌଣସି ପଦକ ହାସଲ କରିଛି। କିନ୍ତୁ ଭାରତୀୟ ପୁରୁଷ ଦଳ ଏଥର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେବା ସହ ପଦକ ହାସଲରୁ ବଞ୍ଚିତ ହୋଇଥିଲା। ତେବେ ଭାରତୀୟ ପୁରୁଷ ଦଳ ୨୦୧୬ ଓ ୨୦୨୦ରେ କାଂସ୍ୟ ପଦକ ହାସଲ କରିଥିଲା। ଭାରତ ଏହାପୂର୍ବରୁ ସେମିଫାଇନାଲରେ ଜାପାନକୁ ୩-୨ରେ ଓ କ୍ୱାର୍ଟର ଫାଇନାଲରେ ୩-୦ରେ ହଂକଂକୁ ହରାଇଥିଲା।

### ପୁଣି ଥରେ ନିର୍ଣ୍ଣାୟକ ମ୍ୟାଚ୍ ଜିତିଲେ ଅନମୋଲ

ଫାଇନାଲ ମୁକାବିଲାରେ ଅଭିଜ୍ଞ ପିଭି ସିନ୍ଧୁ ୨୧-୧୨, ୨୧-୧୨ରେ ସୁପାନିଡା କାଟେଥୋଙ୍ଗଙ୍କୁ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ନେଇ ଗଠିତ ଭାରତୀୟ ଯୋଡି ୨୧-୧୬, ୧୮-୨୧, ୨୧-୧୬ରେ ପ୍ରତିପକ୍ଷ ଯୋଡି ଜୋଙ୍ଗକୋଲଫାନ କିତିଥାରାକୁଲ ଓ ରବିଣ୍ଡା ପ୍ରାଜୋଂଗଜୟୀଙ୍କୁ ପରାସ୍ତ କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ କିନ୍ତୁ ଅସ୍ମିଥା ଚଲିହା ୧୧-୨୧, ୧୪-୨୧ରେ ବୁସାନନ ଓଙ୍ଗବାମ୍‌ରୁଙ୍ଗଫୋନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ଭାରତର ପ୍ରିୟା କୋଞ୍ଜେଙ୍ଗବାମ୍ ଓ ଶ୍ରୁତି ମିଶ୍ରା ଯୋଡି ୧୧-୨୧, ୯-୨୧ରେ ବେନ୍ୟାପ୍ପା ଏଗସାଇ ଓ ନୁନତାକର୍ଣ୍ଣ ଏମ୍ସାଇଙ୍କଠାରୁ ପରାସ୍ତ ହୋଇଥିଲେ। ଫଳରେ ମୁକାବିଲା ୨-୨ ବରାବର ସ୍ଥିତିରେ ପହଞ୍ଚିଥିଲା। ଶେଷରେ ୧୭ ବର୍ଷୀୟା ଅନମୋଲ ଖରବ ସେମିଫାଇନାଲ ଭଳି ପୁଣି ଥରେ ଭାରତକୁ ଫାଇନାଲର ତୃତୀୟ ତଥା ନିର୍ଣ୍ଣାୟକ ଏକକ ମ୍ୟାଚ୍‌ରେ ଜିତାଇଥିଲେ। ସେ ଚୋଇକିୱୋଙ୍ଗ୍ ପୋର୍ଣ୍ଣପିଚାଙ୍କୁ ୨୧-୧୪, ୨୧-୯ ରେ ପରାସ୍ତ କରି ଭାରତକୁ ୩-୨ରେ ବିଜୟୀ କରାଇବା ସହ ଭାରତକୁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର